


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-263 ◆SUNDAY ◆22 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୬୩ ◆ରବିବାର ◆୨୨ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ସୁନା ଦର ୨୧ ଦିନରେ ୧୧ ପ୍ରତିଶତ ହ୍ରାସ

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣ ଶନିବାର ୨୨ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଦୋହଲାଇ ଦେଇଛି। ସୁନା ଏବଂ ରୁପା ମଧ୍ୟ ଏଥିରୁ ବର୍ତ୍ତିପାରି ନାହିଁ। ବିଶ୍ୱରେ ଉତ୍ତେଜନା ବଢ଼ିଲେ ସାଧାରଣତଃ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଥିବାର ନଜିର ରହିଛି। କାରଣ ଲୋକେ ସୁରକ୍ଷିତ ନିବେଶ ପାଇଁ ସୁନା ଏବଂ ରୁପାକୁ ବାଛିଥାନ୍ତି। ମାତ୍ର ଇରାନ ଯୁଦ୍ଧରେ ଏହି ଧାରା ସମ୍ପୂର୍ଣ୍ଣ ବଦଳି ଯାଇଛି। ଏହାକୁ ନେଇ ଦୁଇ ତିନି ମାସ ତଳେ ସୁନା ଏବଂ ରୁପା କିଣିଥିବା ବ୍ୟକ୍ତି ଚିନ୍ତିତ ହୋଇ ଯାଇଛନ୍ତି। କାରଣ ଦର ବୃଦ୍ଧିକୁ ଦେଖି ସେମାନେ ଏହି ମହଙ୍ଗା ଧାତୁ କିଣି ନେଇଥିଲେ। ମାତ୍ର ଏବେ ହ୍ରାସ ଧାରା ଜାରି ରହିଛି। ଗତ ୨୧ ଦିନରେ ସୁନା ମୂଲ୍ୟ ୧୧ ପ୍ରତିଶତ ଏବଂ ରୁପା ୨୦ ପ୍ରତିଶତ ହ୍ରାସ ପାଇଲାଣି।



ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ସୁନା ମୂଲ୍ୟ ଦ୍ରୁତଗତିରେ ବଢ଼ି ଚାଲିଥିଲା। ଗତ ବର୍ଷ ଏହାର ମୂଲ୍ୟ ପ୍ରାୟ ୭୦ ପ୍ରତିଶତ ବୃଦ୍ଧି ପାଇଥିଲା। ଗତ ଜାନୁଆରୀ ୨୯ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧.୯୨ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ମାତ୍ର ଏହାର ଚାରି ଦିନ ପରେ ଦ୍ରୁତ ହ୍ରାସ ପାଇଁ ମୂଲ୍ୟ ୧.୩୯ ଲକ୍ଷକୁ ଖସି ଆସିଥିଲା। ଏବେ ଇରାନ ଯୁଦ୍ଧ ▶ପୃଷ୍ଠା-୭

## ଅଧିକାରୀଙ୍କ ଆତ୍ମହତ୍ୟା; ଇସ୍ତଫା ଦେଲେ ମନ୍ତ୍ରୀ

■ ଚଣ୍ଡିଗଡ଼, ୨୧।୩ (ଏଜେନ୍ସି): ପଞ୍ଜାବରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଦୁର୍ନୀତି ହଟାଅ ସ୍ଲୋଗାନ ଦେଇ ସରକାର ଗଢ଼ିଥିବା ଆମ ଆଦମୀ ପାର୍ଟି (ଆପ) ଅଡ଼ୁଆରେ ପଡ଼ିଛି। ପରିବହନ ମନ୍ତ୍ରୀ ଲାଲଜିତ ଭୁଲ୍ଲରଙ୍କ ନାମ ନେଇ ଜଣେ ବରିଷ୍ଠ ଅଧିକାରୀ ଶନିବାର ଆତ୍ମହତ୍ୟା କରିଛନ୍ତି। ଅମୃତସର ଓ୍ୱାରହାଉସ କର୍ପୋରେସନର ଜିଲ୍ଲା ମ୍ୟାନେଜର ଗଗନଦୀପ ସିଂହ ରନ୍ଧାୱା ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଜୀବନ ହାରିବା ପୂର୍ବରୁ ସେ ୧୨ ସେକେଣ୍ଡର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଜାରି କରିଥିଲେ। ଏହି ଭିଡିଓରେ



ସେ କହିଥିଲେ ଯେ ମନ୍ତ୍ରୀ ଭୁଲ୍ଲରଙ୍କ ଭୟରେ ମୁଁ ଦାନାଦାର ଖାଇ ଦେଇଛି; ଆଉ ବଞ୍ଚିବି ନାହିଁ। ଏହା ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତୁରନ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ସଚିବ କେଏପି ସିହ୍ନାଙ୍କୁ ସେ ମାମଲାର ତଦନ୍ତ ଦାୟିତ୍ୱ ଦେଇଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଭୁଲ୍ଲର ଅଭିଯୋଗକୁ ମିଥ୍ୟା କହିଛନ୍ତି। ଯାଞ୍ଚ ପ୍ରଭାବିତ ନ ହେବା ପାଇଁ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ଅକାଳୀ ଦଳର ବରିଷ୍ଠ ନେତା ବିକ୍ରମ ମଜାଠିଆ ଏବଂ ▶ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟ ଓ ରାଜ୍ୟସଭା କ୍ରସ୍ ଭୋଟିଂ

# ବିଜେଡିରୁ ୬ ବିଧାୟକ ନିଲମ୍ବିତ

■ ଭୁବନେଶ୍ୱର, ୨୧।୩ (ସମିସ): ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିବା ବିଜେଡିର ୬ ବିଧାୟକଙ୍କୁ ମହଙ୍ଗା ପଡ଼ିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଶନିବାର ସଂପୃକ୍ତ ୬ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ଏନେଇ ଶନିବାର ସନ୍ଧ୍ୟାରେ ବିଜେଡି କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହାସହ ଦଳର ବିଧାୟକ ଭାବେ ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଲିଖିତ ଭାବରେ ଅନୁରୋଧ କରାଯିବ ବୋଲି ବିଜେଡି ମୁଖ୍ୟ ସଚେତିକା ତଥା ପିଏସି(ରାଜନୈତିକ ବ୍ୟାପାର କମିଟି) ସଦସ୍ୟା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ପିଏସି ବୈଠକରେ ହେଲା ନିଷ୍ପତ୍ତି, ସଦସ୍ୟତା ରଦ୍ଦ ପାଇଁ ହେବ ଆବେଦନ**

**ବିଶୃଙ୍ଖଳାକୁ ବରଦାସ୍ତ କରନ୍ତିନି ନବୀନ; କାର୍ଯ୍ୟାନୁଷ୍ଠାନ ସ୍ୱାଭାବିକ ପ୍ରକ୍ରିୟା**



ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ରାଜ୍ୟସଭା କ୍ରସ୍ ଭୋଟିଂକୁ ନେଇ ବିଜେଡି ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଉକ୍ତ ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଧାୟକଙ୍କ ନିକଟରୁ ନୋଟିସର ଉତ୍ତର ହସ୍ତଗତ ହେବାପରେ ଏହାକୁ ଶୃଙ୍ଖଳା କମିଟି ବୈଠକରେ ତର୍ଜମା କରାଯାଇଥିଲା। ସେହିପରି ଶନିବାର ଅନୁଷ୍ଠିତ ବିଜେଡି ପିଏସି କମିଟି ବୈଠକରେ ମଧ୍ୟ ଏନେଇ ବିଶଦ୍ ଆଲୋଚନା ହୋଇଥିଲା। ସେମାନଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ଯଥାଯଥ ଉତ୍ତର ଦେଇ ନ ଥିବାରୁ ସେମାନଙ୍କୁ ତୁରନ୍ତ ନିଲମ୍ବନ କରାଯିବାକୁ ନିଷ୍ପତ୍ତି ନିଆଯାଇ ଦଳର ସଭାପତିଙ୍କୁ ସୁପାରିସ କରାଯାଇଥିଲା। ଏହି ସୁପାରିସ ଆଧାରରେ ସଭାପତିଙ୍କ ଆଦେଶରେ ତୁରନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ▶ପୃଷ୍ଠା-୭

### ରାଜ୍ୟସଭା ଭୋଟ ଅସଂଗତି

## ଆଇନଗତ ଲଢ଼େଇକୁ ଓହ୍ଲାଇବ ବିଜେଡି

■ ଭୁବନେଶ୍ୱର, ୨୧।୩ (ସମିସ): ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ଭୋଟ୍ ଅସଂଗତି ହୋଇଥିବା ଅଭିଯୋଗ କରିଛି ବିଜେଡି। ବିଜେପି ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମତଦାନ ବେଳେ ଦ୍ୱିତୀୟ ବାଲାଟ ପେପର୍ ବ୍ୟବହାର କରିବା ସମ୍ପୂର୍ଣ୍ଣ ଅବୈଧ ବୋଲି ବିଜେଡି କହିଛି। ତେଣୁ ଏହି ଦୁଇଟି ଭୋଟ୍‌କୁ ନାକଚ କରିବା ପାଇଁ ଦଳ ଆଇନଗତ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଦଳର ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶନିବାର ଦଳର ପିଏସି ବୈଠକ ପରେ ଶ୍ରୀମତି ମଲ୍ଲିକ କହିଛନ୍ତି ଯେ ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ▶ପୃଷ୍ଠା-୭

**ଉପାସନା ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଭୋଟ ନାକଚ ଦାବି**

### ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

## ୪,୦୦୦ କିମି ଦୂରଭେଦୀ ମିସାଇଲ ଆକ୍ରମଣ କରି ଚକିତ କଲା ଇରାନ



**ଗୁପ୍ତ ସାମରିକ କ୍ଷମତା ନେଇ ବଢ଼ିଲା ଚିନ୍ତା**

**ଡିଏଗୋ ଗାର୍ସିଆ ଉପରେ ବିଫଳ ଆକ୍ରମଣ ସତ୍ତ୍ୱେ ସହଯୋଗୀ ଦେଶଗୁଡ଼ିକୁ ବଡ଼ ବିପଦ ବୋଲି କହିଲା ବ୍ରିଟେନ**

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଭାରତ ମହାସାଗରରେ ଅବସ୍ଥିତ ଆମେରିକା ଓ ବ୍ରିଟେନର ମିଳିତ ସାମରିକ ଘାଟି ଡିଏଗୋ ଗାର୍ସିଆ ଉପରକୁ ଇରାନ ଦ୍ୱାରା ବାଲିଷ୍ଟିକ ମିସାଇଲ ନିକ୍ଷେପ କରାଯାଇଥିବା ଖବର ଏବେ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଏହି ଘଟଣା ଇରାନର ପ୍ରକୃତ ସାମରିକ ଶକ୍ତି, କ୍ଷମତା ଓ ଏହାର ପରିସରକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଏବେ ଯୁଦ୍ଧର ସୀମା ଓ ରଣନୀତିକ ଭୂଗୋଳକୁ ଏକ ନୂଆ ମୋଡ଼ ଦେଇଛି। ଇରାନ ସାର୍ବଜନୀନ ଭାବେ ସ୍ୱୀକାର କରିଛି ଯେ, ତା'ର କ୍ଷେପଣାସ୍ତ୍ରର ସୀମା ୨,୦୦୦ କିଲୋମିଟର ମଧ୍ୟରେ ସୀମିତ। କିନ୍ତୁ ଡିଏଗୋ ଗାର୍ସିଆ ଇରାନଠାରୁ ପ୍ରାୟ ୪,୦୦୦ କିମି ଦୂରରେ ଅବସ୍ଥିତ। ଯଦି ଇରାନ ଏହି ଦୂରତାକୁ ଲକ୍ଷ୍ୟ କରିବାକୁ ଚେଷ୍ଟା କରିଛି, ତେବେ ଏହାର ଅର୍ଥ ହେଉଛି ଇରାନ ପାଖରେ ଏମିତି କିଛି ଗୁପ୍ତ କ୍ଷମତା ଅଛି ଯାହା ବିଷୟରେ ବିଶ୍ୱ ଅବଗତ ନୁହେଁ। ଏହି ପ୍ରୟାସ ଦ୍ୱାରା ଇରାନ ଏବେ ପ୍ରମାଣ କରିବାକୁ ଚାହୁଁଛି ଯେ ଭାରତ ମହାସାଗର ଓ ଦକ୍ଷିଣ ୟୁରୋପର ଅନେକ ଅଞ୍ଚଳ ଏବେ ତାହାର ଲକ୍ଷ୍ୟଭେଦ ପରିସର ମଧ୍ୟକୁ ଆସିଯାଇଛି। ପ୍ରକୃତପକ୍ଷେ ଇରାନ ▶ପୃଷ୍ଠା-୭

### ବିଗୁଡୁଛି ମୟୂରଭଞ୍ଜର ଆଇନଶୃଙ୍ଖଳା

## ଛାତ୍ରୀଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ

■ ବାରିପଦା/କରଞ୍ଜିଆ, ୨୧।୩ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବନସାହି ଜଙ୍ଗଲରୁ ଆଜି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଶବ ଏକ ଅଖାବସ୍ତାରୁ ଉଦ୍ଧାର ହୋଇଛି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଶବକୁ ଏକ ବସ୍ତାରେ ଭର୍ତ୍ତି କରି ଜଙ୍ଗଲରେ ଫିଙ୍ଗି ଦେଇଛି। ଛାତ୍ରୀଜଣଙ୍କ କିଛି ଦିନ ହେଲା ନିଖୋଜ ଥିଲେ। ଶନିବାର ସକାଳୁ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଛାତ୍ରୀଙ୍କର ବୟସ ୧୧ବର୍ଷ ହେବ ଏବଂ ସେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ଛାତ୍ରୀଜଣଙ୍କ ନିଖୋଜ ହୋଇଯାଇଥିଲେ। ପରିବାରଲୋକ ଏ ସଂପର୍କରେ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଏହାକୁ ଗୁରୁତ୍ୱ ଦେଇନଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଆଜି ସକାଳ ପ୍ରାୟ ୭ଟାରେ ବଣସାହି ନିକଟସ୍ଥ ଘଞ୍ଚ ଜଙ୍ଗଲରେ କରଞ୍ଜକାଠି ଆଣିବାକୁ ଯାଇଥିବା ଜଣେ ମହିଳା ଏକ ସନ୍ଦେହଜନକ ବସ୍ତା ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ବସ୍ତା ଭିତରୁ ମୃତଦେହ ▶ପୃଷ୍ଠା-୭



**ଅଖାବସ୍ତାରୁ ଉଦ୍ଧାର ହେଲା ମୃତଦେହ**

### ରାଜଧାନୀର ଭିଭିଆଇପି ଅଞ୍ଚଳରେ ଆତଙ୍କ ଖେଳାଇଲେ ୨୦ ଦୁର୍ବୃତ୍ତ

# ପ୍ରତାପ ଜେନାଙ୍କ ଘର ଉପରେ ସଂଘବଦ୍ଧ ଆକ୍ରମଣ

■ ଭୁବନେଶ୍ୱର, ୨୧।୩ (ସମିସ): ରାଜଧାନୀରେ ପୂର୍ବତନ ମନ୍ତ୍ରୀଙ୍କୁ ଟାର୍ଗେଟ କରି ତାଙ୍କ ଘର ଉପରକୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ ହୋଇଛି। ୟୁନିଟ-୬ସ୍ଥିତ ଭିଭିଆଇପି ଅଞ୍ଚଳର ବିଧାୟକମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସରକାରୀ ବାସଭବନରେ ପ୍ରବେଶ କରି ଦୁର୍ବୃତ୍ତମାନେ ନାରକୀୟ କାଣ୍ଡ ଘଟାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ୧୫ରୁ ୨୦ଜଣ ଅସାମାଜିକ ଯୁବକ ଏକାଧିକ ବାଇକରେ ଆସି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କ ୟୁନିଟ-୬ କ୍ୱାର୍ଟର୍ସ ନଂ ଭିଆଇଆର୍/୫ ସମ୍ମୁଖରେ ପହଞ୍ଚି ଫାଟକ ସମ୍ମୁଖରେ ବାଣ ଫୁଟାଇଲେ। ପ୍ରଥମେ ଶ୍ରୀ ଜେନା ଅଛନ୍ତି କି ନାହିଁ ବୋଲି ପଚାରିଥିଲେ। ନାହାନ୍ତି ଜାଣିବା ପରେ ଘର ସାମ୍ନାରେ ଏକାଧିକ ବାଣ ଫୁଟାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କ୍ୟାମ୍ପସ ଭିତରେ ଧସେଇ ପଶିଲେ। ଏହାକୁ ବିରୋଧ କରିବାରୁ ପ୍ରତାପଙ୍କ ଘରେ ଥିବା ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ଗେଟ୍‌କୁ ଦୁଇଟି ବୋମା ମାଡ଼ କରିଥିଲେ। ବନ୍ଧୁକରେ ଫଲ୍ସ ଫାୟରିଂ କରି ଡରାଇବା ସହ ପ୍ରତାପଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶ୍ରୀ ଜେନାଙ୍କ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ପରେ ଏକ ଘଣ୍ଟା ଧରି ଘଟଣାସ୍ଥଳରେ ମାରିବୁ, ହାଣିବୁ କହି ଆତଙ୍କରାଜ ସୃଷ୍ଟି କଲେ। ଏହାର ଭିଡିଓକୁ ରେକର୍ଡ କରି ସୋସିଆଲ ମିଡିଆରେ ଭାଇରାଲ କଲେ। କିନ୍ତୁ ଘଟଣାସ୍ଥଳରେ ପୁଲିସର ଦେଖା ମିଳି ନ ଥିଲା। ନାଇଟ୍ ପେଟ୍ରୋଲିଂ, ନାକା ବ୍ଲକିଂ ସବୁକିଛି ଫେଲ୍ ମାରିଥିଲା। ସୋସିଆଲ୍ ମିଡିଆରେ ପ୍ରତାପ ଭିଡିଓ ପୋଷ୍ଟ କରି ସୁରକ୍ଷା ଲୋଡ଼ିବା ସହ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଜଣାଇ ▶ପୃଷ୍ଠା-୭



**ଘର ଆଗରେ ବାଣ ଫୁଟାଇ ସିକ୍ୟୁରିଟି ଗାର୍ଡଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଲେ**

**ଜୀବନରୁ ମାରିଦେବା ପାଇଁ ପ୍ରତାପଙ୍କୁ ଧମକ; ବଢ଼ିଲା ଘରର ସୁରକ୍ଷା**

**ଚାପ ବଢ଼ିବା ପରେ ୨ଜଣଙ୍କୁ ବାନ୍ଧିଲା ପୁଲିସ, ଲାଗିଲା ହତ୍ୟା ଅଭିଯୋଗ ଦଫା**

### ନବୀନଙ୍କ ଦୃଢ଼ ନିନ୍ଦା

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ କୁଶାସନର ନଗ୍ନ ଉଦାହରଣ

■ ଭୁବନେଶ୍ୱର,୨୧।୩(ସମିସ): ବିଜେଡିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ଉପରେ ଶୁକ୍ରବାର ରାତିରେ ହୋଇଥିବା ସଶସ୍ତ୍ର ଆକ୍ରମଣକୁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେଉଁମାନେ ଟଙ୍କା ବଳରେ ଗଣତନ୍ତ୍ରକୁ ଅପମାନିତ କଲେ, ସେମାନଙ୍କ ନିର୍ଦ୍ଦେଶରେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ହିଂସାକାଣ୍ଡ ଭିଆଇଲେ। ଏହା ଦୁଇଟି ଅଲଗା ଘଟଣା ନୁହେଁ; ବରଂ କୁଶାସନ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ▶ପୃଷ୍ଠା-୭



**"ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ନ୍ତୁ ମୁଖ୍ୟମନ୍ତ୍ରୀ"**

## ସ୍କୁଲ ରାତ୍ର ଜଗୁଆଳିଙ୍କୁ ହତ୍ୟା

■ ବାରିପଦା/ବୈଶିଙ୍ଗା, ୨୧।୩ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କଳମା ଛକ ନିକଟରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରାତ୍ର ଜଗୁଆଳିଙ୍କୁ ହତ୍ୟା କରିବା ସହ ସ୍କୁଲ ଅଧ୍ୟକ୍ଷାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ମୃତ ରାତ୍ର ଜଗୁଆଳିଜଣଙ୍କ ହେଲେ, ଧନାପାଳ ଅଞ୍ଚଳର ସନ୍ନ୍ୟାସୀ ଦାସ (୫୦)। ସେହିପରି ଗୁରୁତର ଅଧ୍ୟକ୍ଷା ହେଲେ, କାଦମ୍ବିନୀ ରାଉତ (୬୦)। କାଦମ୍ବିନୀଙ୍କୁ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବୈଶିଙ୍ଗା ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାସ୍ଥଳରୁ ରକ୍ତଲଗା ଏକ ପ୍ଲାଷ୍ଟିକ୍ ପାଇପ୍ ଜବତ କରିଛି। ଉକ୍ତ ପାଇପ୍‌ରେ ଦୁର୍ବୃତ୍ତମାନେ ସନ୍ନ୍ୟାସୀ ଓ କାଦମ୍ବିନୀଙ୍କୁ ଆକ୍ରମଣ କରିଥିବା ପୁଲିସ ସନ୍ଦେହ କରୁଛି। ତେବେ ଏହି ବର୍ବରୋଚିତ ଆକ୍ରମଣ ପଛର କାରଣ ଅସ୍ପଷ୍ଟ ଥିବା ବେଳେ ଲୁଟ୍ ଉଦ୍ଦେଶ୍ୟରେ ହୋଇଥିବା ସନ୍ଦେହ କରାଯାଉଛି। ▶ପୃଷ୍ଠା-୭

**ସ୍କୁଲ ଅଧ୍ୟକ୍ଷା ସଂକଟାପନ୍ନ, କଟକ ସ୍ଥାନାନ୍ତର**

### ବିଶ୍ୱର 'ବସ୍' ହେବାକୁ ଯାଇ ଫସିଗଲେ ଟ୍ରମ୍ପ

# ଇରାନ ତୈଳ କ୍ରୟରୁ ହଟାଇଲେ କଟକଣା

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ନୋବେଲ ଶାନ୍ତି ନ ପାଇ ଅଶାନ୍ତ ହୋଇ ପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବସ୍ ହେବାକୁ ଚାହୁଁଛନ୍ତି। ସେ ଭେନେଜୁଏଲା ପରି ଇରାନକୁ କବ୍‌ଜା କରିବେ ବୋଲି ଭାବି ଥିଲେ। ଭେନେଜୁଏଲା ତୈଳ ଭଣ୍ଡାରକୁ ନିଜ ନିୟନ୍ତ୍ରଣରେ ନେଇଥିବା ଟ୍ରମ୍ପ ଇରାନରେ ସମାନ ପଦକ୍ଷେପ ନେବାକୁ ଯୋଜନା କରିଥିଲେ। ମାତ୍ର ଏହା ସଫଳ ହୋଇପାରି ନାହିଁ। ଏଥିପାଇଁ ଟ୍ରମ୍ପ ଫସି ଯାଇଛନ୍ତି। ଇରାନର ପ୍ରତି ଆକ୍ରମଣରେ ଇସ୍ରାଏଲ, ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଗୁଡ଼ିକ ଘାଇଲା ହୋଇ ଯାଇଛନ୍ତି। ଉପସାଗରୀୟ ଦେଶରେ ଥିବା ଆମେରିକା ସେନା ଘାଟୀରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଇରାନ ଆତଙ୍କ ସୃଷ୍ଟି କରିଛି। ଇସ୍ରାଏଲର ଆକ୍ରମଣକୁ ଜବାବ ଦେଇ ଇରାନ କାତାର ଗ୍ୟାସ୍ ଫିଲ୍ଡରେ ଆକ୍ରମଣ କରିଛି। ଏହି ସବୁ ଘଟଣାକ୍ରମ ପାଇଁ ବିଶ୍ୱରେ ଅଶୋଧିତ ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱରେ ଶକ୍ତି ସଙ୍କଟ ଘନଉଛି। ଏପରି ସ୍ଥିତିରେ ଟ୍ରମ୍ପଙ୍କ ଆସନ ଟଳମଳ ହୋଇଛି। ସେ ସହଯୋଗୀ ରାଷ୍ଟ୍ର ଏବଂ ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଛନ୍ତି। ଶେଷରେ ଯୁଦ୍ଧ ମଧ୍ୟରେ ଇରାନ ତୈଳ କ୍ରୟ ଉପରେ ଲଗାଯାଇଥିବା କଟକଣାକୁ ହଟାଇବା ପାଇଁ ଟ୍ରମ୍ପ ପ୍ରଶାସନ ବାଧ୍ୟ ହୋଇଛି। ଇରାନ ତୈଳ କ୍ରୟ ଉପରୁ ଆମେରିକା କଟକଣା ପ୍ରତ୍ୟାହାର କରି ନେଇଛି। ମାତ୍ର ୩୦ ଦିନ ପାଇଁ ଏହି ଆଶ୍ୱସ୍ତି ଦିଆଯାଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ବର୍ଦ୍ଧିତ ତୈଳ ▶ପୃଷ୍ଠା-୭



**୩୦ ଦିନ ପାଇଁ ମିଳିଲା ଆଶ୍ୱସ୍ତି**

**ବିଶ୍ୱ ବଜାରକୁ ଆସିବ ୧୪ କୋଟି ବ୍ୟାରେଲ ତୈଳ**

## ଆମେରିକା ବଜାର ଧରାଶାୟୀ

### ବୁଡ଼ିଗଲା ୯୪ ଲକ୍ଷ କୋଟି

■ ୱାଶିଂଟନ, ୨୧।୩ (ଏଜେନ୍ସି): ଇରାନ ଆକ୍ରମଣ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫସି ଯାଇଛନ୍ତି। ଏହି ଯୁଦ୍ଧ ଟ୍ରମ୍ପଙ୍କୁ ବିଚଳିତ କରିଦେଇଛି। ଚାରିପଟୁ ଘେରି ହୋଇ ପଡ଼ିଥିବା ପୋଟ୍ରସ ନିଜ ଦେଶର ଆର୍ଥିକ ସ୍ଥିତିକୁ ସମ୍ଭାଳି ପାରୁନାହାନ୍ତି। ଲୋକପ୍ରିୟତା ହରାଇ ଚାଲିଥିବା ସତ୍ତ୍ୱେ ଟ୍ରମ୍ପ ଅନ୍ୟ ଦେଶକୁ ଧମକ ଦେଇ ଚାଲିଥିବାବେଳେ ଯୁଦ୍ଧ ପାଇଁ ଆମେରିକା ସେୟାର ବଜାର ଧରାଶାୟୀ ହୋଇଯାଇଛି। କ୍ରମାଗତ ଚତୁର୍ଥ ସପ୍ତାହରେ ସେୟାର ବଜାରରେ ହ୍ରାସ ଦେଖା ଦେଇଛି। ଏସଆଣ୍ଡପି୫୦୦ ଇଣ୍ଡେକ୍ସ ଗତ ସପ୍ତାହରେ ୨.୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହା ଦ୍ୱାରା ବଜାର ପୁଞ୍ଜି ୧ ଟ୍ରିଲିୟନ ଡଲାରରୁ ଅଧିକ ▶ପୃଷ୍ଠା-୭



**ମାସକରେ ବୁଡ଼ିଲାଣି ୨୮୨ ଲକ୍ଷ କୋଟି**




## ଖାମେନେଇଙ୍କ ମୃତ୍ୟୁ ପାଇଁ ଇଦ୍ ପାଳିଲେନି ସିଆ ସମୁଦାୟ

ଜୟପୁର, ୨୧।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ରାଜସ୍ଥାନର ସିଆ ସମୁଦାୟ ଚଳିତ ବର୍ଷ ଇଦ୍ ପାଳନ ନ କରିବାକୁ ଏବଂ ଶୋକ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୮୬ ବର୍ଷୀୟ ଖାମେନେଇଙ୍କର ଆମେରିକା ଓ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏକ ବଡ଼ ଧରଣର ଆକ୍ରମଣରେ ମୃତ୍ୟୁ ଘଟିଥିବା ନେଇ ମାର୍ଚ୍ଚ ୧ରେ ଇରାନର ସରକାରୀ ଟେଲିଭିଜନ ତରଫରୁ ଘୋଷଣା କରାଯାଇଥିଲା। ସମୁଦାୟର ସଦସ୍ୟମାନେ ହାତରେ କଳା ରଙ୍ଗର ବ୍ୟାଣ୍ଡ ପିନ୍ଧିବେ ଓ ସମସ୍ତ ପାରମ୍ପରିକ ଉତ୍ସବରୁ ନିଜକୁ ଦୂରେଇ ରଖିବେ। ଆମେର ଗୋଡସ୍ଥିତ ସିଆ ଜାମା ମସଜିଦର ଇମାମ ସୟଦ ନାଜିସ ଆକବର କାଜମୀଙ୍କ କହିବା ଅନୁଯାୟୀ, ଏହି ବର୍ଷ କୌଣସି ପ୍ରକାର ଉତ୍ସବ ପାଳନ କରାଯିବ ନାହିଁ। ଘରେ ସିମେଇ କିମ୍ବା ଅନ୍ୟ କୌଣସି ମିଠା ତିଆରି ହେବ ନାହିଁ। ଲୋକମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇବେ ନାହିଁ। କୌଣସି ନୂଆ ପୋଷାକ କିଣାଯିବ ନାହିଁ କିମ୍ବା ସମ୍ପର୍କୀୟଙ୍କୁ ଉପହାର ଦିଆଯିବ ନାହିଁ। ରାଜସ୍ଥାନର ସିଆ ସମୁଦାୟ ପାଇଁ ଏହି ବର୍ଷର ଇଦ୍ ଏକ ଉତ୍ସବ ନୁହେଁ, ବରଂ ଶୋକର ସମୟ। ସେମାନେ ନିଜର ଆଧ୍ୟାତ୍ମିକ ନେତାଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ଏଭଳି କଠୋର ପଦକ୍ଷେପ ନେଇଛନ୍ତି।

## ମଥୁରାରେ ସାଧୁଙ୍କ ମୃତ୍ୟୁକୁ ନେଇ ରଣକ୍ଷେତ୍ର

ମଥୁରା, ୨୧।୩(ଏଜେନ୍ସି): ଉତ୍ତରପ୍ରଦେଶର ମଥୁରାରେ ଜଣେ ଜଣାଶୁଣା ସାଧୁ ଚନ୍ଦ୍ରଶେଖର ସିଂହ (୪୫) ଟ୍ରକ୍ ଚାପାରେ ମୃତ୍ୟୁ ହେବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକମାନେ ଦିଲ୍ଲୀ-ମଥୁରା ରାଜପଥ ଜାମ୍ କରିବା ସହ ପୁଲିସ ଉପରକୁ ପଥର ମାଡ଼ କରିଛନ୍ତି। ଫଳରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ତେବେ ଏହି ଘଟଣାକୁ ନେଇ ଦୁଇଟି ଭିନ୍ନ ମତ ଦେଖିବାକୁ ମିଳିଛି। ବାବାଙ୍କ ସମର୍ଥକମାନଙ୍କ କହିବା ଅନୁଯାୟୀ, ଶନିବାର ସକାଳେ ଏହି ଟ୍ରକରେ ଗୋ-ବଂଶ ଚାଲାଣ ହେଉଥିବା ଖବର ପାଇ ବାବା ନିଜ ଶିଷ୍ୟଙ୍କ ସହ ବାଇକ୍‌ରେ ସେହି ଟ୍ରକ୍‌ର ପିଛା କରିଥିଲେ। ସେ ଟ୍ରକ୍‌କୁ ଅଟକାଇବା ପାଇଁ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଡ୍ରାଇଭର ବେଗ ବଢ଼ାଇ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲା। ଏହା ଏକ ପରିକଳ୍ପିତ ହତ୍ୟା ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପଟେ ଏହା ଏକ ଦୁର୍ଘଟଣା ବୋଲି ପୁଲିସ କହିଛି। କୁହୁଡ଼ି ଯୋଗୁଁ ଏକ ତେଲ ବୋଝେଇ ଟ୍ରକ୍ ସାମ୍ନାରେ ଛିଡ଼ା ହୋଇଥିବା କଣ୍ଟେନରକୁ ପଛରୁ ଧକ୍କା ଦେଇଥିଲା, ଯାହା ଚାପରେ ବାବାଙ୍କ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରିବାକୁ ଚେଷ୍ଟା କରୁଥିବା ବେଳେ ହଜାର ହଜାର ଲୋକ ଆକ୍ରମଣ କରିଥିଲେ। ପୁଲିସର ୫ରୁ ୭ଟି ଗାଡ଼ି ଭାଙ୍ଗିଦିଆଯାଇଛି। ସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ ଲାଠିଚାର୍ଜ କରିବା ସହ ଲୁହବହା ଗ୍ୟାସ ପ୍ରୟୋଗ କରିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି। ୬ଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ଲୋକମାନେ ଶାନ୍ତ ପଡ଼ିଥିଲେ ଏବଂ ବାବାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## ଆଫଗାନିସ୍ତାନକୁ ଚିକିତ୍ସା ସହାୟତା ପଠାଇଲା ଭାରତ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ରାଜଧାନୀ କାବୁଲରେ ପାକିସ୍ତାନ ପକ୍ଷରୁ ହୋଇଥିବା ବିମାନ ଆକ୍ରମଣ ପରେ ଭାରତ ଆଫଗାନିସ୍ତାନକୁ ସହାୟତାର ହାତ ବଢ଼ାଇଛି। ମାର୍ଚ୍ଚ ୧୬ରେ କାବୁଲର ଏକ ନିଶା ନିବାରଣ କେନ୍ଦ୍ର ଉପରେ ପାକିସ୍ତାନ କରିଥିବା ଭୟଙ୍କର ବିମାନ ଆକ୍ରମଣରେ ୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ମାନବୀୟ ସଙ୍କଟ ସମୟରେ ଭାରତ ଶୁକ୍ରବାର ଦିନ ଆଫଗାନିସ୍ତାନକୁ ଜରୁରୀକାଳୀନ ସହାୟତା ପଠାଇଛି। ଭାରତ ୨.୫ ଟନ୍ ଓଜନର ଜରୁରୀକାଳୀନ ଔଷଧ, ମେଡିକାଲ କିଟ୍ ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ କାବୁଲକୁ ପଠାଇଛି। ପାକିସ୍ତାନର ଏହି ଜଘନ୍ୟ ଆକ୍ରମଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ଶୀଘ୍ର ଆରୋଗ୍ୟ ଓ ଉପଯୁକ୍ତ ଚିକିତ୍ସା ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି ଯେ ଭାରତ ଆଫଗାନିସ୍ତାନର ଜନସାଧାରଣଙ୍କ ସହ ସହଯୋଗିତାରେ ଛିଡ଼ା ହୋଇଛି ଓ ଏହି କଠିନ ସମୟରେ ସମସ୍ତ ସମ୍ଭାବ୍ୟ ମାନବୀୟ ସହାୟତା ଜାରି ରଖିବ। ପାକିସ୍ତାନର ଏହି ଆକ୍ରମଣକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଥିଲା।

## 'ନନ୍-କଣ୍ଟାକ୍ଟ ୱାରଫେୟାର' ପାଇଁ ଭାରତର ପ୍ରସ୍ତୁତି

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଇରାନ- ଇସ୍ରାଏଲ ଯୁଦ୍ଧ ଓ ବିଶ୍ୱରେ ବଦଳୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏବେ 'ନନ୍-କଣ୍ଟାକ୍ଟ ୱାରଫେୟାର' ଅର୍ଥାତ ବିନା ସଂଘର୍ଷରେ ଦୂରରୁ ଯୁଦ୍ଧ କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଏଥିପାଇଁ ସରକାର ୨,୧୯,୩୦୬ କୋଟି ଟଙ୍କା ବିନିମୟରେ ୬ଟି ବୃହତ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରକଳ୍ପ ଉପରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରତିରକ୍ଷା ପ୍ରକଳ୍ପର ମୁଖ୍ୟ ଆକର୍ଷଣ ହେଲା ଅନନ୍ତ ଅସ୍ତ୍ର, ସୁଦର୍ଶନ ଏସ୍-୪୦୦, ୫ମ ଓ ଷଷ୍ଠ ପିଢ଼ିର ଯୁଦ୍ଧ ବିମାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ସାଇବର ପ୍ରତିରକ୍ଷା। ଅନନ୍ତ ଅସ୍ତ୍ର ହେଉଛି ଏକ କ୍ୱିକ୍ ରିଆକ୍ସନ ସର୍ଫେସ୍-ଟୁ- ଏୟାର ମିସାଇଲ ସିଷ୍ଟମ। ଏହା ପଲକ ପଡ଼ିବା ମାତ୍ରେ ଶତ୍ରୁର ଏୟାରକ୍ରାଫ୍ଟ, ଡ୍ରୋନ ଓ ନିମ୍ନ ଅଞ୍ଚଳରେ ଉଡ଼ୁଥିବା ବିମାନକୁ ଧ୍ୱଂସ କରିବାରେ ସକ୍ଷମ। ଫେବୃଆରୀ ୧ରେ ଉପସ୍ଥାପିତ ବଜେଟରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ମୋଟ୍ ୭.୮୫ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି। ଏହା ଗତବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ବିଗତ ୧୦ ବର୍ଷ ମଧ୍ୟରେ ଏହା ପ୍ରତିରକ୍ଷା ବଜେଟରେ ସବୁଠାରୁ ବଡ଼ ବୃଦ୍ଧି। ଏହି ବୃଦ୍ଧି ପଛରେ ଅପରେସନ ସିନ୍ଦୂରର ପ୍ରଭାବ ଥିବା କୁହାଯାଉଛି, ଯାହା ପାକିସ୍ତାନ ବିରୋଧରେ ଏବେ ମଧ୍ୟ ଜାରି ରହିଛି। ସମୁଦ୍ର ମାର୍ଗରେ ଶତ୍ରୁର ଆକ୍ରମଣକୁ ବିଫଳ କରିବା ପାଇଁ 'ଆଡଭାନ୍ସ ଟର୍ପେଡୋ ଡିଫେନ୍ସ ସିଷ୍ଟମ' ଏବଂ ଆଣ୍ଟି ଡ୍ରୋନ୍ ସିଷ୍ଟମ ବିକଶିତ କରାଯାଉଛି। ଏହାସହ ଅସ୍ତ୍ର, ନାଗ ଏବଂ ଧ୍ରୁବାସ୍ତ୍ର କ୍ଷେପଣାସ୍ତ୍ର ମାର୍କ-୨ ସଂସ୍କରଣ ଉପରେ ମଧ୍ୟ କାମ ଚାଲିଛି।

# ଇରାନର ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ପୁଣି ଆକ୍ରମଣ

■ ଲେବାନନ୍‌ରେ ଇସ୍ରାଏଲର ଭୟଙ୍କର ବୋମା ମାଡ଼

■ ଆମେରିକା ସହାୟତା ମାଗିବା ଖବରକୁ ଭାରତର ପ୍ରତ୍ୟାଖ୍ୟାନ

ଦୁବାଇ/ତେହରାନ, ୨୧।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଥିବା ବେଳେ ଶନିବାର ଇରାନର ମୁଖ୍ୟ ପରମାଣୁ ସମୃଦ୍ଧକରଣ କେନ୍ଦ୍ର ନତାଞ୍ଜ ଉପରେ ପୁଣି ବିମାନ ଆକ୍ରମଣ ହୋଇଛି। ତେବେ ଏହି ଆକ୍ରମଣ ଯୋଗୁଁ କୌଣସି ପ୍ରକାର ରେଡିଓଆକ୍ଟିଭ୍ କିମ୍ବା ବିକିରଣ ଲିକ୍ ହୋଇ ନ ଥିବା ଇରାନର ସରକାରୀ ସମ୍ବାଦ ସଂସ୍ଥା 'ମିଜାନ ସୂଚନା' ଦେଇଛି। ରାଜଧାନୀ ତେହେରାନଠାରୁ ୨୨୦ କିମି ଦୂରରେ ଥିବା ଏହି କେନ୍ଦ୍ରଟି ଯୁଦ୍ଧର ପ୍ରଥମ ସପ୍ତାହରେ ମଧ ଆକ୍ରମଣ ଶିକାର ହୋଇଥିଲା। ୨୦୨୫ ଜୁନ୍‌ରେ ଇସ୍ରାଏଲ ଓ ଆମେରିକା ଦ୍ୱାରା ହୋଇଥିବା ୧୨ ଦିନିଆ ଯୁଦ୍ଧ ସମୟରେ ମଧ ଏହାକୁ ଟାର୍ଗେଟ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମରିକ ଅପରେସନ ଶେଷ ହେବାକୁ ଯାଉଛି ବୋଲି କହୁଥିବା ବେଳେ ଆମେରିକା ସେଠାକୁ ଅତିରିକ୍ତ ୨, ୫୦୦ ମାରିନ ସୈନ୍ୟ ଓ ଦୁଇଟି ଯୁଦ୍ଧ ଜାହାଜ ପଠାଉଛି।

ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ଅତି ଭୟଙ୍କର ରୂପ ଧାରଣ କରିଛି। ଇସ୍ରାଏଲର ସାମରିକ ବାହିନୀ ଲେବାନନର ରାଜଧାନୀ ବେରୁଟ୍‌ର ଦକ୍ଷିଣ ଉପକଣ୍ଠରେ ଥିବା ହିଜବୁଲ୍ଲା ଆଡ୍ଡାଗୁଡ଼ିକ ଉପରେ ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ସାରା ସହରରେ ନିଆଁ ଓ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଛି। ଅଲ ଜଜିରା ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପକ୍ଷରୁ ଅନେକ ଜନବହୁଳ ଅଞ୍ଚଳ ଖାଲି କରିବାକୁ ଚେତାବନୀ ଦିଆଯିବା ପରେ ଏହି ବୋମା ମାଡ଼ କରାଯାଇଥିଲା। ବିସ୍ଫୋରଣର ଶବ୍ଦ ସାରା ବେରୁଟ ସହରରେ ଶୁଣିବାକୁ ମିଳିଥିଲା। ଲେବାନନ କର୍ତ୍ତୃପକ୍ଷ ଅନୁଯାୟୀ, ଇସ୍ରାଏଲର



ଏହି କ୍ରମାଗତ ଆକ୍ରମଣରେ ଏପର୍ଯ୍ୟନ୍ତ ୧, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ୧୦ଲକ୍ଷରୁ ଅଧିକ ଲୋକ ନିଜ ଘରଦ୍ୱାର ଛାଡ଼ି ବିସ୍ଥାପିତ ହୋଇଛନ୍ତି। ହିଜବୁଲ୍ଲା ମଧ ଇସ୍ରାଏଲ ଉପରକୁ ପଲଟା ରକେଟ ମାଡ଼ କରିଛି।

ଇରାନ ଉପରେ ବୋମାମାଡ଼ କରିବା ପାଇଁ ଆମେରିକା ଭାରତର ପଶ୍ଚିମାଞ୍ଚଳର ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ମାଗିଥିବା ନେଇ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଓ ଖବରକୁ କେନ୍ଦ୍ର ସରକାର ଶନିବାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଖବରକୁ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛି। ସୂଚନାଯୋଗ୍ୟ ଯେ ୨୦୧୬ରେ ଭାରତ ଓ ଆମେରିକା ମଧ୍ୟରେ ଲଜିଷ୍ଟିକ ଏକ୍ସଚେଞ୍ଜ୍ ମେମୋରାଣ୍ଡମ ଅଫ୍ ଏଗ୍ରିମେଣ୍ଟ (ଏଲଇଏମ୍‌ଓଏ) ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଉଭୟ ଦେଶ ପରସ୍ପର ସାମରିକ ସୁବିଧାକୁ କେବଳ ଲଜିଷ୍ଟିକ୍ ସହାୟତା ଯଥା ଇନ୍ଧନ ଭରିବା ଓ ମରାମତି ପାଇଁ ବ୍ୟବହାର କରିପାରିବେ। କିନ୍ତୁ, ଏହି ଚୁକ୍ତି ଅଧୀନରେ କୌଣସି ଅନ୍ୟ ଦେଶର ମାଟି ବ୍ୟବହାର କରି କାହା ଉପରେ ସାମରିକ ଆକ୍ରମଣ କରିପାରିବେ ନାହିଁ। ନିକଟରେ ଆମେରିକା ଶ୍ରୀଲଙ୍କା ନିକଟରେ ଏକ ଇରାନ ଯୁଦ୍ଧ ଜାହାଜକୁ ବୁଡ଼ାଇ ଦେଇଥିଲା, ଯାହାପରେ ଭାରତର ସମ୍ପୃକ୍ତିକୁ ନେଇ ମିଥ୍ୟା ଖବର ପ୍ରସାରିତ ହୋଇଥିଲା। ଫେବୃଆରୀ ୨୮ରେ ଇସ୍ରାଏଲ ଓ ଆମେରିକା ଦ୍ୱାରା ତେହରାନ ଉପରେ ହୋଇଥିବା ଆକ୍ରମଣ ପରେ ଇରାନ ମଧ ପାଲଟା ଆକ୍ରମଣ କରିଥିଲା। ଏହି ଯୁଦ୍ଧ ପରିସ୍ଥିତି ମଧ୍ୟରେ ଗୁଜବ ଆହୁରି ତେଜିଥିଲା। ଅପରପକ୍ଷରେ ବ୍ରିଟେନ ଆମେରିକାକୁ ତା'ର ସାମରିକ ଘାଟି ବ୍ୟବହାର କରିବାକୁ ଦେଇଛି, ଯାହାଦ୍ୱାରା ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳକୁ ସୁରକ୍ଷିତ ରଖାଯାଇପାରିବ। ତେବେ ବ୍ରିଟେନ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେବାକୁ ମନା କରିଦେଇଛି।

## ପ୍ରଧାନମନ୍ତ୍ରୀ ଓ ଇରାନ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନା

**ତୈଳ, ଗ୍ୟାସ୍ କେନ୍ଦ୍ର ଉପରେ ଆକ୍ରମଣକୁ ନିନ୍ଦା**

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ଭୟଙ୍କର ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏହି ଆଲୋଚନା ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ପ୍ରଧାନମନ୍ତ୍ରୀ ଇରାନ ରାଷ୍ଟ୍ରପତିଙ୍କୁ ଇଦ୍ ଓ ଇରାନ ନବବର୍ଷ ନଭରୋଜ ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ପଶ୍ଚିମ ଏସିଆରେ ଶୀଘ୍ର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଫେରିଆସୁ ବୋଲି ମୋଦୀ ଆଶା ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଯଥା ତୈଳ ଓ ଗ୍ୟାସ୍ କେନ୍ଦ୍ର ଉପରେ ହେଉଥିବା ଆକ୍ରମଣକୁ ମୋଦୀ କଠୋର ଭାଷାରେ ନିନ୍ଦା କରିଛନ୍ତି। ସେ ଚେତାବନୀ ଦେଇ କହିଛନ୍ତି ଯେ ଏଭଳି ଆକ୍ରମଣ ଆଞ୍ଚଳିକ ସ୍ଥିରତା ପାଇଁ ବିପଦ ସୃଷ୍ଟି କରିବା ସହ ବିଶ୍ୱର ଯୋଗାଯୋଗ ଶୃଙ୍ଖଳାରେ ମଧ ବିଭ୍ରାଟ କରୁଛି। ସୂଚନାଯୋଗ୍ୟ ଯେ, ଭାରତ ଉଭୟ ଇସ୍ରାଏଲ ଓ ଇରାନ ସହ ଭଲ ସମ୍ପର୍କରେ ଅଛି। ତେଣୁ ଯୁଦ୍ଧକୁ ରୋକିବା ଏବଂ କୂଟନୈତିକ ସମାଧାନ ପାଇଁ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ନେତନ୍ୟାହୁଙ୍କ ମାଷ୍ଟର ପ୍ଲାନ**

## ମଧ୍ୟପ୍ରାଚ୍ୟର ଶକ୍ତି ମାନଚିତ୍ର ବଦଳାଇବାକୁ ଯୋଜନା

ଜେରୁଜେଲମ, ୨୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟର ଭୂ- ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ଅନୁଯାୟୀ, ଆରବ ଦେଶରୁ ଇସ୍ରାଏଲ ଦେଇ ୟୁରୋପ ପର୍ଯ୍ୟନ୍ତ ଏକ ବିଶାଳ ଗ୍ୟାସ ଓ ତେଲ ପାଇପଲାଇନ୍ ବିଛାଯିବ ଓ ଏହା ସାରା ବିଶ୍ୱ ପାଇଁ ଏକ ଏନର୍ଜି ପାଇପ୍‌ଲାଇନ୍ ସାଜିବ। ସାଉଦି ଆରବ, ୟୁଏଇ ଓ ଜୋର୍ଡାନରୁ ତେଲ ଓ ଗ୍ୟାସ୍ ଭଣ୍ଡାରକୁ ପାଇପ୍ ଲାଇନ ଜରିଆରେ ସିଧାସଳଖ ଇସ୍ରାଏଲର ହାଇଫା କିମ୍ବା ଅସଦୋଦ ବନ୍ଦରରୁ ଅଣାଯିବ। ବର୍ତ୍ତମାନ ବିଶ୍ୱର ଅଧିକାଂଶ ତୈଳ କାରବାର ହର୍ମୁଜ ପ୍ରଣାଳୀ ଦେଇ ହେଉଛି ଓ ଏଠାରେ ଇରାନର କର୍ତ୍ତୃତ୍ୱ ରହିଛି। ଇସ୍ରାଏଲର ଏହି ଯୋଜନା କର୍ଯ୍ୟକାରୀ ହେଲେ ଇରାନର ଦାଦାଗିରି ଓ ବ୍ଲାକମେଲିଂ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା ୟୁରୋପୀୟ ଦେଶଗୁଡ଼ିକ ଶକ୍ତି ପାଇଁ ରୁଷ ଉପରେ ରଖିଥିବା ନିର୍ଭରଶୀଳତା କମାଇ ପାରିବ। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଆରବ ଦେଶଗୁଡ଼ିକ କ'ଣ ନିଜର ଶକ୍ତି ସୁରକ୍ଷାର ନିୟନ୍ତ୍ରଣ ଇସ୍ରାଏଲ ହାତରେ ଦେବାକୁ ରାଜି ହେବେ? ଯଦି ନେତନ୍ୟାହୁଙ୍କ ଏହି ମାଷ୍ଟରପ୍ଲାନ ବାସ୍ତବରେ ପରିଣତ ହୁଏ, ତେବେ ଇସ୍ରାଏଲ କେବଳ ସାମରିକ ଶକ୍ତି ନୁହେଁ, ବରଂ ବିଶ୍ୱର ଏକ ପ୍ରମୁଖ ଶକ୍ତି କେନ୍ଦ୍ର ଭାବେ ଉଭା ହେବ। ଏହା ମଧ୍ୟପ୍ରାଚ୍ୟ ଇତିହାସରେ ସବୁଠାରୁ ବଡ଼ ଭୂ- ରାଜନୈତିକ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି।

## ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜକୁ ସୁରକ୍ଷିତ ଆଣିଲା ଇରାନ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ପରସ୍ଥିତି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ଗତ ସପ୍ତାହରେ ଇରାନ ନୌସେନା ଏକ ଭାରତୀୟ ଏଲ୍‌ପିଜି ଟ୍ୟାଙ୍କରକୁ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଭାବେ ବାଟ କଢ଼ାଇ ନେଇଛି। ଭାରତ ସରକାରଙ୍କ କୁଟନୈତିକ ଆଲୋଚନା ପରେ ଇରାନ ନୌସେନା ଦୁଇଟି ଭାରତୀୟ ଜାହାଜକୁ ଏହି ସମ୍ବେଦନଶୀଳ ସାମୁଦ୍ରିକ ପଥ ଦେଇ ଯିବାକୁ ଅନୁମତି ଦେଇଥିଲା। ଏହି ଜାହାଜଟି ପ୍ରାୟ ୧୦ ଦିନ ଧରି ପାରସ୍ୟ ଉପସାଗରରେ ଅଟକି ରହିଥିଲା। ଯାତ୍ରା ସମୟରେ ଜାହାଜଟି ଇରାନ ନୌସେନା ସହ କ୍ରମାଗତ ରେଡିଓ ଯୋଗାଯୋଗରେ ଥିଲା। ଇରାନ ପକ୍ଷରୁ ଜାହାଜର ପତାକା, ଗନ୍ତବ୍ୟ ସ୍ଥଳ ଏବଂ କ୍ରୁ ସଦସ୍ୟଙ୍କ ଜାତୀୟତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଜାହାଜର ସମସ୍ତ କ୍ରୁ ସଦସ୍ୟ ଭାରତୀୟ ଥିଲେ। ଯୁଦ୍ଧ ଯୋଗୁଁ ଜାହାଜଟି ନିଜର ଅଟୋମେଟିକ ଆଇଡେଣ୍ଟିଫିକେସନ ସିଷ୍ଟମ (ଏଆଇଏସ୍) ବନ୍ଦ ରଖିଥିଲା ଏବଂ ଜିପିଏସ୍ ବିଭ୍ରାଟ ଯୋଗୁଁ ଯାତ୍ରା ସମୟ ଅଧିକ ଲାଗିଥିଲା। ଏହା ଇରାନ ଉପକୂଳର ଅତି ନିକଟ ଦେଇ ଗତି କରିଥିଲା। ଥରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଓମାନ ସାଗରରେ ପହଞ୍ଚିବା ପରେ, ଭାରତୀୟ ନୌସେନାର ଜାହାଜଗୁଡ଼ିକ ଏହାକୁ ସୁରକ୍ଷିତ ଭାବେ ଭାରତ ପର୍ଯ୍ୟନ୍ତ ବାଟ କଢ଼ାଇ ଆଣିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଭାରତୀୟ ଗ୍ୟାସ କ୍ୟାରିୟର ଗୁଡ଼ିକର ସୁରକ୍ଷିତ ଯାତ୍ରା ଇରାନ ସହ ଚାଲିଥିବା କ୍ରମାଗତ କୂଟନୈତିକ ଆଲୋଚନାର ପରିଣାମ। ତେବେ ଏହା କୌଣସି ସ୍ଥାୟୀ ବ୍ୟବସ୍ଥା ନୁହେଁ ଏବଂ ପ୍ରତିଟି ଜାହାଜ ପାଇଁ ପୃଥକ ଆଲୋଚନା କରାଯାଉଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ: ଭାରତୀୟ ସାମରିକ ରଣନୀତିକାରଙ୍କ ପାଇଁ ଏକ ପରୀକ୍ଷାଗାର

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ କେବଳ ଏକ ସୁରକ୍ଷା ଚିନ୍ତା ନୁହେଁ, ବରଂ ଭାରତୀୟ ପ୍ରତିରକ୍ଷା ଯୋଜନାକାରୀଙ୍କ ପାଇଁ ଏହା ଏକ ରିଅଲ-ଟାଇମ୍ ଲାବାରାଟୋରୀ ବା ପରୀକ୍ଷାଗାର ପାଲଟିଛି। ଆଧୁନିକ ଅସ୍ତ୍ରଶସ୍ତ୍ରଗୁଡ଼ିକ ପ୍ରକୃତ ଯୁଦ୍ଧ କ୍ଷେତ୍ରରେ କିଭଳି କାମ କରୁଛି, ଭାରତ ତାହାକୁ ଅତି ନିକଟରୁ ନିରୀକ୍ଷଣ କରୁଛି। ଏହି ଯୁଦ୍ଧରୁ ଭାରତୀୟ ସାମରିକ ରଣନୀତିକାରମାନେ ବହୁତ କିଛି ଶିକ୍ଷା କରୁଛନ୍ତି। କୌଣସି ଗୋଟିଏ ଅସ୍ତ୍ର ନୁହେଁ, ବରଂ ସବୁ ଅସ୍ତ୍ରଶସ୍ତ୍ରର ସଠିକ ସମନ୍ୱୟ ହିଁ ଯୁଦ୍ଧରେ ବିଜୟୀ କରାଏ। ଭାରତ ଏହି ଯୁଦ୍ଧରୁ ଶିକ୍ଷା ନେଇ ନିଜର ପ୍ରତିରକ୍ଷା ପ୍ରଣାଳୀରେ ଥିବା ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରିବାକୁ ଯୋଜାନ କରୁଛି।

ଯୁଦ୍ଧରେ ଆମେରିକାର ଏଫ୍-୩୫, ଏଫ୍-୨୨ ଭଳି ଷ୍ଟେଲ୍‌ଥ (ରାଡ଼ାରକୁ ଧରା ଦେଉ ନ ଥିବା) ବିମାନର ପ୍ରଦର୍ଶନକୁ ଅନୁଧ୍ୟାନ କରାଯାଉଛି। ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ଭାରତ ନିଜସ୍ୱ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ 'ଏଏମ୍‌ସିଏ' ବିକଶିତ କରୁଛି। ଏଥିସହ ଭାରତ ପାଖରେ ଭାରୀ ବୋମାବର୍ଷୀ ବିମାନର ଅଭାବ ଥିବା ଏହି ଯୁଦ୍ଧରୁ ସ୍ପଷ୍ଟ ହେଉଛି। ୟୁକ୍ରେନ ଯୁଦ୍ଧ ଭଳି ଏହି ଯୁଦ୍ଧରେ ମଧ ଡ୍ରୋନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ମିଳିଛି। ଶସ୍ତା 'ଶାହେଦ-୧୩୬' ଭଳି ଡ୍ରୋନଗୁଡ଼ିକ କିଭଳି ଦାମୀ ପ୍ରତିରକ୍ଷା ପ୍ରଣାଳୀକୁ ଚକ୍‌ମା ଦେଉଛନ୍ତି, ତାହା ଭାରତ ପାଇଁ ଏକ ବଡ଼ ଶିକ୍ଷା। ଭାରତ ଏବେ ଆମେରିକାରୁ 'ପ୍ରିଡେଟର' ଡ୍ରୋନ ଆଣିବା ସହ ନିଜସ୍ୱ ଡ୍ରୋନ ଶକ୍ତି ବଢ଼ାଇବାକୁ ଚେଷ୍ଟା କରୁଛି। ସେହିପରି ଭାରତର ବ୍ରହ୍ମୋସ କ୍ଷେପଣାସ୍ତ୍ର ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ଷେପଣାସ୍ତ୍ର ଭାବେ ପରିଗଣିତ ହେଉଥିବା ବେଳେ ଇସ୍ରାଏଲର ଆଇରନ ଡୋମ୍ ଓ ଆଇରନ ବିମ୍ (ଲେଜର ପ୍ରତିରକ୍ଷା)ର ସଫଳତା ଭାରତୀୟ ବୈଜ୍ଞାନିକଙ୍କୁ ନୂଆ ଦିଗ ଦେଖାଇଛି। ଡିଆରଡିଓ ଏବେ ସୂର୍ଯ୍ୟ ନାମକ ଏକ ଡିରେକ୍ଟେଡ ଏନର୍ଜି ଅସ୍ତ୍ର ଉପରେ କାର୍ଯ୍ୟ କରୁଛି। ପୁଣି ଆମେରିକାର ବିଶାଳ ବିମାନବାହୀ ଯୁଦ୍ଧଜାହାଜ ଅର୍ଥାତ ଏୟାର କ୍ରାଫ୍ଟ କ୍ୟାରିଅରଗୁଡ଼ିକ ତୁଳାନରେ ଭାରତୀୟ ଜାହାଜଗୁଡ଼ିକର କିଛି ସୀମା ରହିଛି। ଏଥିସହ ସମୁଦ୍ର ମଧ୍ୟରେ ଗୁପ୍ତ ଅଭିଯାନ ପାଇଁ ଭାରତକୁ ଅଧିକ ପରମାଣୁ ଚାଳିତ ଆକ୍ରମଣକାରୀ ବୁଡ଼ା ଜାହାଜର ଆବଶ୍ୟକତା ରହିଛି ବୋଲି ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସ୍ପଷ୍ଟ ହୋଇଛି। ଏହାକୁ ଭାରତୀୟ ସାମରିକ ରଣନୀତିକାରମାନେ ହୃଦୟଙ୍ଗମ କରିଥିବେ ନିଶ୍ଚୟ।

## ୬ ବର୍ଷ ପରେ ଲିପୁଲେଖ ଗିରିପଥ ଦେଇ ଆରମ୍ଭ ହେବ ଭାରତ-ଚୀନ୍ ବାଣିଜ୍ୟ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ ଅବସ୍ଥିତ ଲିପୁଲେଖ ପାସ୍ ଦେଇ ଭାରତ ଓ ଚୀନ୍ ମଧ୍ୟରେ ସୀମା ବାଣିଜ୍ୟ ପୁଣି ଆରମ୍ଭ ହେବାକୁ ଯାଉଛି। ୨୦୧୯ରେ କରୋନା ମହାମାରୀ ଯୋଗୁଁ ଏହି ବାଣିଜ୍ୟ ପଥ ବନ୍ଦ ରହିଥିଲା। ପୂର୍ବରୁ ଏହି ବାଣିଜ୍ୟ 'ବାର୍ଟର ସିଷ୍ଟମ' (ଦ୍ରବ୍ୟ ବଦଳରେ ଦ୍ରବ୍ୟ) ମାଧ୍ୟମରେ ହେଉଥିଲା। କିନ୍ତୁ ଏବେ ପ୍ରଥମଥର ପାଇଁ ବାଣିଜ୍ୟ କାରବାର ଟଙ୍କା ଓ ଚୀନ୍‌ର ମୁଦ୍ରା ୟୁଆନ ମାଧ୍ୟମରେ କରାଯିବ। ଲିପୁଲେଖ ସହିତ ଶିପକି ଲା ଓ ନାଥୁ ଲା ଗିରିପଥ ଦେଇ ମଧ ବାଣିଜ୍ୟ କାରବାର ହେବ। ଏଥର ପ୍ରଥମଥର ପାଇଁ ଏହି ୩ଟି ପଥରେ ସମ୍ପୂର୍ଣ୍ଣ ରୂପେ ସଡ଼କ ମାଧ୍ୟମରେ ସାମଗ୍ରୀ ପରିବହନ କରାଯିବ। ସାଧାରଣତଃ ଏହି ବାଣିଜ୍ୟ ଋତୁ ଜୁନ୍ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଚାଲିଥାଏ। ଏହି ନିଷ୍ପତ୍ତିକୁ ନେଇ ନେପାଳ ସରକାର ଆପତ୍ତି ପ୍ରକାଶ କରିଛନ୍ତି। ନେପାଳର ଦାବି ଅନୁଯାୟୀ, ଲିମ୍ପିଆଧୁରା, ଲିପୁଲେଖ ଓ କାଲାପାନି ଅଞ୍ଚଳ ଆମର। ତେଣୁ ସେଠାରେ କୌଣସି ପ୍ରକାରର କାର୍ଯ୍ୟକଳାପ ନ କରିବାକୁ ନେପାଳ ଉଭୟ ଭାରତ ଓ ଚୀନକୁ ଅନୁରୋଧ କରିଛି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏଥିପାଇଁ ଅନାପତ୍ତି ପ୍ରମାଣପତ୍ର ଜାରି କରିସାରିଛି। ଧାରଚୁଲା ପ୍ରଶାସନକୁ ବାଣିଜ୍ୟ ପାସ ଜାରି କରିବା, ମୁଦ୍ରା ବିନିମୟ ପାଇଁ ବ୍ୟାଙ୍କ ସ୍ଥାପନ କରିବା ଏବଂ କଷ୍ଟମ ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାଣିଜ୍ୟ କେନ୍ଦ୍ରଗୁଡ଼ିକରେ ଟ୍ରାଞ୍ଜିଟ କ୍ୟାମ୍ପ, ସୁରକ୍ଷା ଓ ଚିକିତ୍ସା ସୁବିଧା ମଧ ଯୋଗାଇ ଦିଆଯିବ। ବ୍ରିଟିଶ କାଳରୁ ଏହି ପଥ ବାଣିଜ୍ୟ ଓ ତୀର୍ଥଯାତ୍ରା ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ଭାରତୀୟ ବ୍ୟବସାୟୀମାନେ ସେଠାକୁ ମସଲା, ଗୁଡ଼ ଓ କପଡ଼ା ନେଇଥାନ୍ତି।

## ଅଭିଯୁକ୍ତଙ୍କ ଫଟୋ ପୋଷ୍ଟକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

■ **ନିରପେକ୍ଷ ବିଚାର ପ୍ରକ୍ରିୟାରେ ବାଧାସୃଷ୍ଟି କରିପାରେ**

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ପୁଲିସ ଦ୍ୱାରା ଅଭିଯୁକ୍ତମାନଙ୍କ ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ତୁରନ୍ତ ଅପଲୋଡ଼ କରାଯିବାକୁ ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ ଏହାଦ୍ୱାରା ନିରପେକ୍ଷ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ ଓ ଜନସାଧାରଣଙ୍କ ମନରେ ଅଭିଯୁକ୍ତଙ୍କ ପ୍ରତି ଏକ ପୂର୍ବ ନିର୍ଦ୍ଧାରିତ ଧାରଣା ସୃଷ୍ଟି ହୋଇପାରେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ସ୍ଥିତିକୁ 'ଡିଜିଟାଲ ଆରେଷ୍ଟ' ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଛୋଟ ସହରମାନଙ୍କରେ ମୋବାଇଲ ଫୋନ ଥିବା ପ୍ରତ୍ୟେକ ବ୍ୟକ୍ତି ନିଜକୁ ଗଣମାଧ୍ୟମର ଅଂଶ ବୋଲି ମନେ କରୁଛନ୍ତି, ଯାହା ସମସ୍ୟାକୁ ଜଟିଳ କରିଛି। ଆବେଦନକାରୀଙ୍କ ଅନୁଯାୟୀ, ଅଭିଯୁକ୍ତଙ୍କୁ ହାତକଡ଼ି ପକାଇବା କିମ୍ବା ରସିରେ ବାନ୍ଧି ଅପମାନଜନକ ସ୍ଥିତିରେ ସୋସିଆଲ ମିଡ଼ିଆରେ ଦେଖାଯାଉଛି। ଏହା ସେମାନଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଉଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ତଦନ୍ତକାରୀ ସଂସ୍ଥାମାନେ ସବୁବେଳେ ନିରପେକ୍ଷ ରହିବା ଉଚିତ। ସେମାନେ ନା ପୀଡିତଙ୍କ ପକ୍ଷ ନେବା ଉଚିତ ନା ଅଭିଯୁକ୍ତଙ୍କ ପ୍ରତି ବିଦ୍ୱେଷ ରଖିବା ଉଚିତ। ହେମେନ୍ଦ୍ର ପଟେଲ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜୟମାଲ୍ୟ ବାଗଚୀ ଓ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିଥିଲେ। କୋର୍ଟ ଏଥିପାଇଁ ନୂଆ ନିୟମାବଳୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ କିଭଳି ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସୂଚନା ଦେବ, ସେଥିପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ (ଏସ୍‌ଓପି) ପ୍ରସ୍ତୁତ କରିବାକୁ ରାଜ୍ୟଗୁଡ଼ିକୁ ୩ ମାସର ସମୟ ଦେଇଛି।

କୋର୍ଟ କହିଛନ୍ତି ଯେ, ସୋସିଆଲ ମିଡିଆ ଯୋଗୁଁ ମିଡିଆ ଟ୍ରାଏଲର ବିପଦ ବଢ଼ିଯାଇଛି, ଯାହା ଆଇନ୍‌ର ପ୍ରଶାସନକୁ ପ୍ରଭାବିତ କରିପାରେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲରେ ହେବ। ସେତେବେଳକୁ ଏସ୍‌ଓପି ପ୍ରସ୍ତୁତ ହୋଇସାରିଥିବ ବୋଲି ଆଶା କରାଯାଉଛି।

**ବିଶ୍ୱର ସର୍ବାଧିକ ଆତଙ୍କବାଦ ପ୍ରଭାବିତ ଦେଶ**

# ନିଜ ଜାଲରେ ନିଜେ ଫସିଛି ପାକିସ୍ତାନ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଦଶନ୍ଧି ଦଶନ୍ଧି ଧରି ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜେ ସେହି ଜାଲରେ ଫସିଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଗ୍ଲୋବାଲ ଟେରରିଜିମ୍ ଇଣ୍ଡେକ୍ସ (ଜିଟିଆଇ) ୨୦୨୬ ତଥ୍ୟ ଅନୁଯାୟୀ, ପାକିସ୍ତାନ ପ୍ରଥମଥର ପାଇଁ ବିଶ୍ୱର ସବୁଠାରୁ ଆତଙ୍କବାଦ ଦେଶ ବିବେଚିତ ହୋଇଛି ଓ ଏ ନେଇ ପ୍ରକାଶିତ ତାଲିକାର ଶୀର୍ଷରେ ରହିଛି। ପାକିସ୍ତାନ ପାଇଁ ୨୦୨୫ ବର୍ଷ ୨୦୧୩ ପରଠାରୁ ସବୁଠାରୁ ଭୟଙ୍କର ସାବ୍ୟସ୍ତ ହୋଇଛି। ଏହି ବର୍ଷ ପାକିସ୍ତାନକୁ ବିଶ୍ୱର ସର୍ବାଧିକ ଜିଟିଆଇ ସ୍କୋର ୮.୫୭୪ ପ୍ରଦାନ କରାଯାଇଛି। ଏହି ବର୍ଷ ପାକିସ୍ତାନରେ ମୋଟ୍ ୧, ୦୪୫ ଆତଙ୍କବାଦୀ ଆକ୍ରମଣ ହୋଇଛି ଓ ଏଥିରେ ୧, ୧୩୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୧, ୫୯୫ ଜଣ ଆହତ ହୋଇଛନ୍ତି। ୬୫୫ ଜଣଙ୍କୁ ଅପହରଣ କରାଯାଇଛି। ପାକିସ୍ତାନରେ ହୋଇଥିବା ମୋଟ୍ ମୃତ୍ୟୁର ପ୍ରାୟ ୫୬ ପ୍ରତିଶତ ପାଇଁ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଦାୟୀ। ଏହି ସଂଗଠନ ଏକାକି ୫୯୫ ଆକ୍ରମଣ କରି



୬୩୬ ଜଣଙ୍କ ଜୀବନ ନେଇଛି। ଆକ୍ରମଣର ୭୪ ପ୍ରତିଶତ ଓ ମୃତ୍ୟୁର ୬୭ ପ୍ରତିଶତ କେବଳ ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନରେ ଘଟିଛି। ପ୍ରାୟ ୬, ୦୦୦ରୁ ୬, ୫୦୦ ଟିଟିପି ଆତଙ୍କବାଦୀ ଆଫଗାନିସ୍ତାନ ମାଟିକୁ ବ୍ୟବହାର କରି ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି। ୮୫ ପ୍ରତିଶତ ଆକ୍ରମଣ ଆଫଗାନିସ୍ତାନର ସୀମାର ୧୦ରୁ ୧୫ କିମି ମଧ୍ୟରେ ହେଉଛି। ଲକ୍ଷ୍ୟ କରି ହତ୍ୟାକାଣ୍ଡ ବା ଟାର୍ଗେଟ କିଲିଂସରେ ୪୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହା ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି।

୨୦୨୫ ମାର୍ଚ୍ଚରେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଏକ ଯାତ୍ରୀବାହୀ ଟ୍ରେନ୍‌କୁ କବଜା କରି ୪୪୨ ଜଣଙ୍କୁ ବନ୍ଧକ ରଖିଥିଲା, ଯାହା ଗତ ବର୍ଷର ବିଶ୍ୱର ସବୁଠାରୁ ବଡ଼ ଆତଙ୍କବାଦୀ ଘଟଣା ଥିଲା। ଏହି ସଂଗଠନ ଏବେ ଚୀନ୍ ନାଗରିକ ଓ ସିପେକ୍ (ସିଇପିସି) ପ୍ରକଳ୍ପକୁ ମଧ ଟାର୍ଗେଟ କରୁଛି। ପାକିସ୍ତାନ ପାଇଁ ୨୦୧୩ ପରଠାରୁ ୨୦୨୫ ସବୁଠାରୁ ରକ୍ତାକ୍ତ ବର୍ଷ ସାବ୍ୟସ୍ତ ହୋଇଛି। ଦକ୍ଷିଣ ଏସିଆରେ ଅନ୍ୟ ସମସ୍ତ ଦେଶର ସ୍ଥିତିରେ ସୁଧାର ଆସିଥିବା ବେଳେ କେବଳ ପାକିସ୍ତାନର ଅବସ୍ଥା ବିଗିଡ଼ିବାରେ ଲାଗିଛି। ପାକିସ୍ତାନରେ କ୍ରମାଗତ ୬ ବର୍ଷ ଧରି ଆତଙ୍କବାଦ ବଢ଼ିବାରେ ଲାଗିଛି। ଏହା ସେହି ପୁରୁଣା 'ଭଲ ତାଲିବାନ ଓ ଖରାପ ତାଲିବାନ' ନୀତିର ପରିଣାମ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଗ୍ୟାସ ଦୋକାନରେ ଭୟଙ୍କର ବିସ୍ଫୋରଣ

# ଫାଟିଲା ଏକାଧିକ ଟାଙ୍କି, ଦୋକାନୀଙ୍କ ସମେତ ୩ ଆହତ



ଭୁବନେଶ୍ୱର,୨୧।୩(ସମିସ): ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଟାଟା ଆରିୟନ ନିକଟରେ ଥିବା ଏକ ଗ୍ୟାସ ଦୋକାନରେ ଶନିବାର ଭୟଙ୍କର ବିସ୍ଫୋରଣ ହୋଇଛି। ଏକାଧିକ ଟାଙ୍କିରେ ନିଆଁ ଲାଗି ସେଗୁଡ଼ିକ ଫାଟିଯିବା ଯୋଗୁଁ ଭୟଙ୍କର ବିସ୍ଫୋରଣ ଘଟିଛି। ଗ୍ୟାସ ଦୋକାନରେ ଛୋଟ ବଡ଼ ମିଶି ପ୍ରାୟ ୬ଟି ଟାଙ୍କି ଫାଟିଯାଇଛି ବୋଲି ସୂଚନା ମିଳିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପାଖରେ ଥିବା ଏକ ହୋଟେଲ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଗ୍ୟାସ ଦୋକାନିଙ୍କ ସମେତ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଗ୍ୟାସ ଦୋକାନିଙ୍କ ନାମ ବିଭୁ ବୋଲି ଜଣାପଡ଼ିଛି।

ବିଭୁଙ୍କ ମୁଣ୍ଡ,ହାତ, ଦେହରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଅଧିକ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ପରିଚୟ ଜଣାପଡିନାହିଁ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଆନନ୍ଦ ବନ ନିକଟରେ ଏଭଳି ଏକ ବିସ୍ଫୋରଣ ଘଟଇଥିବାରୁ ଏଠାକୁ ଆସୁଥିବା ବହୁ ସଂଖ୍ୟକ ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ବେଆଇନ ଭାବେ ଗ୍ୟାସ ରିଫିଲିଂ କରୁଥିବା ବେଳେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ସକାଳ ୯ଟା ବେଳେ ବିଭୁ ଗ୍ୟାସ ଦୋକାନ ଖୋଲିଥିଲେ। ସେ ଗୋଟିଏ ଟାଙ୍କିରୁ ଅନ୍ୟ ଏକ ଛୋଟ ଟାଙ୍କିରେ ଗ୍ୟାସ ରିଫିଲିଂ କରୁଥିଲେ। ସେହି ସମୟର ହଠାତ୍ ଟାଙ୍କିଟି ବିସ୍ଫୋରଣ ହୋଇଥିଲା। ଏହା ଫଳରେ ଅନ୍ୟ ଗ୍ୟାସ ଭର୍ତ୍ତି ଟାଙ୍କି ଗୁଡ଼ିକ ମଧ ଫାଟିବାକୁ ଲାଗିଥିଲା। ଏହି ବିସ୍ଫୋରଣ ଭୟଙ୍କର ରୁପ ଧାରଣ କରିଥିଲା। ଟାଙ୍କିର ଲୁହା ପ୍ଲେଟ ଟୁକୁଡାଗୁଡ଼ିକ ଉଡ଼ିବାକୁ ଲାଗିଥିଲା। ଦେଖୁ ଦେଖୁ ଦୋକାନ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଆକାଶ ଧୂଆଁମୟ ହୋଇ ଯାଇଥିଲା। ବିସ୍ଫୋରଣରେ ଗ୍ୟାସ ଦୋକାନଟି ପୋଡି ପାଉଁଶ ହୋଇଯାଇଥିଲା। ଏହା ସହ ନିକଟରେ ଥିବା ଏକ ହୋଟେଲ ମଧ କ୍ଷତିଗ୍ରସ୍ତ ଯାଇଥିଲା। ଗ୍ୟାସ ଟାଙ୍କିର ଲୁହା ଖଣ୍ଡ ଉଡି ଏଗାର କେଭି ତାର ମଧ ଛିଣ୍ଡି ଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳ ଭୟର ବାତାବରଣ ଖେଳିଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ନିକଟରେ ଥିବା ଆପାର୍ଟମେଣ୍ଟ ଗୁଡିକ ମଧ ଥରି ଉଠିଥିଲା। ରାସ୍ତାରେ ଯାଉଥିବା ଲୋକ ବିସ୍ଫୋରଣ ଦେଖି ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। ସେଠାରେ କାମ କରୁଥିବା ଲୋକ ଓ ଖାଇବାକୁ ଆସିଥିବା ଲୋକମାନେ ଭୟରେ ଦୌଡିଥିଲେ। ସେଠାରେ ଥିବା ଦୁଇଟି ସ୍କୁଟି ଓ ଗୋଟିଏ ବାଇକ ପୋଡି ଯାଇଥିଲା।

ତମଣ୍ଡୋ ଫାୟାର ଷ୍ଟେସନ ଅଫିସର ଜ୍ଞାନେନ୍ଦ୍ର କୁମାର ବେହେରା କହିଛନ୍ତି, ଆମକୁ ଅଘଟଣ ନେଇ ଦିନ ପ୍ରାୟ ୧୧ଟା ୪୦ ବେଳେ ଖବର ଆସିଥିଲା। ୪ଟି ଦମକଳ ଗାଡି ନିଆଁ ଲିଭାରେ ଲାଗିଥିଲା। ୨୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ। ତମାଣ୍ଡୋ, ଚନ୍ଦ୍ରଶେଖର, ଭୁବନେଶ୍ୱର(କଳ୍ପନା) ଅଗ୍ନିଶମ କେନ୍ଦ୍ର ଓ ଷ୍ଟ୍ରାଇକିଙ୍ଗ ଫୋର୍ସ ଟିମ୍ ନିଆଁ ଲିଭାରେ ନିୟୋଜିତ ହୋଇଥିଲା।

## ପ୍ରତାପ ଜେନାଙ୍କ ବାସଭବନ ଉପରେ ଆକ୍ରମଣ ଘଟଣା

## ବିଜେଡିର କ୍ଷୋଭ

# ବିଜୁ ଲିଗାସୀର ଦ୍ୱାହି ଦେଇ ନିଜ ଅପକର୍ମକୁ ଲୁଚାଇବା ପାଇଁ ନୂତନ ରଣନୀତି

ଭୁବନେଶ୍ୱର,୨୧।୩(ସମିସ): ବିଜୁ ଲିଗାସୀର ଦ୍ୱାହି ଦେଇ କିଛି ସ୍ୱାର୍ଥବାଦୀ ରାଜନେତା ନିଜର ଅପକର୍ମକୁ ଘଣ୍ଟ ଘୋଡ଼ାଇବା ପାଇଁ ନୂତନ ରଣନୀତି ଆପଣାଇଛନ୍ତି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶରେ ରାଜନୀତିରେ ପାଦ ରଖିଥିବା ଏବଂ ତତ୍କାଳୀନ ଛାତ୍ର ଜନତା ଦଳର ସଭାପତିଙ୍କ ବିରୋଧରେ ଯେପରି ହିଂସାର ଆଶ୍ରୟ ନେଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଜୁ ବିଚାରଧାରାର ସ୍ପଷ୍ଟ ପରିପନ୍ଥୀ ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି।

**ରାଜ୍ୟର ଆଇନ ଶୃଙ୍ଖଳା ଉପରେ ଗୁରୁତର ପ୍ରଶ୍ନବାଚୀ**

ଏକ ପ୍ରେସ୍ ବିବୃତିରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ସାହୁ, ବରିଷ୍ଠ ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ମଙ୍ଗରାଜ, ସାଧାରଣ ସମ୍ପାଦକ ବିଜୟ ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା ପ୍ରମୁଖ ଗତ କାଲି ରାତିରେ ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନାଙ୍କ ବାସଭବନରେ କିଛି ଅସାମାଜିକ ଯୁବକଙ୍କ ଜରିଆରେ ଆତଙ୍କ ସୃଷ୍ଟି କରାଯାଇଥିବା ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଏପରି ଘଟଣା କେବଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅପମାନିତ କରୁନି ବରଂ ରାଜ୍ୟର ଆଇନଶୃଙ୍ଖଳା ପ୍ରତି ଗୁରୁତର ପ୍ରଶ୍ନ ଉଠାଉଛି। କିଛି ସ୍ୱାର୍ଥାନ୍ୱେଷୀ ରାଜନେତା ହିଂସାତ୍ମକ କାର୍ଯ୍ୟକଳାପ ଜରିଆରେ ନିଜ ଅପକର୍ମକୁ ଲୁଚାଇବା ପାଇଁ ଏଭଳି ହୀନ ଉଦ୍ୟମ କରିଛନ୍ତି। ଏହି ଘଟଣାର ତୁରନ୍ତ ଓ ସଂପୂର୍ଣ୍ଣ ତଦନ୍ତ କରାଯାଉ। ଦୋଷୀମାନଙ୍କୁ ଶୀଘ୍ର ଚିହ୍ନଟ କରିବା ସହ ସେମାନଙ୍କୁ ଏଭଳି କାର୍ଯ୍ୟ ପାଇଁ ଉସୁକାଇଥିବା ବ୍ୟକ୍ତିମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଗଣତନ୍ତ୍ରକୁ ସୁରକ୍ଷିତ ଓ ସୁସ୍ଥ ରଖିବା ପାଇଁ ଏପରି ହିଂସାତ୍ମକ ରାଜନୀତି ଉପରେ କଡ଼ା ଅଙ୍କୁଶ ରହିବା ଆବଶ୍ୟକ ବୋଲି ନେତାମାନେ କହିଥିଲେ।

# ମାଓ କ୍ୟାମ୍ପ୍ ନଷ୍ଟ, ବିପୁଳ ସାମଗ୍ରୀ ଜବତ

ବାଲିଗୁଡ଼ା, ୨୧।୩ (ସମିସ): ସିଆରପିଏଫ୍ ୧୨୭ ବାଟାଲିୟନ ଓ କନ୍ଧମାଳ ପୁଲିସ ଦ୍ୱାରା ଆଣ୍ଟି-ନକ୍ସଲ ଅପରେସନ୍ ଜରିଆରେ ଏକ ମାଓ କ୍ୟାମ୍ପ ଧ୍ୱଂସ କରାଯାଇଛି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି। ସିଆର୍‌ପିଏଫ୍ କମାଣ୍ଡର୍ ଏସ୍.ଏଚ୍ ସଚିନଙ୍କ ତତ୍ତ୍ୱାବଧାନରେ ସିଆର୍‌ପିଏଫ୍ ଓ କନ୍ଧମାଳ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ କୋଟଗଡ଼ ବ୍ଲକ୍ ପାରିଗଡ଼ ପଞ୍ଚାୟତ ଗାଙ୍ଗେରିସରୁ ଜଙ୍ଗଲ ଅଞ୍ଚଳରେ ଅପରେସନ ଜୋରଦାର୍ କରିଥିଲେ। ଅପରେସନ୍ ବେଳେ ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓ କ୍ୟାମ୍ପ୍ ଠାବ କରି ନଷ୍ଟ କରିଛନ୍ତି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ, ଔଷଧ, ବାସନ କୁସନ, ସୋଲାର ପ୍ୟାନେଲ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଓ ଜରୁରୀ କାଗଜପତ୍ର ଜବତ ହୋଇଛି। କ୍ୟାମ୍ପ ଠାବ ପରେ ଅଞ୍ଚଳରେ ସିଆରପିଏଫ୍ ୧୨୭ ବାଟାଲିୟନ ପକ୍ଷରୁ କମ୍ବିଂ ଅପରେସନ୍ ଜୋରଦାର କରାଯାଉଥିବା ଜଣାପଡ଼ିଛି।

# ରାସ୍ତାକଡ଼ରେ ଭିଜୁଛି ହଜାର ହଜାର ବସ୍ତା ଧାନ

ଭଦ୍ରକ/ଆରଡ଼ି, ୨୧।୩ (ସମିସ): ଭଦ୍ରକ ଜିଲ୍ଲାରେ ଗତ ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ଯାଏଁ ଅଦିନିଆ ବର୍ଷା ଲାଗି

- ମାସେ ହେଲା ରାତିସାରା ଉଜାଗର ରହି ଜଗି ରହିଛନ୍ତି ଶହଶହ ଚାଷୀ
- ଭଦ୍ରକ-ଆଖଣ୍ଡଳମଣି ରାସ୍ତାକଡ଼ରେ ପଡ଼ିଛି ହଜାର ହଜାର ଧାନବସ୍ତା
- ପ୍ରଶାସନ ନିରବ



ରହିଥିବାରୁ ଚାନ୍ଦବାଲି ବ୍ଲକ୍‌ର ଆରଡି ସମବାୟ ସମିତି ଓ ସୁନ୍ଦରପୁର ସମବାୟ ସମିତିରେ ପଡ଼ି ରହିଥିବା ହଜାର ହଜାର ଧାନବସ୍ତା ୨ ଦିନ ହେଲା ଭିଜୁଛି। ଏହି ୨ଟି ସମବାୟ ସମିତିରେ ମାସ ମାସ ଧରି ଚାଷୀଙ୍କ ସମସ୍ୟା ଲାଗି ରହିଥିଲେ ମଧ ନା ବୁଝୁଛି ପ୍ରଶାସନ ନା ବୁଝୁଛନ୍ତି ସରକାର।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ୍‌ର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ୪ଟି ପଞ୍ଚାୟତର ୨୧ଟି ଗାଁର ଚାଷୀମାନଙ୍କର ୨ଟି ସମବାୟ ସମିତିରେ ଧାନ ଉଠୁନଥିବାରୁ ଧାରକରଜ କରି ଶହଶହ ଚାଷୀ ଅମଳ ହୋଇଥିବା ହଜାର ହଜାର ବସ୍ତା ଧାନ ମଣ୍ଡି ଓ ରାସ୍ତାରେ ପଡ଼ି ରହିଛି। ବିଶେଷକରି, ମଣ୍ଡିରେ ଆବଶ୍ୟକ ଅନୁଯାୟୀ ଜାଗା ନ ଥିବାରୁ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟ ରାସ୍ତାକଡ଼ରେ ହଜାର ହଜାର ଧାନବସ୍ତା ପଡ଼ି ରହିଛି। ଫଳରେ ଆଗନ୍ତୁକ ଭକ୍ତଙ୍କ ଗାଡ଼ି ସହ ଦୈନନ୍ଦିନ ବସ୍ ଓ ଛୋଟ ଗାଡ଼ି ଯାତାୟାତରେ ସମସ୍ୟା ଦେଖାଦେଉଛି। ଏପରିକି, ୫୦୦ ମିଟର ଯାଏଁ ରାସ୍ତାରେ ଧାନ ବସ୍ତା ପଡ଼ି ରହିଥିବାରୁ ଏକ ମାସରୁ ଊର୍ଦ୍ଧ୍ୱ ହେବ ଶହଶହ ଚାଷୀ ରାତି ଉଜାଗର ରହି ଧାନ ବସ୍ତାକୁ ଜଗି ରହୁଛନ୍ତି। ତେବେ ରାତି ଉଜାଗରକୁ ଅଦିନିଆ ବର୍ଷା ଚାଷୀଙ୍କୁ ତଳିତଳାନ୍ତ କରିବାକୁ ବସିଛି। ଗତ ଶୁକ୍ରବାରଠାରୁ ଲାଗି ରହିଥିବା ବର୍ଷାରେ ଭିଜୁଥିବା ଧାନ କିଏ ଫେରାଇ ନେଉଛି ତ ଆଉ କିଏ ଖରାରେ ଶୁଖାଉଛି। ଆଉ କେହି କେହି ଜରିପାଲ ଘୋଡ଼େଇ ବର୍ଷା ଦାଉରୁ ଧାନକୁ ରକ୍ଷା କରିବାକୁ ଉଦ୍ୟମ କରୁଛନ୍ତି। ଚାଷୀଙ୍କ ପାଖରେ ଆବଶ୍ୟକ ସୁରକ୍ଷିତ ଜାଗା ନ ଥିବାରୁ ବିକ୍ରି ପାଇଁ ଆଣିଥିବା ଧାନ ବସ୍ତାକୁ କିପରି ସୁରକ୍ଷିତ ରଖିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛି। ଏପରି ସମସ୍ୟା ଲାଗି ରହିଥିଲେ ମଧ ପ୍ରଶାସନ ନଜର ଦେବା ତ ଦୂରର କଥା, ଅଭିଯୋଗ କଲେ ଚାଷୀଙ୍କୁ ନାଲି ଆଖି ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

# ଦୁଇବର୍ଷିଆ ବିଇଡି ପ୍ରବେଶିକା ପରୀକ୍ଷା ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୨୧।୩ (ସମିସ): ଦୁଇବର୍ଷିଆ ବିଇଡି, ବିଏଚ୍‌ଇଡି ଓ ଏମ୍‌ଇଡି ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ସୋମବାର ଅର୍ଥାତ୍ ୨୩ ତାରିଖଠାରୁ ଏପ୍ରିଲ୍ ୬ ତାରିଖ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦ ସମୟରେ କୌଣସି ତ୍ରୁଟି ଥିଲେ, ୭ ତାରିଖରେ ଏହାକୁ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ୍ ପକ୍ଷରୁ ୧୩ ତାରିଖ ଦିନ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି)କୁ ପ୍ରଦାନ କରାଯିବ। ମେ' ୨୭ ତାରିଖରେ ଏସ୍‌ଏସ୍‌ବି ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପରେ ୩୧ ତାରିଖରେ ବିଇଡି ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହେବାକୁ ଥିବା ବେଳେ ଜୁନ୍ ୩ ତାରିଖରେ ବିଏଚ୍‌ଇଡି ଓ ଏମ୍‌ଇଡିର ପ୍ରବେଶିକା ପରୀକ୍ଷା ହେବ। ଏହା ପରଦିନ ଅର୍ଥାତ୍ ଜୁନ୍ ୪ ରେ ପ୍ରୋଭିଜିନାଲ୍ ଆନସାର୍-କି' ପ୍ରକାଶ ପାଇବା ପରେ ଉତ୍ତରକୁ ନେଇ କୌଣସି ଆପତ୍ତି ଥିଲେ, ୫ରୁ ୭ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଚୂଡ଼ାନ୍ତ ଆନସାର୍-କି' କେବେ ପ୍ରକାଶ ପାଇବ, ସେନେଇ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇ ନଥିଲେ ମଧ ଛାତ୍ରଛାତ୍ରୀମାନେ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ।

**୨୩ରୁ ଆବେଦନ; ମେ ୩୧ ଓ ଜୁନ୍ ୩ରେ ପରୀକ୍ଷା**

## ଚୌଦ୍ୱାର କାରାଗାରରୁ ମୋବାଇଲ ମିଳିବା ଘଟଣା

# ବାରମ୍ବାର ଫେଲ୍ ମାରୁଛି ଜେଲ୍ ଗୁଇନ୍ଦା

ଭୁବନେଶ୍ୱର,୨୧।୩(ସମିସ): ଚୌଦ୍ୱାର ମଣ୍ଡଳ କାରାଗାରର ବିବାଦ ପିଛା ଛାଡ଼ିବାର ନାଁ ଧରୁନାହିଁ। କଏଦୀ ଫେରାର୍ ଘଟଣାଠାରୁ ଆରମ୍ଭ କରି ଗ୍ୟାଙ୍ଗୱାର୍ ଓ ହାଇ-ସିକ୍ୟୁରିଟି ସେଲରୁ ମୋବାଇଲ, ଟଙ୍କା ଜବତ ପର୍ଯ୍ୟନ୍ତ ଘଟଣା ଜେଲ୍ ସୁରକ୍ଷା ଉପରେ ଆଙ୍ଗୁଳି ଉଠାଇଛି। ଏସବୁ ଘଟଣା କେବଳ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇନାହିଁ, ବରଂ ଜେଲ୍ ଭିତର ଗୁଇନ୍ଦା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରୁଛି ବୋଲି ସ୍ପଷ୍ଟ ହୋଇଛି। ଦୁଇ କୁଖ୍ୟାତ ଅପରାଧୀ ଜେଲ୍ ପାଚେରି ଡେଇଁ ଫେରାର୍ ହେବା ପରେ ପୂରା ବିଭାଗ ନିନ୍ଦା ଅପବାଦ ମୁଣ୍ଡାଇଥିଲେ ମଧ ସେହି ଘଟଣାରୁ କିଛି ଶିଖି ନଥିବା ଭଳି ମନେ ହେଉଛି। ବାରମ୍ବାର ସୁରକ୍ଷା ଜନିତ ତ୍ରୁଟି ସାମ୍ନାକୁ ଆସୁଥିବା ବେଳେ ଉପରିସ୍ଥ ଅଧିକାରୀ କେବଳ ସର୍କୁଲାର ଓ ନିର୍ଦ୍ଦେଶନାମା ଜାରି କରି ହାତ ଟେକି ଦେଉଛନ୍ତି। ସେସବୁ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ଯାଞ୍ଚ କରିବାକୁ କେହି ନାହାନ୍ତି। ସବୁଥର ଭଳି ଗତକାଲି ହାଇ-ସିକ୍ୟୁରିଟି ସେଲ୍ ଭିତରୁ ମୋବାଇଲ ଓ ଟଙ୍କା ଜବତ ହେବା ପରେ କଡ଼ାକଡ଼ି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ତଥାପି କାର୍ଯ୍ୟାନୁଷ୍ଠାନ ନାହିଁ; କେବଳ ନିର୍ଦ୍ଦେଶନାମା**

ସୂଚନାନୁସାରେ, ଗତବର୍ଷ ଅକ୍ଟୋବର ୨/୩ ରାତିରେ ଲୁଟ୍ ଓ ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଘଟଣାର ବିଭାଗୀୟ ତଦନ୍ତ ବେଳେ ଯାବତୀୟ ତ୍ରୁଟି ସାମ୍ନାକୁ ଆସିଥିଲା। ଦୁଇ ଅଭିଯୁକ୍ତ ପୂର୍ବରୁ ଫେରାର୍ ହେବାକୁ ଯୋଜନା କରୁଥିବାର ଲକ୍ଷଣ ଦେଖା ଦେଇଥିଲେ ମଧ ଜେଲର ବରିଷ୍ଠ ଅଧୀକ୍ଷକ ସୁରକ୍ଷା ବଢ଼ାଇ ନଥିଲେ କି ସେମାନଙ୍କୁ ଅନ୍ୟ ସେଲ୍‌କୁ ସ୍ଥାନାନ୍ତର କରିନଥିଲେ। କେବଳ ସେତିକି ନୁହେଁ, ଅନ୍ତେବାସୀମାନେ ରହୁଥିବା ସେଲ୍ ଓ ୱାର୍ଡରେ ନିୟମିତ ଯାଞ୍ଚ ହେଉ ନଥିବା ବେଳେ ଗୁଇନ୍ଦା ସୂଚନା ପାଇବାରେ କର୍ତ୍ତୃପକ୍ଷ ବିଫଳ ହୋଇଥିବାର ପ୍ରମାଣ ମଧ ମିଳିଥିଲା। ଏହାର ଠିକ୍ ୧୮ ଦିନ ପରେ ୬୨ନଂ ୱାର୍ଡରେ ଶୋଇଥିବା ଅନ୍ତେବାସୀ କବି ସେଠଙ୍କୁ ସେହି ୱାର୍ଡରେ ରହୁଥିବା ଅଭିଯୁକ୍ତ ସନ୍ତୋଷ ସିହ୍ନା ଆକ୍ରମଣ କରି ଗୁରୁତର କରିଥିଲା। ସେପଟେ ହାଇ-ସିକ୍ୟୁରିଟି 'ୱାଇ' ସେଲରେ ରହୁଥିବା ଲକି କିନ୍ନର ନିକଟ ଅତୀତରେ ରାଉରକେଲାର ଜଣେ ବ୍ୟବସାୟୀଙ୍କୁ ଫୋନ୍ କରି ଟଙ୍କା ମାଗିବା ସହ ଧମକ ଦେଇଥିଲା। ଏହି ଘଟଣାରେ ରାଉରକେଲା ପୁଲିସ ଗତକାଲି ଚୌଦ୍ୱାର ଜେଲରେ ଚଢ଼ଉ କରି ୩ଟି ମୋବାଇଲ, ୫୦ ହଜାର ଟଙ୍କା ଓ ନିଶାଦ୍ରବ୍ୟ ଜବତ କରିଥିଲା।

ଆପତ୍ତିଜନକ ଜିନିଷ ମିଳିବା ପରେ ସବୁଥର ପରି ଏଥର ମଧ ଜେଲ୍ ଡିଜି ତତ୍ପରତା ପ୍ରକାଶ କରିଛନ୍ତି। ଡିଜିଙ୍କ ନିର୍ଦ୍ଦେଶକ୍ରମେ ଡିଆଇଜି (ମୁଖ୍ୟାଳୟ) ଜେଲ୍ ଅଧୀକ୍ଷକମାନଙ୍କୁ ୫ ଧାଡ଼ିଆ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ଗୁଇନ୍ଦା ସଂଗ୍ରହକୁ ତ୍ୱରାନ୍ୱିତ କରିବା ସହ ଆପତ୍ତିଜନକ ସାମଗ୍ରୀ ଠାବ ପାଇଁ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର କରିବାକୁ କୁହାଯାଇଛି। ନିଷିଦ୍ଧ ସାମଗ୍ରୀ ଚିହ୍ନଟ ପାଇଁ ଅତର୍କିତ ତଲାସ ଓ ସନ୍ଦେହ ଉପୁଜିଲେ କଏଦୀଙ୍କ ବ୍ୟକ୍ତିଗତ ତଲାସୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଘଟଣ ବା ନିଷିଦ୍ଧ ସାମଗ୍ରୀ ମିଳିଲେ ସଂପୃକ୍ତ ଅଧିକାରୀ ଦାୟୀ ରହିବେ ଓ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏସବୁକୁ ସୁନିଶ୍ଚିତ କରିବାକୁ ରେଞ୍ଜ ଡିଆଇଜିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କୌତୂହଳର ବିଷୟ ହେଲା, ଏସବୁ ନିର୍ଦ୍ଦେଶ ଜେଲ୍ ବିଭାଗ ପାଇଁ ନୂଆ ନୁହେଁ। ପୂର୍ବରୁ ଅଘଟଣ ଘଟିଲେ ଏପରି ନିର୍ଦ୍ଦେଶ ଜାରି କରାଯାଇଛି, କିନ୍ତୁ ସେସବୁ ଠିକ୍ ଭାବରେ ପାଳନ ହେଉନଥିବାରୁ ବାରମ୍ବାର ଜେଲ୍ ସୁରକ୍ଷାରେ ତ୍ରୁଟି ସାମ୍ନାକୁ ଆସୁଛି।

# ଡେରଜାଙ୍ଗ ଡ୍ୟାମ୍‌ରେ ଆରମ୍ଭ ହେଲା ବୋଟିଂ

## ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ: ଧର୍ମେନ୍ଦ୍ର



ଅନୁଗୋଳ, ୨୧।୩ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅନୁଗୋଳ ଜିଲ୍ଲା ବଁଅରପାଳସ୍ଥିତ ଡେରଜାଙ୍ଗଠାରେ ବହୁପ୍ରତୀକ୍ଷିତ ବୋଟିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅନୁଗୋଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ବଡ଼ ନଦୀର ପ୍ରବାହ ଏହି ମାଟିକୁ ସୁଦୃଢ଼ କରିଛି। ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ଆମ ମୁଖ୍ୟ ଲକ୍ଷ୍ୟ।

ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା। ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଛି। ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍-ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ।

ପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ସମେତ ଅନୁଗୋଳ ବନଖଣ୍ଡ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଶିମିଳିପାଳରେ ବର୍ଷା; ବନାଗ୍ନିରୁ ଆଶ୍ୱସ୍ତି



ବାରିପଦା, ୨୧।୩ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରେ ବର୍ଷା ପାଇଁ ବନାଗ୍ନିରୁ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ରାତିରେ ଶିମିଳିପାଳ ଅଭୟାରଣ୍ୟ ନଆଁଣା ରେଞ୍ଜରେ ସର୍ବାଧିକ ୪୬.୨ମିମି ବର୍ଷା ହୋଇଥିବା ହୋଇଥିବା ବେଳେ କେନ୍ଦୁମୁଣ୍ଡିରେ ସର୍ବନିମ୍ନ ୨.୫୪ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ତାପମାତ୍ରା ମଧ ସାମାନ୍ୟ ହ୍ରାସ ପାଇ ଚହଲା ଓ ଉପର ବାରହାକାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀକୁ ଖସି ଆସିଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

**ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ**

ସୂଚନାଯୋଗ୍ୟ, ଚଳିତବର୍ଷ ବନାଗ୍ନି ରୋକିବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସଚେତନତାମୂଳକ କାର୍ଯ୍ୟ କରିବା ସହ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଉଛି। ଏପରିସ୍ଥଳେ ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲାର ବିଭିନ୍ନ ସ୍ଥାନରେ ଲଗାତାର ତିନିଦିନ ଧରି ବର୍ଷା ହେଉଛି। ଶୁକ୍ରବାର ଶିମିଳିପାଳର ବାରିପଦା ରେଞ୍ଜରେ ୮.୩୮୨ମିମି, ପିଠାବଟାରେ ୪.୫୭୨ମିମି, ବଡ଼ଗାଁ ରେଞ୍ଜରେ ୨.୭୯୪ମିମି, ଡୁକୁରାରେ ୧୩.୨୦୮ମିମି, ପୋଡାଡିହାରେ ୨୯.୨୧ମିମି, ଭଞ୍ଜବସାରେ ୩୬.୩୨୨ମିମି, ଉପର ବାରହାକାମୁଡାରେ ୨୭.୬ମିମି, ଜେନାବିଲରେ ୩୫.୩୦୬ମିମି, କୁଳିପାଳରେ ୧୭.୨୭୨ମିମି, କବାଟଘାଇରେ ୧୧.୪୩ମିମି, ବୁଢ଼ାବଳଙ୍ଗରେ ୧୧.୨ମିମି, ବରେହିପାଣିରେ ୧.୭୭୮ମିମି, ଚହଲାରେ ୨୭.୨ମିମି, ରାମତୀର୍ଥରେ ୩.୫୫୬ମିମି, ଠାକୁରମୁଣ୍ଡାରେ ୭.୬୨ମିମି ଓ ସାତକୋଶିଆରେ ୧୨.୭ମିମି ବର୍ଷା ରେକର୍ଡ କରାଯାଇଛି। ଏହାଦ୍ୱାରା ତାପମାତ୍ରାରେ ମଧ ସାମାନ୍ୟ ପରିବର୍ତ୍ତନ ହୋଇଛି। ଉପର ବାହରହାକାମୁଡା ଓ ଚହଲାରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିବା ବେଳେ ଗୁଡୁଗୁଡିଆରେ ୧୬, ବରେହିପାଣିରେ ୧୫ ଡିଗ୍ରୀ, ରାମତୀର୍ଥରେ ୧୮ ଡିଗ୍ରୀ ଓ କିଆଝରୀରେ ୧୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶନିବାର ମେଘୁଆ ପାଗ ରହିଥିବା ବେଳେ ପ୍ରକୃତିର ଅବଦାନ ଯୋଗୁଁ ବାନଗ୍ନି ପ୍ରଶମିତ ହୋଇପାରିବ ବୋଲି ପରିବେଶବିତ୍ ମାନେ ଖୁସି ପ୍ରକଟ କରିଛନ୍ତି।

## ଜାଲ୍ ପ୍ରମାଣପତ୍ରରେ ଚାକିରି

# ଅଭିଯୋଗ ସତ୍ତ୍ୱେ ଓପିଏସ୍‌ସି ନିଦାବିଷ୍ଟ

ଭୁବନେଶ୍ୱର, ୨୧।୩(ସମିସ): ମିଥ୍ୟା ପ୍ରମାଣପତ୍ର ଦେଇ ସରକାରୀ ଚାକିରି ହାତେଇଲେ। ହାଇକୋର୍ଟଙ୍କ ସମେତ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ନିକଟରେ ଜାଲ୍ ଡକ୍ୟୁମେଣ୍ଟ ବି ଦାଖଲ କଲେ। ମାତ୍ର, ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ତାଙ୍କର ସବୁ ତଞ୍ଚକତା ଧରାପକାଇଦେବା ପରେ ଏବେ ଆଇନ ଜାଲରୁ ବର୍ତ୍ତିବା ପାଇଁ ଓପିଏସ୍‌ସିକୁ ଚିଠି ଲେଖି ତାଙ୍କ ପ୍ରାର୍ଥିତ୍ୱ ରଦ୍ଦ କରିବା ପାଇଁ ଗୁହାରି କରିଛନ୍ତି। କିନ୍ତୁ, ଏସବୁ ସତ୍ତ୍ୱେ ଓପିଏସ୍‌ସି କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଛନ୍ତି। ସମ୍ପୃକ୍ତ ପ୍ରାର୍ଥୀ ତଞ୍ଚକତା କରି ନିଯୁକ୍ତି ପାଇଥିବା ତଥ୍ୟ ପ୍ରମାଣ ସହ ଗତ ନଭେମ୍ବର ମାସରୁ ଓପିଏସ୍‌ସି ନିକଟରେ ଅଭିଯୋଗ ହୋଇଥିଲେ ମଧ ଏଯାଏଁ କୌଣସି କାଯ୍ୟାନୁଷ୍ଠାନ ହୋଇନାହିଁ। ଏହି ଘଟଣା ଏବେ ଓପିଏସ୍‌ସିର ବିଶ୍ୱସନୀୟତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଆସିଷ୍ଟାଣ୍ଟ କନଜରଭେଟର୍ ଅଫ୍ ଫରେଷ୍ଟ ଓ ରେଞ୍ଜର୍ ପଦରେ ନିଯୁକ୍ତି ପାଇଁ ଓପିଏସ୍‌ସି ପରୀକ୍ଷା କରାଇଥିଲା। ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିନଥିବା ପ୍ରଦୀପ କୁମାର ସ୍ୱାଇଁ ଏବଂ ପ୍ରିୟାଂଶୁ ବାରିକ ନାମକ ଦୁଇଜଣ ପ୍ରାର୍ଥୀ ପରୀକ୍ଷା ସମୟରେ ଅସୁସ୍ଥ ଥିବାରୁ ତାଙ୍କୁ ଆଉ ଏକ ସୁଯୋଗ ଦେବାକୁ ହାଇକୋର୍ଟରେ ନିବେଦନ କରିଥିଲେ। ଏଥିପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌ର ପ୍ରେସକ୍ରିପସନ୍‌କୁ ପ୍ରମାଣ ଭାବେ ଦାଖଲ କରିଥିଲେ। ସେହି ପ୍ରମାଣ ଅନୁଯାୟୀ ତାଙ୍କ ନିବେଦନକୁ ହାଇକୋର୍ଟ ଗ୍ରହଣ କରିବା ସହ ଉଭୟଙ୍କ ପୁନଃ ଶାରୀରିକ ପରୀକ୍ଷା ପାଇଁ ଅନୁମତି ଦେବାକୁ ଏପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁନଃ ସେମାନଙ୍କ ଶାରୀରିକ ପରୀକ୍ଷା କରାଯାଇଥିଲା ଓ ଉଭୟ କୃତକାର୍ଯ୍ୟ ମଧ ହୋଇଥିଲେ। ତନ୍ମଧ୍ୟରୁ ପ୍ରଦୀପ ଚୂଡ଼ାନ୍ତ ମେଧା ତାଲିକାର ୧୨ତମ ସ୍ଥାନରେ ରହି ନିଯୁକ୍ତି ପାଇଁ ଚୟନ ହୋଇଛନ୍ତି। ମାତ୍ର କ୍ୟାପିଟାଲ୍ ହସ୍ପିଟାଲ୍ ପ୍ରେସକ୍ରିପ୍ସନ୍‌ରେ ତଞ୍ଚକତା କରାଯାଇଥିବା କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଆର୍‌ଟିଆଇ ମାଧ୍ୟମରେ ସୂଚନା ଦେବା ପରେ ସମସ୍ତ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଉଭୟ ପ୍ରାର୍ଥୀ ଅଗଷ୍ଟ ୧୮ ତାରିଖ ରାତି ୧୨ଟା ୨୫ରେ ଓପିଡି ଟିକେଟ୍ କରିଥିଲେ ମଧ ତାକୁ ପରବର୍ତ୍ତୀ ସମୟରେ ଏଡିଟିଂ କରି ପରୀକ୍ଷା ସମୟ ଅର୍ଥାତ୍ ଜୁଲାଇ ୧୬ ଓ ୧୭ ତାରିଖ କରାଯାଇଥିବା ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହାପରେ କଠୋର୍ କାର୍ଯ୍ୟାନୁଷ୍ଠାନ ସହ ଗିରଫଦାରୀ ଭୟ ଥିବାରୁ ଗତ ନଭେମ୍ବର ୨ ତାରିଖରେ ତାଙ୍କ ପ୍ରାର୍ଥିତ୍ୱକୁ ମେଧା ତାଲିକାରୁ ବାଦ୍ ଦେବା ପାଇଁ ଓପିଏସ୍‌ସିକୁ ଅନୁରୋଧ କରିଛନ୍ତି।

- ଅସୁସ୍ଥତା ପାଇଁ ପ୍ରେସକ୍ରିପସନ୍ କରିଛନ୍ତି ଏଡିଟିଂ
- ଆର୍‌ଟିଆଇ ତଥ୍ୟ ଫିଟାଇଦେଲା ଗୁମର

ଅପରପକ୍ଷେ, ସେ କ୍ୟାପିଟାଲ୍ ହସ୍ପିଟାଲ୍ ପ୍ରେସକ୍ରିପ୍ସନ୍‌ରେ ତଞ୍ଚକତା କରି ପୁନଃ ଶାରୀରିକ ପରୀକ୍ଷା ପାଇଁ ଅନୁମତି ପାଇଥିବା ଅନ୍ୟ ପ୍ରାର୍ଥୀମାନେ ଓପିଏସ୍‌ସି ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଅତ୍ୟନ୍ତ ଖାମଖିଆଲ ମନୋଭାବ ପୋଷଣ କରିବା ସହ ପ୍ରେସକ୍ରିପସନ୍ ଯାଞ୍ଚ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା। ଫଳରେ, ରାଜ୍ୟର ଏହି ସର୍ବୋଚ୍ଚ ନିଯୁକ୍ତି ପରିଚାଳନା ସଂସ୍ଥାର ବିଶ୍ୱସନୀୟତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟାପକ ଟଙ୍କା କାରବାର କରି ଗଳାବାଟରେ ଗଳାଇ ଦେବାକୁ ଅଧିକାରୀମାନେ ଚକ୍ରାନ୍ତ କରିଥିବା ଅନ୍ୟ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ହାଇକୋର୍ଟଙ୍କୁ ମିଥ୍ୟା ତଥ୍ୟ ଦାଖଲ କରିଥିବା ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଶାୟୀମାନେ ଦାବି କରିଛନ୍ତି।

## ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ନୀଳଗିରି, ୨୧।୩ (ସମିସ): ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଞ୍ଚଳରେ ଜଣେ ଆଦିବାସୀ ବିଧବା ମହିଳାଙ୍କୁ ଦୁଷ୍କର୍ମ ସହ ହତ୍ୟା ଧମକ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ମହିଳାଜଣକ ଏକ ଭୋଜି ଖାଇ ଫେରୁଥିବା ବାଟରେ ରାତ୍ରି ପ୍ରାୟ ୮ଟା ସମୟରେ ଜଳେଶ୍ୱର ଅଞ୍ଚଳର ଗୋବିନ୍ଦ ଓରଫ ଅଜୟ ହେମ୍ବ୍ରମ (୪୬) ମହିଳାଙ୍କୁ ଏକୁଟିଆ ପାଇ କେନ୍ଦୁଆ ସ୍ଥିତ ପାଣିଟାଙ୍କି ନିକଟରେ ଥିବା ଏକ ବୁଦାପାଖରେ ଦୁଷ୍କର୍ମ କରିଥିଲା ଏବଂ ଘଟଣା ପୁଲିସ ନିକଟରେ କିମ୍ବା ବାହାରେ ପ୍ରକାଶକଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ନେଇ ପୀଡ଼ିତାଜଣକ ୨୧ତାରିଖରେ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର,୨୧।୩ (ସମିସ): ବ୍ରହ୍ମକୁମାରୀ ବାଲେଶ୍ୱର ସେବା କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରାଲି କେନ୍ଦ୍ର ପ୍ରଭାରୀ ବିକେ ପ୍ରମିଳାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ବିକେ ସୁଭାଶ୍ରୀ,ବିକେ ମିନତୀ, ବିକେ ଗଣେଶ, ବିକେ ମସନ୍ତ ପ୍ରମୁଖ ଯୋଗଦାନ କରିଥିଲେ।

## ପ୍ରତାପପୁର ପଞ୍ଚାୟତସ୍ତରୀୟ କିଶୋରୀ ମେଳା

କାଳିପଦା, ୨୧।୩ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତରେ ସୁରୁଡିହା ବାତ୍ୟା ଆଶ୍ରୟସ୍ଥଳ ପରିସରରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କିଶୋରୀ ମେଳରେ ଅଙ୍ଗନବାଡ଼ି ସୁପରଭାଇଜର ଅଞ୍ଜଳି ମୁର୍ମୁ ପୌରାହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ମୁଖ୍ୟ ବକ୍ତା ଭାବେ ନଳିନୀକାନ୍ତ ପାଢ଼ୀ, ସମ୍ମାନିତ ଅତିଥି ଭାବେ ସତ୍ୟରଞ୍ଜନ ବେହେରା, ନିମାଇଁଗିରି, ଏଏନଏମ ଲିଜାରାଣୀ ମଣ୍ଡଳ ଯୋଗ ଦେଇ କିଶୋରୀମାନଙ୍କର ସ୍ୱାସ୍ଥ୍ୟ, ସୁରକ୍ଷା, ଶିକ୍ଷା ଓ ଶୃଙ୍ଖଳିତ ଆଚରଣ ଉପରେ ଜୋର ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନାରୀ ସଶକ୍ତୀକରଣ ଉପରେ ଚିତ୍ରାଙ୍କନ, ଡିବେଟ, ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଙ୍ଗନବାଡି କର୍ମୀ ସୁମତି ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

ସୋର, ୨୧।୩(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ଅଜଣା ଗାଡି ଧକାରେ ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ ସିକ୍ୟୁରୀଟି ଗାର୍ଡଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା କଣ୍ଟିଆ ଗ୍ରାମର ଶ୍ରୀକାନ୍ତ ସୁତାର (୨୭) ଦୀର୍ଘଦିନ ଧରି ଚାନ୍ଦିପୁର ଡିଆରଡିଓରେ ସିକ୍ୟୁରୀଟି ଗାର୍ଡ ଭାବେ କାମ କରନ୍ତି। ଆଜି ରାତିରେ ଡିୟୁଟି ଥିବାରୁ ଶ୍ରୀକାନ୍ତ ଘରୁ ବାହାରି ଦହିପୁର ଗ୍ରାମରେ ଥିବା ତାଙ୍କ ଭିଣୋଇ ଘରକୁ ଯାଇଥିଲେ। ଅପରାହ୍ନରେ ସେଠାରୁ ନିଜର ବାଇକରେ ଚାନ୍ଦିପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ ଏକ ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଟିକୁ ଜବତ କରିଥିବା ବେଳେ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।

## ରେଳଷ୍ଟେସନ ଏଟିଏମ୍‌ରୁ ବାହାରିଲା ଧୂଆଁ

ସୋର, ୨୧।୩ (ସମିସ): ସୋର ରେଳଷ୍ଟେସନ ପରିସରରେ ଥିବା ଏସବିଆଇ ଏଟିଏମ୍‌ରୁ ଆଜି ମଧ୍ୟାହ୍ନରେ ଧୂଆଁ ବାହାରୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ।ଏହା ଦେଖି ସ୍ଥାନୀୟ ଲୋକେ ସୋର ଷ୍ଟେସନ ମ୍ୟାନେଜରଙ୍କୁ ଜଣାଇବା ପରେ ସେ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାୱାର କଟ୍ କରିଥିଲେ। ପରେ ସୋର ଏସବିଆଇ ଶାଖା ପ୍ରବନ୍ଧକ ଗୋବିନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ଏଟିଏମ୍‌କୁ ବନ୍ଦ କରିବା ସହ ମରାମତି ପରେ ଏଟିଏମ୍ ଖୋଲା ହେବା ନେଇ ସୂଚନା ଦେଇଛନ୍ତି।

## ବେଆଇନ ବାଲି ବୋଝେଇ ଡମ୍ପର ଜବତ

ସୋର, ୨୧।୩ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜଛକ ନିକଟରୁ ଏକ ବେଆଇନ ବାଲି ବୋଝେଇ ଡମ୍ପରକୁ ସୋର ତହସିଲଦାର ଜବତ କରିଛନ୍ତି। ସୋର ତହସିଲଦାର ଚିନ୍ମୟ କୁମାର ରାଉତ ଆଜି ସନ୍ଧ୍ୟାରେ କଲେଜ ଛକରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲି ବୋଝେଇ କରି ବାଲେଶ୍ୱର ଅଭିମୁଖେ ଆସୁଥିବା ଡମ୍ପରକୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ଡମ୍ପର ଟିକୁ ଜବତ କରି ସୋର ତହସିଲ ପରିସରରେ ରଖିଥିବା ଜଣାପଡିଛି।

## ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓଙ୍କ କଳାବ୍ୟାଜ୍ ପରିଧାନ

ବାଲିଆପାଳ, ୨୧।୩ (ସମିସ): ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ଷ୍ଟେଟ ଏମସି ଏବଂ ଏପିଓ ଆସୋସିଏସନ (ଓସମା) ର ଆହ୍ୱାନରେ ରାଜ୍ୟରେ ସମସ୍ତ ବ୍ଲକର କାର୍ଯ୍ୟରତ ଏପିଓ ମାନେ କଳାବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ରାଜ୍ୟ ସଂଘର ଆହ୍ୱାନରେ ସାମିଲ ହୋଇ ବାଲେଶ୍ୱର ଜିଲ୍ଲା ସଂଘର ସଭାପତି ସୌମ୍ୟକାନ୍ତ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲାର ସମସ୍ତ ବ୍ଲକର ଏପିଓ ମାନେ କଳାବ୍ୟାଚ ପରିଧାନ କରି ୧୮ ତାରିଖ ଠାରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହି ପ୍ରତିବାଦ ଆସନ୍ତା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

### ୧୯ ଦିନ ଧରି ବାହାନଗା ବ୍ଲକରେ ଛତୁଆ ବଣ୍ଟା ନ ଯିବା ଘଟଣା

# ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନ ୟୁନିଟ୍‌ର ତଦନ୍ତ

ବାଲେଶ୍ୱର, ୨୧।୩ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ମହିଳା ଓ ଶିଶୁ ବିକାଶ ବିଭାଗର ଅସଲ ମୁଖା ଖୋଲିଯାଇଛି। ପ୍ରଶାସନର ଚରମ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ କୁନି କୁନି ଶିଶୁଙ୍କ ପୁଷ୍ଟି ଅଧିକାରକୁ ଏଠାରେ ଜଳାଞ୍ଜଳି ଦିଆଯାଇଛି। ମାର୍ଚ୍ଚ ମାସର ୧୯ ଦିନ ବିତିଯାଇଥିଲେ ସୁଦ୍ଧା ବ୍ଲକର ଶତାଧିକ ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ପହଞ୍ଚି ନାହିଁ। ସବୁଠାରୁ ସଂଘାତିକ ବିଷୟ ହେଉଛି, ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁଯାୟୀ ୫ ତାରିଖ ସୁଦ୍ଧା ସବୁଠି ଛତୁଆ ବଣ୍ଟନ ସରିଛି, ମାତ୍ର ବାସ୍ତବରେ ଶହ ଶହ ଶିଶୁ ଏପର୍ଯ୍ୟନ୍ତ ଖାଦ୍ୟ ପାଇନାହାନ୍ତି। ଏହା ପଛରେ ଲକ୍ଷ ଲକ୍ଷ ଟଙ୍କାର 'ଫଲ୍ସ ବିଲ୍' ପ୍ରସ୍ତୁତ କରି ସରକାରୀ ଅର୍ଥ ହଡ଼ପ କରିବାର ଏକ ବଡ଼ ଚକ୍ରାନ୍ତ ଚାଲିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବାହାନଗା ଆଇସିଡିଏସର ୨୪୯ଟି କେନ୍ଦ୍ର ମଧ୍ୟରୁ ଝାଡ଼େଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦାୟିତ୍ୱରେ ଥିବା ୧୨୬ଟି କେନ୍ଦ୍ରରେ ୧୮୮୦ ଜଣ ଶିଶୁଙ୍କ ମଧ୍ୟରୁ ଶହ ଶହ ଶିଶୁଙ୍କୁ ଛତୁଆ ମିଳିନଥିବା ବେଳେ, ଭାରପ୍ରାପ୍ତ ସିଡିପିଓ ଦମୟନ୍ତୀ ହେମ୍ବ୍ରମଙ୍କ "ଛତୁଆ ଯୋଗାଣକାରୀ ସଂସ୍ଥା ଆମ କଣ୍ଟ୍ରୋଲରେ ନାହିଁ" ବୋଲି ବେପରୁଆ ମନ୍ତବ୍ୟ ଦେଇଛନ୍ତି। ଏ ନେଇ ଘଟଣା ସମ୍ପର୍କରେ ରାଜ୍ୟ ଶିଶୁ ସୁରକ୍ଷା ବିଭାଗ ନିକଟରେ ଅଭିଯୋଗ ହେବା ପରେ ବାଲେଶ୍ୱର ଜିଲ୍ଲା ଚାଇଲଡ ହେଲ୍ପ ଲାଇନ ୟୁନିଟର ୨ ଜଣିଆ ଟିମ୍ ପଞ୍ଚାନନ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ରାଉତ ବାହାନଗା ଆଇସିଡିଏସ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିବା ପରେ ଅନେକ ଅସଲ ସତ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମାସର ଦୀର୍ଘ ୧୯ ଦିନ ବିତିବା ପରେ ବି ପ୍ରାୟ ୪୦ଟି କେନ୍ଦ୍ରର ୪୬୬ ଜଣ ଶିଶୁ ଏପର୍ଯ୍ୟନ୍ତ ଛତୁଆ ପାଇନାହାନ୍ତି। ଅଙ୍ଗନବାଡି ସୁପରଭାଇଜରମାନେ ଫିଲଡ଼ ଭିଜିଟ ସହ ସଠିକ ରିପୋର୍ଟ ନ ଦେବା ସହ ଭାରପ୍ରାପ୍ତ ସିଡିପିଓ ମଧ୍ୟ ଏହାର କୌଣସି ସଠିକ ତନାଘନା କରିନାହାନ୍ତି। ଏପରିକି ଜିଲ୍ଲା ସ୍ତରୀୟ ଅଧିକାରୀ ଡିଏସଡବ୍ଲ୍ୟୁ ଜ୍ୟୋତ୍ସ୍ନା ମହାନ୍ତିଙ୍କୁ ମଧ୍ୟ ଏହି ଘଟଣା ସମ୍ପର୍କରେ ୧୯ ତାରିଖ ପର୍ଯ୍ୟନ୍ତ ଅନ୍ଧାରରେ ରଖାଯାଇଥିବା ଜଣାପଡ଼ିଛି। ସରକାରୀ ଯୋଜନାକୁ ବାଟମାରଣା କରୁଥିବା ଏହି ଦୁର୍ନୀତିଖୋର ଅଧିକାରୀ ଓ ଯୋଗାଣକାରୀ ସଂସ୍ଥା ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଏମିତି କି ବଣ୍ଟା ଯାଇଥିବା ଛତୁଆ ପ୍ୟାକେଟର ଛତୁଆର ମାନ ପରୀକ୍ଷା ସହ ଅବଧି ତାରିଖ ଲେଖା ଅଛି କି ନାହିଁ ଉଚ୍ଚସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ତଦନ୍ତ କରାଯିବାକୁ ପାଇଁ ଏବେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଯଦି ଜଣେ ଦାୟିତ୍ୱବାନ ଅଧିକାରୀଙ୍କ ନିୟନ୍ତ୍ରଣରେ ବ୍ଲକର ଆଇସିଡିଏସ ବ୍ୟବସ୍ଥା ନାହିଁ, ତେବେ ସେ କେଉଁ ଆଧାରରେ ସେହି ପଦବୀରେ ବସିଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଘଟଣା ଏବେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ପ୍ରଶାସନିକ ଅସଫଳତାର ଏକ ବଡ଼ ଉଦାହରଣ ପାଲଟିଛି। ଏ ନେଇ ତଦନ୍ତକାରୀ ଚାଇଲଡ଼ ହେଲ୍ପ ଲାଇନର ତଦନ୍ତକାରୀ ଅଧିକାରୀ କୁହନ୍ତି ଅଭିଯୋଗ ମୁତାବକ ତଦନ୍ତ କରୁଛୁ, ପ୍ରାଥମିକ ତଦନ୍ତରେ ଶିଶୁଙ୍କ ପ୍ରତି ଅବହେଳା କରାଯାଇଥିବାର ପ୍ରମାଣ ମିଳିଛି, ତଦନ୍ତ ଜାରୀ ରହିଛି। ତଦନ୍ତ ପରେ ଜିଲ୍ଲା ସ୍ତରର ଅଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବୁ ବୋଲି ପ୍ରକାଶ କରିଛନ୍ତି।

## ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ




ବାଲେଶ୍ୱର,୨୧।୩ (ସମିସ): କଷାଫଳ ବେଳାଭୂମିସ୍ଥିତ ବାରୁଣୀ ମେଳା ପଡିଆରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କଷାଫଳ ବାରୁଣୀ ଘାଟକୁ ଓଡିଶା ସମେତ ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ ଏବଂ ଝାଡଖଣ୍ଡ ଅଞ୍ଚଳରୁ ପ୍ରାୟ ପାଞ୍ଚ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିବା ପାଇଁ ପହଞ୍ଚିଥିଲେ। ଏହା ସହିତ ବେଳାଭୂମିରେ ଏକ ବୃହତ୍ ମେଳା ମଧ୍ୟ ବସିଥିଲା। ମେଳା ସରିବା ପରେ ସମୁଦ୍ର ତଟ ଓ ଝାଉଁ ଜଙ୍ଗଲ ଭିତରେ ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ରହିଥିଲା। ଏହାକୁ ଲକ୍ଷ୍ୟ କରି କମିଟି ସଭାପତି ସାମାଜିକ କର୍ମୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରୁଣୀ ମେଳା ପଡିଆରୁ ସାରଙ୍ଗ ଦେବ ମନ୍ଦିର ପର୍ଯ୍ୟନ୍ତ ପଡିଥିବା ଅଳିଆ ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସମାଜକୁ ସ୍ୱଚ୍ଛତାର ଏକ ପ୍ରଶଂସନୀୟ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୁକୁନ୍ଦ ଆଦିକ, ନାଏବ ସରପଞ୍ଚ ପ୍ରିୟ ରଞ୍ଜନ ପୃଷ୍ଟି, ମା ମନସା କ୍ଲବ ଛୟାଳିଆ ଏବଂ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଇସ୍ତଫା ଦେଲେ ବସ୍ତା ବ୍ଲକ ବିଜେଡି ସଭାପତି

ବାଲେଶ୍ୱର ସଦର,୨୧।୩ (ସମିସ) : ବିଜୁ ଜନତା ଦଳର ବସ୍ତା ବ୍ଲକ ସଭାପତି ଅନିଲ କୁମାର ମହାନ୍ତି ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ନିର୍ବାଚନକୁ କେନ୍ଦ୍ରକରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଉପରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଘଟଣାକୁ ବିରୋଧ କରି ସେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ୧୯୮୫ ମସିହାରୁ ସେ ଜଣେ କର୍ମୀ ହିସାବରେ ଦଳକୁ ସଂଗଠିତ କରିବା ସହ ବସ୍ତା ନିର୍ବାଚନ ମଣ୍ଡଳୀରେ ଲଗାତାର ୮ ଥର ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ବିଧାୟକ ରୂପେ ନିର୍ବାଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦଳ ମଧ୍ୟ ତାଙ୍କୁ ତିନି ତିନି ଥର ବ୍ଲକ ସଭାପତି ରୂପେ ଦାୟିତ୍ୱ ଦେଇଛି। ମାତ୍ର ଆଜି ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନାଙ୍କ ଉପରେ ଦଳ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଜୁ ଜନତା ଦଳର ବ୍ଲକ୍ ସଭାପତି ଏବଂ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଉଛି ବୋଲି ଶ୍ରୀ ମହାନ୍ତି ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

## ରେମୁଣା ସାହିତ୍ୟ ସଂସଦ ପକ୍ଷରୁ ପଖାଳ ଦିବସ

ବାଲେଶ୍ୱର,୨୧।୩(ସମିସ): ବିଶ୍ୱ ପଖାଳ ଦିବସ ଅବସରରେ ରେମୁଣା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟିକ ଡ. ଭଗବାନ ପ୍ରସାଦ ଦାସଙ୍କ ପୌରହିତ୍ୟରେ ସାହିତ୍ୟ ସଂସଦ ଭବନ ପରିସରରେ ଏକ ପଖାଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ୟାକରଣବିତ୍ ନିରଞ୍ଜନ ସାହୁ, ମୁଖ୍ୟ ବକ୍ତା ଭାବେ ଫକୀରମୋହନ ସାହିତ୍ୟ ସଂସଦର ସମ୍ପାଦକ ଡ ରତ୍ନାକର ସିଂହ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଜଳଧର ଦାସ, କବି ପ୍ରଭାକର ସାହୁ, ବରିଷ୍ଠ ନାଗରିକ ମଂଚର ସମ୍ପାଦକ ନିରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇ ପଖାଳ ଦିବସର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ କବୟିତ୍ରୀ ଜୟଶ୍ରୀ ମିଶ୍ର, ସଇଦନ ବିବିଙ୍କ ସଂଯୋଜନାରେ ପଖାଳ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶେଷରେ ରମେଶଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ବାଲିଆ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ



ବାଲେଶ୍ୱର,୨୧।୩(ସମିସ):ସହରର ଉପକଣ୍ଠ ବାଲିଆ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଶିଳ୍ପୀ କେଶୁ ଦାସ ଯୋଗ ଦେଇ କଣ୍ଢେଇର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ ଯେ କଣ୍ଢେଇ କେବଳ ଖେଳନା ନୁହେଁ, ଏହା କୋମଳମତି ପିଲାମାନଙ୍କ ସୃଜନଶୀଳ ଓ ବୈଦିକ ଜ୍ଞାନର ବିକାଶ ଘଟାଏ। ଅନ୍ୟତମ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ମହାନ୍ତି, ଉପସଭାପତି ବିଜୟ ମହାନ୍ତି, ସମ୍ପାଦକ ସନ୍ତୋଷ ନାୟକ ଯୋଗଦେଇ କଣ୍ଢେଇର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ଗୁରୁମା ପରାସୀ ରାଣୀ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବାବାଜୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗୀତ ଗୁରୁ ବ୍ରଜେଶ ପଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିବା ସହ କଣ୍ଢେଇ ଆଧାରିତ ସୁନ୍ଦର ସୁନ୍ଦର ସଂଗୀତ ପରିବେଷଣ କରିଥିଲେ।

### ● ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା

## ରୋହତକ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଚାମ୍ପିଅନ



ବାଲେଶ୍ୱର,୨୧।୩ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତାଇକ୍ୱୋଣ୍ଡୋ (ମହିଳା) ପ୍ରତିଯୋଗିତା ସମାପ୍ତ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଶକ୍ତୀକରଣ ଓ ଶକ୍ତିଶାଳୀ ଭବିଷ୍ୟତ ଗଢ଼ିବାର ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର କାର୍ଯ୍ୟ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ଦୀପକ ସି.ଏସ୍ (ବେଙ୍ଗାଲୁରୁ), କୁଳସଚିବ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାର ସଫଳ ଆୟୋଜନ କ୍ରୀଡା ପରିଷଦ ଉପନିର୍ଦ୍ଦେଶକ ଡ. ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇଙ୍କ ନିର୍ଦ୍ଦେଶନାରେ ସମ୍ଭବ ହୋଇଥିଲା। ଦେଶର ୨୫ଟି ରାଜ୍ୟର ୧୭୯ଟି ବିଶ୍ୱବିଦ୍ୟାଳୟରୁ କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତାରେ ଯୋଗଦେଇ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ। ସମୁଦାୟ ଫଳାଫଳରେ ହରିୟାନା ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଚାମ୍ପିଅନ୍ ହୋଇଥିବା ବେଳେ ସୁରତ (ଗୁଜରାଟ) ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଗାଜିପୁରଠାରେ ଇଦଗାଁ ପଡିଆରେ ଇଦ୍ ପାଳିତ

ଚନ୍ଦନେଶ୍ୱର, ୨୧।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବିଭିନ୍ନ ବସ୍ତିରେ ଇଦ୍ ଉଲ ଫିତର ପାଳିତ ହୋଇଛି। ଏଥିରେ ହୁଗୁଳି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗାଜିପୁର ଇଦଗାଁ ପଡ଼ିଆରେ ଶହ ଶହ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟରେ ଲୋକମାନେ ଏକଜୁଟ ହୋଇ ନମାଜ ପାଠ ସହିତ ଇଦପର୍ବ ପାଳନ କରିଛନ୍ତି। ଉକ୍ତ ଇଦ ପର୍ବରେ ଗାଜିପୁର ମସଜିଦର ମୌଲାନା ବାହା ଉଦ୍ଦିନ, ସେକ ଆହମ୍ମଦ, ସେକ ଅଲ୍ଲୀରୁଦ୍ଦିନ, ସେକ ବାସେଦ, ଜଲାଲରୁଦ୍ଦିନ, ସେକ ଫରିଦ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପୀନାଥପୁର ସାର୍ବଜନୀନ ବାସନ୍ତୀପୂଜା

# ଅନୁମତି ଦେଉନି ପ୍ରଶାସନ, ଗ୍ରାମବାସୀଙ୍କ କ୍ଷୋଭ

ଭୋଗରାଇ,୨୧।୩ (ସମିସ)



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ବାସନ୍ତୀ ପଡ଼ିଆ ହେବାକୁ ଯାଉଥିବା ବାସନ୍ତୀ ପୂଜାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବହୁ ପୂର୍ବରୁ ଉକ୍ତ ପଡ଼ିଆରେ ପୂଜା ଉତ୍ସବ ପାଇଁ ଅନୁମତି ଲାଗି ଆବେଦନ କରାଯାଇଥିଲେ ମଧ୍ୟ ଏଯାଏଁ ମିଳୁନି ଅନୁମତି। ପୂଜାକୁ ଆଉ ମାତ୍ର ୩ଦିନ ବାକି ରହିଥିବା ବେଳେ ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ପୂଜା କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଶନିବାର ଅପରାହ୍ନରେ ପୂଜା କମିଟି ପକ୍ଷରୁ ବାସନ୍ତୀ ପଡ଼ିଆ ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜନୈତିକ ଚାପ ଗ୍ରସ୍ତ ହୋଇ ପ୍ରଶାସନ ପୂଜା ପାଇଁ ଅନୁମତି ଦିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସୂଚନାଯୋଗ୍ୟ ଯେ ଗତ ୨୦୧୧ ମସିହା ଠାରୁ ଏଠାରେ ସାର୍ବଜନୀନ ବାସନ୍ତୀ ପୂଜା ଆରମ୍ଭ ହୋଇଥିଲା। ଦୁଇ ବର୍ଷ ପୂଜା ହେବା ପରେ ୨୦୧୩ ମସିହାରେ ମୂଳ କମିଟି ରୁ ଅଲଗା ହୋଇ କେତେକ ସଦସ୍ୟ ଅନ୍ୟ ସ୍ଥାନରେ ପୂଜା କରିଆସୁଥିଲେ। ମାତ୍ର ୨୦୨୫ ମସିହାରେ ପୂଜାକୁ ନେଇ ପୁଣି ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ପୂଜା ବିଭାଜନ ପରେ ଗୋଟିଏ ଗୋଷ୍ଠୀ ଅନ୍ୟ ସ୍ଥାନରେ ପୂଜା କରିଆସୁଥିଲା ବେଳେ ଉଦ୍ଦେଶ୍ୟ ମୂଳକ ଭାବେ ଅନ୍ୟ ଗୋଷ୍ଠୀ ଦ୍ୱାରା ଯେଉଁ ପଡିଆରେ ପୂଜା ହେଉଥିଲା ସେଠାରେ ପୂଜା କରିବା ପାଇଁ ଅଡ଼ି ବସିଥିବା ନେଇ କମିଟିର ସମ୍ପାଦକ ହୀରାଚାନ୍ଦ ଦାସ ଓ ଉପସଭାପତି ଅନିରୁଦ୍ଧ ପରିଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଫଳରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବାସନ୍ତୀ ଦେବୀ ସହିତ ପାଶ୍ୱର୍ ଦେବୀଙ୍କ ମୂର୍ତ୍ତିର ମୁଣ୍ଡ କାଟ ଘଟଣା ଚର୍ଚ୍ଚା ଜୋର ଧରିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ସେଠାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ୧୬୩ ( ବିଏନଏସ ) ଧାରା ଜାରି କରାଯାଇ ପୂଜା ବନ୍ଦ ନିମନ୍ତେ ଉଭୟ ପକ୍ଷକୁ ନିର୍ଦ୍ଦେଶ ଦିଆଯିବା ପରେ ଉଭୟପକ୍ଷ ବ୍ୟକ୍ତିଗତ ସ୍ଥାନରେ ପୂଜା କରିଥିଲେ । ଚଳିତ ବର୍ଷ ଏହି ମଧୁ ପାର୍ବଣ ନିମନ୍ତେ ଜିଲା ପ୍ରଶାସନ ଉଭୟ ପକ୍ଷକୁ ଡାକି ସମସ୍ୟାର ସମାଧାନ ନିମନ୍ତେ ବୈଠକ କରିଥିଲେ ମଧ୍ୟ ଅଦ୍ୟାବଧି ସ୍ଥାୟୀ ସମାଧାନ ହୋଇପାରିନାହିଁ। ପୂଜା ପାଇଁ ପ୍ରଶାସନକୁ ଅନୁମତି ମଗାଯାଇଥିଲା ବେଳେ ଏଯାଏଁ ଅନୁମତି ଦିଆଯାଇନାହିଁ। ଅପରପକ୍ଷରେ ବାସନ୍ତୀ ପଡିଆରେ ପୂଜା ନିମନ୍ତେ ମୂର୍ତ୍ତି ନିର୍ମାଣ ଚାଲୁଥିବାବେଳେ ପ୍ରଶାସନ ପକ୍ଷରୁ ନିର୍ମାଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ସଙ୍ଗୀନ ସ୍ଥିତି ପାଇଁ ପ୍ରଶାସନ ଦାୟୀ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ପୂଜାକମିଟିର ସଦସ୍ୟ ଶକ୍ତିପଦ ପରିଡା, ଦେବେନ୍ଦ୍ର ସେଠୀ, ଶିବଶଙ୍କର ସେଠୀ, ସୁଶାନ୍ତ ପରିଡା, ବନବିହାରୀ ସାମଲ, ଆଶିଷ ବିଶ୍ୱାଳ, ପରେଶ ପ୍ରଧାନ, ଲକ୍ଷ୍ମୀକାନ୍ତ ସେଠୀ, ପ୍ରଦୀପ ଦଳେଇ, ଲକ୍ଷ୍ମୀକାନ୍ତ ପରିଡା, ଅରୁଣ ପ୍ରଧାନ, ରାମଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ

ରାଜଘାଟ, ୨୧।୩ (ସମିସ): ମାଛଚାଷ ପୋଖରୀରେ ବିଷ ପକାଇ କୁଇଣ୍ଟାଲ କୁଇଣ୍ଟାଲ ମାଛ ମାରିଦେଲେ ଦୁର୍ବୃତ୍ତ। ବସ୍ତା ଥାନା ଭେଲୋରା ଗ୍ରାମରେ ଥିବା ମହାଦେବ ପୋଖରୀ କୁ ଗ୍ରାମର କିଛି ବ୍ୟକ୍ତି ପଞ୍ଚାୟତରୁ ଲିଜ ଆକାରରେ ଆଣି ମାଛଚାଷ କରିଥିଲେ। ଗତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ପୋଖରୀରେ ବିଷ ପକାଇ ଦେଇଥିବାରୁ ପୋଖରୀରେ ଥିବା ସମସ୍ତ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏ ନେଇ ଲିଜ ନେଇଥିଲେ ବ୍ୟକ୍ତି ମାନେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି। ଲିଜ ନେଇଥିବା ବ୍ୟକ୍ତିମାନେ ଉକ୍ତ ପୋଖରୀକୁ ପଞ୍ଚାୟତରୁ ୩ ବର୍ଷ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାରେ ନିଲାମ ଆଣିଥିବା ବେଳେ ଦୁଇଲକ୍ଷରୁ ଅଧିକ ଟଙ୍କାର ମାଛ ଯାଆଁଳ ଛାଡ଼ି ଥିଲେ। ବିଷକ୍ରିୟା ଫଳରେ ୪ ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହୋଇଥିବାରୁ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

## ଅସରାଏ ବର୍ଷାରେ ରାସ୍ତା ଓ ଡ୍ରେନ୍ ଏକାକାର



ବାଲେଶ୍ୱର,୨୧।୩ (ସମିସ): ଏବେଠୁ ଘାରିଲାଣି ବର୍ଷା ଜଳ ନିଷ୍କାସନ ସମସ୍ୟା। ଅସରାଏ ବର୍ଷାରେ ରାସ୍ତା ଓ ନାଳ ଏକାକାର ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱରରେ ବର୍ଷା ହୋଇଥିଲା। ଫଳରେ ସହରରେ କିଛି ସ୍ଥାନରେ ପାଣି ଜମିଥିଲା। ଏଥିସହିତ ରେମୁଣା ଅଞ୍ଚଳରେ ମଧ୍ୟ ପାଣି ନିଷ୍କାସନ ସମସ୍ୟା ଦେଖିବାକୁ ମିଳିଛି। ରାସ୍ତାରେ ବର୍ଷା ପାଣି ରହିବା ଦ୍ୱାରା ଯାତାୟାତରେ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟବାସୀ। ଗତ କାଲି ବର୍ଷା ହେବା ଯୋଗୁଁ ରେମୁଣା ବ୍ଲକ ନିଜାମପୁର ପଞ୍ଚାୟତ ଦୁମୁଦା ଗାଁ ରାସ୍ତାରେ ବର୍ଷା ପାଣି ଜମି ରହିଛି। ଗାଁକୁ ଯାଇଥିବା ମୁଖ୍ୟ ରାସ୍ତା ଏହି ଅସରାଏ ବର୍ଷାରେ ପାଣି ଭର୍ତ୍ତି ହୋଇରହିଛି। ଡ୍ରେନ୍ ଥାଇ ମଧ୍ୟ ତାହା ଅଚଳ। ବଡ଼ ବର୍ଷା ସମୟରେ ଏହାର ଅବସ୍ଥା ନକହିବା ଭଲ। ତୁରନ୍ତ ଏହି ରାସ୍ତାକୁ ଉଚ୍ଚ କରି ନିର୍ମାଣ ସହ ଡ୍ରେନ୍ କାମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କୁହିକା ମୁଣ୍ଡାସାହିରେ ମାଘେ ପର୍ବ

**କାଳିଆପାଣି, ୨୧ା୩(ସମିସ):** ମାଘେ ପର୍ବ ହେଉଛି ଓଡ଼ିଶାର ଆଦିବାସୀ ସମାଜରେ ପାଳିତ ହେଉଥିବା ଏକ ମୁଖ୍ୟ ପର୍ବ। ଏହା ବିଶେଷ କରି ହୋ, ମୁଣ୍ଡା, ସାନ୍ତାଳ ଇତ୍ୟାଦି ଜନଜାତିମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦର ସହ ପାଳନ କରାଯାଏ। ଏହି ପର୍ବଟି ମାଘ ମାସରେ ପାଳିତ ହୋଇଥାଏ, ଯାହାରୁ ଏହାର ନାମ 'ମାଘେ ପର୍ବ' ପଡ଼ିଛି। ଏହା ପ୍ରକୃତି ପୂଜା ଓ ନୂଆ ଫସଲର ଆନନ୍ଦକୁ ପ୍ରକାଶ କରେ। ଲୋକମାନେ ଭଗବାନଙ୍କୁ ଧନ୍ୟବାଦ ଜଣାଇ ଭଲ ଫସଲ ପାଇଁ ପ୍ରାର୍ଥନା କରନ୍ତି। ଏହି ସମୟରେ ଗାଁରେ ବିଭିନ୍ନ ପୂଜା, ନୃତ୍ୟ, ସଙ୍ଗୀତ ଓ ଆନନ୍ଦ ଉତ୍ସବ ହୁଏ। ମାଘେ ପର୍ବରେ ପରିବାର ଓ ସମୁଦାୟର ଲୋକମାନେ ଏକତ୍ର ହୋଇ ଖାଦ୍ୟ ବଣ୍ଟନ କରନ୍ତି, ନୂଆ ବସ୍ତ୍ର ପିନ୍ଧନ୍ତି ଓ ପାରମ୍ପରିକ ଖେଳ ଓ ନୃତ୍ୟରେ ଅଂଶଗ୍ରହଣ କରନ୍ତି। ଏହା ସମ୍ପ୍ରିତି, ଏକତା ଓ ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରେ। ଏହି ଅବସରରେ ଆଜି ସୁକିନ୍ଦା ବ୍ଲକ କୁହିକା ମୁଣ୍ଡା ସାହିରେ ମାଘେ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୁକିନ୍ଦାର ପୂର୍ବତନ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଆଦିବାସୀମାନଙ୍କୁ ଉତ୍ସାହିତ କରିଥିଲେ। ମହେନ୍ଦ୍ର ମୁଣ୍ଡା, ତୁରୀ ମୁଣ୍ଡା, ଦୀପକ ପୂର୍ତ୍ତି, ସୁରେଶ ପୂର୍ତ୍ତି ଏବଂ ଗ୍ରାମବାସୀ ଅନୁଷ୍ଠାନକୁ ସହଯୋଗ କରିଥିଲେ।

### ପ୍ରତିଶ୍ରୁତି ରକ୍ଷା କରିବାରେ ପୁଲିସ ବିଫଳ

# ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ଧାରଣା



**ପାଣିକୋଇଲି, ୨୧ା୩(ସମିସ)**

ଯାଜପୁର ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତର ପ୍ରମାଣ ଧର୍ମଶାଳାରେ ଦେଖିବାକୁ ମିଳିଛି। ଜଙ୍ଗଲରାଜକାରୀକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୁରକ୍ଷା ଦେଉଥିବାରୁ ସାଧାରଣରେ ଆଲୋଚନା ହୋଉଛି। ଯାହାର ନଗ୍ନ ଉଦାହରଣ ପାଲିଟିଛ ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କ ଆକ୍ରମଣ କ୍ଷେତ୍ରରେ। ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ମୌଜାର କୁସୁନପୁର ପାହାଡରୁ ବେଆଇନ କଳାପଥର ଲୁଟ୍ ନେଇ ଚାଷୀ ମାନେ ସରକାରଙ୍କ ନିକଟରେ ଅଭିଯୋଗ କରିବା ସହ ଅଦାଲତରେ ୧୪୪ କରିଥିଲେ। କିନ୍ତୁ ସମସ୍ତ ଅଭିଯୋଗପରେ କାର୍ଯ୍ୟାନୁଷ୍ଠାନ ନହୋରୁ ସେମାନେ ସତୀଶ ବିଶ୍ୱାଳଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଡାକିଥିଲେ। ଶ୍ରୀ ବିଶ୍ୱାଳ କ୍ଷେତ୍ର ପରିଦର୍ଶନ ବେଳେ ସଶସ୍ତ୍ର ମାଫିଆମାନେ ସଂଘବଦ୍ଧ ହୋଇ ମରଣାନ୍ତକ ଆକ୍ରମଣ ସହ ମହିଳାମାନଙ୍କୁ ଆକ୍ରମଣ କରି ଗାଡି ଭାଙ୍ଗିରୁଜି ଦେଇଥିଲେ। ଏନେଇ ସତୀଶ ଓ ଗ୍ରାମବାସୀ ପୁଲିସକୁ ଜଣାଇବା ପରେ ଜେନାପୁର ଥାନାଧିକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜେନାପୁର ପୁଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଓଲଟି ସତୀଶ ଓ ସହଯୋଗୀଙ୍କ ପରିବାର ଉପରେ ବାରମ୍ବାର ଚଢ଼ଉ କରିବା ନେଇ ଗତ ୧୮ ତାରିଖରେ ସତୀଶଙ୍କ ପରିବାର ପକ୍ଷରୁ ଏସ୍‌ପିଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ନହେଲେ ଅନଶନ କରିବାର ଚେତାବନୀ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ପୁଲିସ ଆହୁରି କଠୋର ମନୋଭାବ ନେଇ ସତୀଶଙ୍କ ପରିବାର ଉପରେ ବିନା ମହିଳା ପୁଲିସରେ ଚଢ଼ଉ ଜାରି ରଖିଥିଲା। ଫଳରେ ସତୀଶଙ୍କ ପରିବାର ଭୟ ଓ ଆତଙ୍କିତ ସହ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ଅଭିଯୁକ୍ତ ପରିବର୍ତ୍ତେ ଅଭିଯୋଗକାରୀଙ୍କ ଉପରେ ହେବାରୁ ପୂର୍ବ ପ୍ରତିଶ୍ରୁତି ରକ୍ଷା କରିବାରେ ପୁଲିସ ବିଫଳ ହେବାରୁ ସତୀଶ ପରିବାର ସମେତ ଅନ୍ୟ ନିର୍ଯାତିତ ପରିବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଧାଣାରେ ବସିଥିଲେ। ଧାରଣା ଆରମ୍ଭ ହେବା କ୍ଷଣି ପୁଲିସ ସେଠାରେ ପହଞ୍ଚିଥିଲା। ଧାରଣାସ୍ଥଳରେ ଅତିରିକ୍ତ ଏସପି ଶୀତକଣ୍ଠ କାନୁନଗୋ, ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅଭିଯୋଗକରୀଙ୍କ ଉପର ପୁଲିସ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାର ବ୍ୟତିକ୍ରମ ହେଲେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ଅନଶନ ସହ ଆତ୍ମାହୁତି ଦେବାର ଚେତାବନୀ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ



**ଯାଜପୁର, ୨୧ା୩(ସମିସ):** ଯାଜପୁର ଟାଉନ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରୀୟ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଯାଜପୁର ମ୍ୟୁନିସିପାଲିଟି ଅନ୍ତର୍ଗତ କଲେଜ ଓ ସ୍କୁଲମାନଙ୍କର ଅଧକ୍ଷ, ପ୍ରଧାନଶିକ୍ଷକ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତିଙ୍କ ସଭାପତିତ୍ୱରେ ଉକ୍ତ ସଚେତନତା ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ମୁଖ୍ୟବକ୍ତା ରୂପେ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଶ୍ରୀନିବାସ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଇଓ ଦଶରଥପୁର, ବିଇଓ ବରୀ, ଏବିଇଓ ଯାଜପୁର ଓ ଏବିଇଓ ବିଞ୍ଝାରପୁର ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ନିଜର ବକ୍ତବ୍ୟରେ ଗ୍ରୀଷ୍ମ ପ୍ରବାହ ସମୟରେ କ'ଣ କରିବା ଓ କଣ ନକରିବା, ସରକାରଙ୍କ ଦ୍ୱାରା ପ୍ରସାରଣ କରାଯାଉଥିବା ବିଭିନ୍ନ ସୂଚନାକୁ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ମତ ପୋଷଣ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ପ୍ରବାହ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପିଇବା ପାଣି, ଗ୍ଲୁକୋଜ, ଓଆର୍‌ଏସ୍ ମହଜୁଦ ରଖିବା ସହ ଅଂଶୁଘାତ ପାଇଁ ଏକ ସ୍ୱତନ୍ତ୍ର କୋଠରି କରିବା ପାଇଁ ମତ ପ୍ରକାଶ କରିଥିଲେ। ଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

### ବୟସ୍କ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନି

## ୯୫ ବର୍ଷରେ ବି ମିଳୁଛି ହଜାର ଟଙ୍କା

**ସିଂହପୁର, ୨୧ା୩(ସମିସ):** ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱର ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବା ପାଇଁ ଯୋଜନା କରିଥିଲେ





ମଧ୍ୟ ପ୍ରଶାସନର ମନମାନୀ ଓ ଦୁର୍ନୀତି ଖୋର୍ ନୀତି ଯୋଗୁଁ ବାଙ୍ଗରା ପଞ୍ଚାୟତର ବହୁ ବୟସ୍କ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତର ମୁକ୍ତି ଦାସ (୯୫), ନଟବର ନାୟକ (୯୨), ଯୁଧିଷ୍ଠିର ଜେନା (୮୬) ଏହି ବର୍ଦ୍ଧିତ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଭତ୍ତା ପ୍ରଦାନ କରିବାରେ ଅବହେଳା କରୁଛି। ବାରମ୍ବାର ବ୍ଲକରେ ଅଭିଯୋଗ କଲେ ମଧ୍ୟ ବର୍ଦ୍ଧିତ ଭତ୍ତା ମିଳୁନଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏହି ତିନି ଜଣ ବୃଦ୍ଧବୃଦ୍ଧା ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ଯୋଗୁଁ ଏମାନେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। ପରିଣତି ବୟସରେ ବର୍ଦ୍ଧିତ ଭତ୍ତା ଔଷଧ ଖର୍ଚ୍ଚ ପାଇଁ ସହାୟକ ହୁଅନ୍ତା ବୋଲି ସମ୍ପୃକ୍ତ ବୟସ୍କ ବ୍ୟକ୍ତି କୋହଭରା କଣ୍ଠରେ କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ଶିଳାନ୍ୟାସ



**ବରୀ, ୨୧ା୩(ସମିସ):** ବରୀ ବ୍ଲକ ଅଧୀନସ୍ଥ ଚନ୍ଦନପୁର ପଞ୍ଚାୟତର ପୁନି ଛକ ଠାରୁ ମେଦୁଆକୂଳ ଦକ୍ଷିଣସୁକଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଅର୍ଥ ମଞ୍ଜୁର ହେବାପରେ ବରୀ ବିଧାୟକ ଶିଳାନ୍ୟାସ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ଏହାକୁ ଗୁରୁତ୍ୱ ଦେଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଉଦ୍ୟମ ଯୋଗୁଁ ଏହା ସଫଳ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଆଣି କିଭଳି ଭାବରେ ଏହି ରାସ୍ତା ନିର୍ମାଣ ହୋଇ ପାରିବ ବ୍ୟାପକ ଆଲୋଚନା କରିଥିଲେ। ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ୩ କୋଟି ୫୨ ଲକ୍ଷ ଟଙ୍କାରେ ଟେଣ୍ଡର ହେବା ପରେ ଏହି କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ବରୀ ବିଜେଡି ସଭାପତି କେଦାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ହରିହର ପଣ୍ଡା, ଚିନ୍ତାମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ୨ ଗୁରୁତର

**ମଙ୍ଗଳପୁର, ୨୧ା୩ (ସମିସ):** ଶନିବାର ସନ୍ଧ୍ୟା ସମୟରେ ମଙ୍ଗଳପୁର ଥାନା ଅଧିନ ଦୁବକଣ ହାଇସ୍କୁଲ ଛକ ନିକଟରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ୨ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ମଙ୍ଗଳପୁର ପୁଲିସକୁ ଖବର ଦେଇଥିବା ବେଳେ ଖବର ପାଇ ମଙ୍ଗଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଆହତଙ୍କୁ ମଙ୍ଗଳପୁର ମେଡିକାଲକୁ ନେଇ ଚିକିତ୍ସା କରିବା ସହ ବାଇକ୍ ୨ଟିକୁ ଜବତ କରି ଥାନାକୁ ନେଇଥିବା ଜଣା ପଡ଼ିଛି। ଗୁରୁତରଙ୍କ ମଧ୍ୟରୁ ଜଣକ ଘର ମଲ୍ଲିପୁର ଗ୍ରାମର ଲୁଲନ ମଲ୍ଲିକ (୪୦) ବର୍ଷ ହୋଇଥିବା ବେଳେ ଅନ୍ୟ ଜଣକ ଘର ବୈଶପାନ ଅଞ୍ଚଳର ସୁଧୀର ଜେନା (୩୨) ବର୍ଷ ବୋଲି ଜଣାପଡ଼ିଛି।

## ସମାଜସେବୀ ଟିକୁ ମଲ୍ଲଙ୍କ ସ୍ମୃତିସଭା

**କବାଟବନ୍ଧ, ୨୧ା୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ଗ୍ରାମର ସମାଜସେବୀ ଧର୍ମେନ୍ଦ୍ର କୁମାର ମଲ୍ଲ (ଟିକୁ)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କବାଟବନ୍ଧ ମେଡିକାଲ ଅଫିସର ଡା. ନିହାର ରଞ୍ଜନ କର, ସମାଜସେବୀ ମିନତୀ ସାହୁ, କାହ୍ନୁଚରଣ ଦାସ, ଡ. କୁଶଚନ୍ଦ୍ର ପ୍ରଧାନ, ଆମ ଆଶ୍ରମର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ କୁମାର ଧୀର, ଶିକ୍ଷକ ନେତା ବିଷ୍ଣୁଚରଣ ସାହୁ, ରଘୁନାଥ ବେହେରା, ଦେବବ୍ରତ ରାଉତ, ନବଘନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ରାଉତ, ନିର୍ମଳ ଚନ୍ଦ୍ର ସାମଲ, ଧ୍ରୁବ ଚରଣ ରାଉତ, ଦେବବ୍ରତ ରାଉତ, ସୁଶାନ୍ତ ଜେନା, ରକ୍ତବନ୍ଧୁ ଯାଜପୁରର ଆବାହକ ସାମ୍ବାଦିକ ବସନ୍ତ କୁମାର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସମାଜସେବୀ କାହ୍ନୁ ଚରଣ ଦାଶ ସଭା ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ-ଫିତର

**ବିଞ୍ଝାରପୁର, ୨୧ା୩(ସମିସ):** ଆଜି ବିଞ୍ଝାରପୁର ବିଭିନ୍ନ ଅଞ୍ଚଳରେ ହର୍ଷଉଲ୍ଲାସର ସହିତ ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ରମଜାନ ମାସର ଶେଷରେ ଚାନ୍ଦ ଦେଖିବା ପରେ ଶନିବାର ପ୍ରତ୍ୟୁଷରୁ ଶୁଦ୍ଧପୂତ ହୋଇ ନୂତନ ବସ୍ତ୍ର ପରିଧାନ କରି ସମବେତ ନମାଜ ପାଠ କରିଥିଲେ। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇ ସିମେଇ, ଲଚ୍ଛା, ମିଠା ଖାଇ ଖୁସି ମନାଇଥିଲେ। ବିଞ୍ଝାରପୁର ପୁରୁଣା ଇଦ୍‌ଗାରେ ମୁଫତି ଗୁଫାରାନ ନୂଆ ଇଦ୍‌ଗା ହାଫିଜ ଲାଲୀ, ଶାସନ୍ଦା ଜମା ମସଜିଦରେ ମୌଲାନା ରାହାତ ଅଲି ଖାଁ, ଅଲକୁଣ୍ଡରେ ୱାସୀମ ରାଜା କୈଏଣା ରଘୁନାଥପୁରରେ ମୁଫତି ଓବେଦୁଲା ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ପବିତ୍ର ବାଣୀ ସମ୍ପର୍କରେ ବିସ୍ତୃତ ବାଖ୍ୟା କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ଅଶୋକ ସାହୁ, ସୁଖରଞ୍ଜନ ପରିଡ଼ା, ଏମ୍‌ଡି ସବିର, ମୋଜାହିଦ ଖାଁ, ପ୍ରମୁଖ ପହଞ୍ଚି ଇଦ ଶୁଭେଚ୍ଛା ଜଣାଇଥିଲେ।

**ବ୍ରହ୍ମବରଦା:** ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ୟାଙ୍କ ଛକ ଇଦ୍‌ଗା ପଡ଼ିଆଠାରେ ଇଦ୍-ଉଲ-ଫିତର ପାଳିତ ହୋଇଯାଇଛି। ବ୍ରହ୍ମବରଦା ଏବଂ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତର ହଜାର ହଜାର ମୁସଲମାନ ଭାଇମାନେ ଏହି ଅବଶରରେ ଇଦଗା ପଡ଼ିଆଠାରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ସେଠରେ ଉପସ୍ଥିତ ଥିବା ବରୀ ନିର୍ବାଚନ ମଣ୍ଡଳୀର ୩୬ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ ପ୍ରମୁଖ ମୁସଲମାନ ଭାଇମାନଙ୍କୁ ଗୋଲାପ ଫୁଲ ଦେଇ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମବରଦା ଥାନା ପକ୍ଷରୁ ଗୋଟିଏ ସେକ୍ସନ ପୁଲିସ ବିଭିନ୍ନ ଛକ ଓ ଇଦଗାହା ପଡ଼ିଆରେ ମୁତାୟନ କରାଯାଇଥିଲା।






**ଧର୍ମଶାଳା:** ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ଇଦୁଲ ଫିତର ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଯାଇଛି। ଆଜି ସକାଳୁ ନିଜ ନିଜ ଅଞ୍ଚଳରେ ଥିବା ଇଦଗା ଓ ମସ୍‌ଜିଦରେ ଏକତ୍ରିତ ହୋଇ ସମବେତ ପ୍ରାର୍ଥନା ଭାଗ ନେଇଥିଲେ। ଧର୍ମଶାଳା ଅଞ୍ଚଳର ଚୋରୁହାଁ ଇଦଗା, ଧର୍ମଶାଳା ମସ୍‌ଜିଦ, ଚହଟା ଇଦଗା, ବଡ଼ମଙ୍ଗଳପୁର ମସ୍‌ଜିଦ, ତରାପୁର, କାଏମା, ନେଉଳପୁର ଇଦଗା।। ଓ ମସଜିଦରେ ମୁସଲମାନ ଭାଇମାନେ ଆଜି ସମବେତ ନମାଜ ପାଠ କରି ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ଅବସରରେ ପରସ୍ପର ମଧ୍ୟରେ ଭାଇଚାରା ରକ୍ଷା ନେଇ ସମାଜସେବୀ ମିନତୀ ସାହୁ ଚୋରମୁହାଁ ପଞ୍ଚୟତର ବିଭିନ୍ନ ମସ୍‌ଜିଦ ଓ ଇଦଗା ଯାଇ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ମୁନା ଖାଁ, ମଦନ ମୋହନ ନାୟକ, ପୂର୍ବତନ ସମିତିସଭ୍ୟା ଗୀତାଞ୍ଜଳି ପ୍ରଧାନ, ନିର୍ମଳ ପ୍ରଧାନ, ଅଶୋକ କୁମାର ରାଉତ, ସୁଶାନ୍ତ ଜେନା, ନାରୟଣ ମଲିକ, ପରମେଶ୍ୱର ପଣ୍ଡା, ଅନୁପକୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ପାଣିକୋଇଲି:** ପବିତ୍ର ଇଦ-ଉଲ-ଫିତର ଅବସରରେ ପାଣିକୋଇଲି ମସ୍‌ଜିଦଠାରେ ମୌଲବି କ୍ୱାରୀ ସେକ ସବିରଙ୍କ ନେତୃତ୍ୱରେ ସମୂହ ନମାଜ ପାଠ କରାଯାଇଛି। ନମାଜ ପାଠ ପରେ ପରସ୍ପରକ ଇଦ୍ ମୁବାରକ ଜଣାଇଥିଲେ। ଘରେ ଘରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ମିଠା ଓ ସିମେଇ ଖୁଆଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲେ। ସେକ ଜହର ଅଲ୍ଲୀଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଏହି ଇଦ୍ ପର୍ବରେ ସାମିଲ ହୋଇଥିଲେ। ସେହିପରି ଗୋଳେଇପୁର ପଞ୍ଚାୟତର ରାମପୁର ଶଗଡ଼ି ଓ ବଇଁଚିରାରେ ମଧ୍ୟ ଇଦ୍ ପାଳିତ ହୋଇଛି।

# ଯାଜପୁର ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା





**ଯାଜପୁର, ୨୧ା୩(ସମିସ)**




ଆଜି ଜିଲ୍ଲା ମହୋତ୍ସବ 'ଯଯାତି'ର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ସୁସ୍ମିତା ଦାସ, ମାନସ ପ୍ରିତମଙ୍କ ଭଳି କଣ୍ଠଶିଳ୍ପୀମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ସେହିଭଳି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଏହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଳମ୍ବିତ ରାତ୍ରିରେ ବଲିଉଡ୍ କଣ୍ଠଶିଳ୍ପୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ତେବେ ମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶ୍ୱ କବିତା ଦିବସ ଅବସରରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ ଏହି କବି ସମ୍ମିଳନୀରେ ସମଗ୍ର ଜିଲ୍ଲାରୁ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ କବି ସାମିଲ ହୋଇ କବିତା ଆବୃତ୍ତି କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ତଥା କବି ସମ୍ମିଳନୀ ଉପକମିଟିର ଅଧ୍ୟକ୍ଷ ତାପସ ରଞ୍ଜନ ଦେହୁରୀ ଉତ୍ସବକୁ ଉଦଘାଟନ କରିଥିଲେ। ଅତିଥି ଭାବେ ସଂଯୋଜକ ପ୍ରଭାତ ମଲ୍ଲିକ, ସହକାରୀ ଜିଲ୍ଲାପାଳ ତଥା ଆବାହକ ସୁଶ୍ରୀ ସ୍ମରଣିକା ଦାଶ, କବି ଗୌତମ ଜେନା, ନିରଞ୍ଜନ ପାଢ଼ୀ, ସମାଜସେବୀ ସନ୍ତୋଷ ନନ୍ଦ ଯୋଗ ଦେଇଥିଲେ। ଯାଜପୁରର ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ସାହିତ୍ୟ ସହ ଯୋଡ଼ିବାରେ ଏଭଳି କାର୍ଯ୍ୟକ୍ରମ ବେଶ୍ ଉପଯୋଗୀ ବୋଲି ଅତିଥିମାନେ ମତ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ବ୍ୟଙ୍ଗ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇ କବିମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ କୁନି ଶିଶୁ କଳାକାରମାନେ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମଧୁମିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଜିଲ୍ଲାପାଳ ସୁଶ୍ରୀ ସ୍ମରଣିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ସମିତିର ଜଙ୍ଗଲ ଦିବସ

**ପ୍ରୀତିପୁର, ୨୧ା୩(ସମିସ):** ଜିଲ୍ଲା ପରିବେଶ ସମିତି ଯାଜପୁର ଆନୁକୂଲ୍ୟରେ ବିଞ୍ଝାରପୁର ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ବାଛୋଳଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହାକୁ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଡ. ଶରତ କୁମାର ସାହୁ ବନ ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ର ବିଷୟ 'ଜଙ୍ଗଲ ଓ ଆମର ଅର୍ଥନୀତି'ର ଆବଶ୍ୟକତା, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରାତଃ କାଳରେ ଇକୋ କ୍ଲବ୍ ଛାତ୍ରଛାତ୍ରୀ ସଚେତନତା ପଦଯାତ୍ରାରେ ଯୋଗ ଦେଇ ସ୍ଥାନୀୟ ଅଞ୍ଚଳରେ ପରିବେଶ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ସଭାପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ମହାବିଦ୍ୟାଳୟ ରାମବାଗର ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବାଛଳ ପଞ୍ଚାୟତ ସରପଞ୍ଚ କଳ୍ପନା ବେହେରା, ଓଷ୍ଟା ବିଞ୍ଝାରପୁର ସଭାପତି ଜଗନ୍ନାଥ ବେହେରା, ଓଷ୍ଟା ଯାଜପୁର ଉପଦେଷ୍ଟା ସୁବାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଶୁଲପୁରର ପ୍ରକୃତିବନ୍ଧୁ ଦେବେନ୍ଦ୍ର କୁମାର ନାୟକ ଓ ଧ୍ରୁବଚରଣ ସାହୁ ହାଇସ୍କୁଲ ନାଉବାଙ୍କର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଭୂଷଣ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଓଷ୍ଟା ଉପସଭାପତି ମୀନକେତନ ପୁହାଣ, ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରମୋଦ କୁମାର ବେହୁରିଆ, ସୌଦାମିନୀ ରାଉତ, ମାଧବ ଚନ୍ଦ୍ର ଧଳ, ଉତ୍କଳ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA
www.sakalaepaper.com



# ଅନ୍ତିମ ଲଣ୍ଠନ



ସ୍ନିଗ୍ଧା ନାୟକ

ସମୟ ଥିଲା ମାଧୁ ଦାସକୁ କେବଳ ସେ ରହୁଥିବା ସହର ନୁହଁ, ଆଖପାଖ ସହର ଓ ଗାଁଗୁଡ଼ିକର ଲୋକେ ବି ଜାଣିଥିଲେ। ମାଧୁ ଦାସ ତା' ଲଣ୍ଠନ ପାଇଁ ଏତେ ଖ୍ୟାତି ଅର୍ଜନ କରିଥିଲା ଯେ କେତେବେଳେ ସେ ମାଧୁ ଦାସରୁ ଦାସ ଲଣ୍ଠନ ହେଇଗଲା, ସେ ନିଜେ ବି ଜାଣି ପାରିନଥିଲା। ଏଇ ନାଆଁ ନେଇ ସହରରେ ଯାହାକୁ ପଚାରିଲେ ବି ଅତି ସହଜରେ ତା' ଠିକଣା ମିଳି ଯାଉଥିଲା । ଗତ ଷାଠିଏ ବର୍ଷରୁ ସେ ଲଣ୍ଠନ ତିଆରି କରି ଆସୁଛି । ନିଜେ ଆରମ୍ଭ କରିନଥିଲା, କୋଉ ପିଢ଼ିରୁ ସେମାନେ ଏ ବ୍ୟବସାୟ କରି ଆସୁଥିଲେ । ସାତ ବର୍ଷ ବୟସରୁ ଏ କଳାରେ ନିପୁଣ ସିଏ। ପିଲାଙ୍କ ପାଇଁ ଛୋଟ ଲଣ୍ଠନ, ଧୀବରମାନଙ୍କ ପାଇଁ ମଜବୁତ୍ ଏବଂ ବଡ଼ ଲଣ୍ଠନ, ବାହାଘର ପାଇଁ ସୁନ୍ଦର କାରୁକାର୍ଯ୍ୟରେ ବିମଣ୍ଡିତ ପିତ୍ତଳ ଲଣ୍ଠନ।

ପରିବର୍ତ୍ତନ ବିଧିର ବିଧାନ। ସମୟ ସହ ଦୁନିଆ ବି ବଦଳୁଥିଲା। ଲୋକେ ବିଜୁଳିବତିର ବ୍ୟବହାର କରୁଥିଲେ। ଏବେ ଆଉ ତା' ଦୋକାନରେ ଭିଡ଼ ହେଉନି କି ଦାସ ଲଣ୍ଠନକୁ ଖୋଜା ପଡୁନି । ତଥାପି ମାଧୁ ପ୍ରତି ସନ୍ଧ୍ୟାରେ ରାସ୍ତାକଡ଼ରେ ଥିବା ତା' ଛୋଟ ଚାଳଘରର ମାଟି କାନ୍ଥରେ ଝୁଲାଇ ଦିଏ । ଯିବା ଆସିବା ଲୋକ କିଏ କେମିତି ଯଦି ପଚାରେ, "ଆଲୁଅ କେବେ କ'ଣ ନଷ୍ଟ ହୁଏ?" ଏତକ କହି ନିଜ କାମରେ ଲାଗିପଡ଼େ ।

ସେଦିନର ଶୀତ ରାତି, ହେମାଳ ପବନ ରାସ୍ତାରେ ଦଉଡୁଥିଲା । ଇଲେକ୍‌ଟ୍ରିକ୍ ଖୁଣ୍ଟର ବତିଗୁଡ଼ିକ ଜଳୁ ନଥିଲେ । ଯେଉଁ କେତେକ ଜଳୁଥିଲେ, ଅଳ୍ପ ସମୟ ପରେ ଧପ୍ ଧପ ହେଇ ମିଞ୍ଜି ମିଞ୍ଜି ଜଳିବା ଆରମ୍ଭ କରିଥିଲେ । ଜଣେ ପନ୍ଦର - ଷୋହଳ ବର୍ଷର ବାଳକ ମାଧୁର ମାଟିକାନ୍ଥକୁ ଆଉଜେଇ ଲଣ୍ଠନ ପାଖରେ ଛିଡ଼ା ହେଇଥିଲା । ପିଲାଟି ଦେହରେ ଖଣ୍ଡିଏ ଛିଣ୍ଡା ୟୁନିଫର୍ମ ଆଉ ପାଦରେ ହଳେ ଫଟା ଜୋତା ଥିଲା । ତା' ଆଖିରେ ଥିଲା ମେଞ୍ଚେ ଉଦାସୀନତା । ମାଧୁକୁ ଘର ବାହାରେ ପାଇ ବାଳକଟି ପଚାରିଲା – "ମୁଁ କିଛି ସମୟ ଏଠି ରହି ପାରିବି ?"

"ଗୋଟିଏ ଆଲୋକ ଦେଉଥିବା ଲଣ୍ଠନ ସମସ୍ତଙ୍କୁ ସ୍ୱାଗତ ଜଣାଏ । ଏହା ହିଁ ତା'ର ଧର୍ମ" ମାଧୁର ଉତ୍ତର ।

ଅନେକ ସମୟ ଯାଏଁ ବାଳକକୁ ସେଇଠି ପାଇ ମାଧୁ ବାହାରେ ଏତେ ସମୟ ରହିବାର କାରଣ ପଚାରିଲା । ବାଳକଟି ସଙ୍କୋଚର ସହ ଉତ୍ତର ଦେଲା "ଘରେ ଆଲୁଅ ନାହିଁ । ପବନରେ ବୋଧେ କୌଣସି ତାର ଛିଣ୍ଡି ଯାଇଛି । ପଡ଼ୋଶୀଙ୍କ ପାଖକୁ ଯାଇ ହଇରାଣ କରିବାର ଇଚ୍ଛା ନଥିଲା ।"

ମାଧୁ, ଘର ଭିତରୁ ଛୋଟ ଦୌଡ଼ିଆ ଖଟଟେ ଆଣି ଲଣ୍ଠନ ତଳେ ଥୋଇଦେଲା । ବାଳକଟି ଅନେକ ସମୟ ଯାଏଁ ସେଇଠି ବସି ରହିଥିଲା । ସେଦିନଠୁ ପ୍ରତିଦିନ ସଂଜରେ ପିଲାଟି ସେଠିକି ଆସି ପଢ଼ାପଢ଼ି କରେ । ବାଳକଟି ନିଜ କାମରେ ବ୍ୟସ୍ତ ଥାଏ ଆଉ ମାଧୁ ତା' କାମରେ । ପୁରୁଣା ଲଣ୍ଠନଗୁଡ଼ିକକୁ ସଫା କରୁଥାଏ ପୁଣି ସଜାଡ଼ି ରଖିଥାଏ । କେବେ କେବେ ପିଲାଟି ସହ ଭଲମନ୍ଦ ଦି' ପଦ କଥା ହୁଏ । ଦିନେ ବାଳକଟି ପଚାରିଲା "ଯେତେବେଳେ ଲୋକେ ଆଉ ଲଣ୍ଠନ କିଣୁ ନାହାନ୍ତି, ତ' କ'ଣ ପାଇଁ ଲଣ୍ଠନ ତିଆରି କରୁଛ ?"

ମାଧୁ ହସିଲା "କାହାକୁ ନା କାହାକୁ ତ ଲଣ୍ଠନ ଆଲୋକର ଦରକାର ହେବ । ହୁଏତ ଆଜି ନୁହଁ କିନ୍ତୁ କେବେ ନା କେବେ ତ... ।"

ସପ୍ତାହ, ସପ୍ତାହ କରି ତିନି ଚାରି ସପ୍ତାହ ବିତିଗଲା । ବାଳକଟି ତଥାପି ପ୍ରତିଦିନ ସେଠିକି ଯାଏ । ବାଳକଟିର ପରୀକ୍ଷା ଶେଷ ହେଇ ଯାଇଥିଲା ତଥାପି ସେ ନିୟମିତ ମାଧୁକୁ ଭେଟିବାକୁ ଯାଏ, ଧାତୁଗୁଡ଼ିକ ଚମକାଇବାରେ ତାକୁ ସାହାଯ୍ୟ କରେ ତ କେବେ କେବେ ଦିହେଁ ବାର୍ତ୍ତାଳାପରେ ସମୟ କାଟି ଦିଅନ୍ତି । ପିଲାଟିର ଉପସ୍ଥିତିରେ ହଜି ଯାଇଥିବା ଗହଳ ଚହଳ ପୁଣି ଫେରି ଆସିଥିଲା ଭଳି ମାଧୁକୁ ମନେ ହେଲା । ସକାଳ ସମୟ ସୂର୍ଯ୍ୟ କୁହୁଡ଼ିର ଚାଦରରେ ଢାଙ୍କି ହୋଇ ରହିଥିଲେ । ମାଧୁ କବାଟ ଖୋଲିଲା, କିଛି କାଠ ଆଣି ନିଆଁ ଜାଳି ଗରମ ସେକ ନେବା ପାଇଁ । କିନ୍ତୁ ଦ୍ୱାର ଖୋଲୁ ଖୋଲୁ ଦ୍ୱାରବନ୍ଧ ପାଖରେ ଖଣ୍ଡିଏ ଚିଠି ପାଇଲା । ଲେଖା ଥିଲା - "କାକା, ଆପଣଙ୍କ ଲଣ୍ଠନର ଆଲୋକ ଯୋଗୁଁ ମୁଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଛି । ମୁଁ ଆପଣଙ୍କ ଉପସ୍ଥିତି ଚାହେଁ। ସନ୍ଧ୍ୟା ଛଅଟାରେ ଟାଉନ ହଲରେ ପହଞ୍ଚି ଯିବେ ।"

ଭ୍ରମିତ କିନ୍ତୁ ଉତ୍ସୁକ... । ମାଧୁ ଚାଲିଗଲା, ଟାଉନ ହଲକୁ । ହଲ୍ ଭିତରେ ପାଦ ଦେଉ ଦେଉ ସେ ଚକିତ ହେଲା । ଅଜାଣତରେ ତାଙ୍କ ପାଟି ମେଲାଇ ହେଇଗଲା ଆଉ ଆଖି ଡଗ ଡଗ କରି ଚାରିଆଡ଼େ ଧାଇଁଲା । ସଂପୂର୍ଣ୍ଣ ହଲ୍‌ଟି ଜଗମଗ ହେଉଥିଲା ଲଣ୍ଠନଗୁଡ଼ିକର ଆଲୁଅରେ। ସେଇଠି ସେ ଜାଣିବାକୁ ପାଇଲା ଯେ, ବାଳକଟି ବିଭିନ୍ନ ଜାଗାରୁ ଲଣ୍ଠନଗୁଡ଼ିକୁ ଏକତ୍ରିତ କରିଥିଲା, ଯେଉଁଗୁଡ଼ିକୁ ଅକାମୀ ଭାବି ଲୋକେ ଏପଟେ ସେପଟେ, କୋଉ କ'ଣରେ ଫୋପାଡ଼ି ଥିଲେ ।

ଷ୍ଟେଜ୍ ଉପରକୁ ମାଧୁକୁ ଡକାଗଲା। ସହରର ମେୟର କହିଲେ "ମହାଶୟ ଆପଣ ବର୍ଷ ବର୍ଷରୁ ସହରର ରାସ୍ତାଗୁଡ଼ିକରେ ଆଲୁଅ କରିଛନ୍ତି । ଆପଣଙ୍କ ଲଣ୍ଠନ ଧୀବରମାନଙ୍କୁ ମାର୍ଗଦର୍ଶନ କରିଛି । ଯାତ୍ରୀଙ୍କୁ ରାସ୍ତା ଦେଖାଇଛି ଆଉ କେତେ ଛାତ୍ର ତା' ଆଲୁଅ ତଳେ ପାଠ ପଢ଼ି ଉତ୍ତୀର୍ଣ୍ଣ ହେଇଛନ୍ତି । ଆମେ ଆପଣଙ୍କ ଛୋଟ ଦୋକାନକୁ ସଂଗ୍ରାହଳୟରେ ବଦଳାଇବାକୁ ଚାହୁଁ, ଯେଉଁଠି ଭିନ୍ନ ଭିନ୍ନ ସମୟର ଲଣ୍ଠନ ଏବେ ବି ସଂରକ୍ଷିତ ।"

ତାଳି ବାଜି ଉଠିଲା । ମାଧୁ ଅବାକ୍ ହୋଇ, ସ୍ଥିର ଛିଡ଼ା ହେଇଥିଲା । ତା' ଆଖି ତାରାଗୁଡ଼ିକ ଭଳି ଚମକୁ ଥିବା ଲଣ୍ଠନଗୁଡ଼ିକରେ ଲାଖି ରହିଥିଲେ । ସେ ନିଜକୁ କହିଲା, "କେତେ ରାତି...ମତେ ଲାଗିଛି, ଏବେ ମୋ' ଲଣ୍ଠନ ଆଲୁଅର ପ୍ରୟୋଜନ ନାହିଁ ।"

ମେୟର ତା' ହାତକୁ ଫୁଲ ତୋଡ଼ାଟି ବଢ଼ାଇ ଦେଉ ଦେଉ କହିଲେ, "ଆପଣ କେବଳ ସହରକୁ ନୁହଁ ହୃଦୟକୁ ମଧ୍ୟ ଆଲୋକିତ କରିଛନ୍ତି ।"

କ୍ଷଣକ ପାଇଁ ମାଧୁକୁ ଲାଗିଲା, ବର୍ଷ ବର୍ଷରୁ ଯେଉଁ ବୋଝ ବୋହିଥିଲା, ଆଜି ତରଳି ଯାଇ ଓହ୍ଲେଇ ପଡ଼ିଲା । ଆଜିଯାଏଁ କେବେ ତାକୁ ଏତେ ସମ୍ମାନ ମିଳି ନଥିଲା ।

ଯେତେବେଳେ ସେମାନେ ସମସ୍ତେ ମାଧୁର ଦୋକାନ ଆଡ଼କୁ ମୁହାଁଇଲେ, ମାଧୁ ବାଳକଟିକୁ କହିଲା– "ମୁଁ ଜୀବନ ସାରା ଲଣ୍ଠନ ତିଆରି କଲି, ଅନ୍ୟମାନଙ୍କୁ ଆଲୋକ ଦେଖାଇଲି କିନ୍ତୁ ଆଜି ତୁମେ ମତେ, ମୋର ପ୍ରଥମ ସୂର୍ଯ୍ୟୋଦୟ ଦେଖାଇଲ ।" ଦୋକାନ ଭିତରକୁ ପଶି ଲଣ୍ଠନ ଜଳାଇଲା । ଅଭ୍ୟାସଗତ ନୁହଁ, କୃତଜ୍ଞତା ଜଣାଇବା ପାଇଁ । ଶିଖାଟି ମଧ୍ୟ ଥରଥର ହୋଇ ଜଳି ଉଠିଲା, ଯେମିତି ସେ ବି ତା' ନୃତ୍ୟ ଦ୍ୱାରା କୃତଜ୍ଞତା ଜଣାଉଛି । ଶିଖା ବାରମ୍ବାର ଥରିଥରି ଜଳୁଥିଲା ଯାହା ମାଧୁର ଶାନ୍ତ ଲୁହ ବୁନ୍ଦାରେ ପ୍ରତିଫଳିତ ହେଉଥିଲା। ମାଧୁ କିଛି କହୁ ନଥିଲା କେବଳ ତା' ପଲକ ଝପକୁ ଥିଲା ।

ବାଳକ- "ତୁମେ ଠିକ୍ କହିଥିଲ ଆଲୋକ କେବେ ନଷ୍ଟ ହୁଏନି ।"

ଅନେକ ବର୍ଷ ଭିତରେ ପ୍ରଥମ ଥର ପାଇଁ ଲଣ୍ଠନ ନିର୍ମାତାର ଆଖିରେ ଲୁହ ଝରି ପଡୁଥିଲା । ସେ ରାତିରେ ଯେତେବେଳେ ଘରକୁ ଫେରିଲା, ସେ ଗୋଟାଏ ଲଣ୍ଠନ ତିଆରି କଲା ଆଉ ଜଳାଇଲା । ଯାହା ପୂର୍ବ ଲଣ୍ଠନଗୁଡ଼ିକ ଅପେକ୍ଷା ବେଶି ଭଲ ଆଲୁଅ ଦେଉଥିଲା । କାରଣ ସେ ଜାଣି ପାରିଥିଲା ଯେ, ଗୋଟିଏ ଏକୁଟିଆ ଶିଖା କଳ୍ପନାଠୁ ଅଧିକ ଜୀବନକୁ ପ୍ରକାଶିତ କରିପାରେ । ଏତେ ସମ୍ମାନ ଏତେ ଶ୍ରଦ୍ଧା କେବେ ପାଇନଥିଲା । ନିଜର ଜନ୍ମକୁ ସାର୍ଥକ ମଣିଲା । ଶାନ୍ତିରେ ସେ ଲଣ୍ଠନ ଆଲୁଅରେ ଗଣ୍ଡେ ଖାଇ ଶୋଇ ପଡ଼ିଲା ।

ଘନ କୁହୁଡ଼ି ଭରା ସକାଳ । ଏବେବି ଦଉଡ଼ିଆ ଖଟରେ ଶୋଇଥିଲା ହସହସ ଚେହେରା ନେଇ ଶାନ୍ତ ମୁଦ୍ରାରେ । ଚାରୋଟି କାନ୍ଧରେ ଖଟ ଆଗକୁ ଯାଉଥିଲା । ଆଗରେ ଆଗରେ ଚାଲିଥିଲା ସେଇ ବାଳକଟି ହାତରେ କାଲି ରାତିରେ ତିଆରି ଲଣ୍ଠନଟିକୁ ନେଇ । ଘନ କୁହୁଡ଼ିର ଅନ୍ଧାରକୁ ଚିରି ଲଣ୍ଠନ ସେମାନଙ୍କୁ ରାସ୍ତା ଦେଖାଉଥିଲା । କେହି କିଛି କହୁ ନଥିଲେ । ଚାରିଆଡ଼େ ନିସ୍ତବ୍ଧତା । କେବଳ ଚାରୋଟି ବାକ୍ୟ ବାରମ୍ବାର ଶୁଣା ଯାଉଥିଲା – "ରାମ ନାମ ସତ୍ୟ ହେ...ରାମ ନାମ ସତ୍ୟ ହେ... ।" ■

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

## କଟାଳ



ଡ. ଅଭୟ ନାରାୟଣ ନାୟକ

ଏତେ କାଳ

ଏକା ଏକା ବିତେଇଲି ବୋଲି
କଟାଳ କଲ
ନିରସ୍ତ୍ର ପଦାତିକର ଗତି ଦେଖି
କ୍ଷେପିଲ କ୍ଷେପଣାସ୍ତ୍ର
ଅଦୃଶ୍ୟ ବାରୁଦରେ
ଭଗ୍ନାଂଶ ପାଲଟିଲା ମୋର
ପଞ୍ଜରାର ହାଡ଼
ତମେ ଏଥିରେ ଉତ୍‌ଫୁଲ୍ଲିତ ଯେ
ଆଲିଙ୍ଗନ କରୁଥିଲ
ତମ ଛଳର ପ୍ରଣୟକୁ
ମୋ ସରଳ ସାରାଂଶକୁ
ସନ୍ଧାନ ନଥିଲା ତମର
ତମେଥିଲ ଜଟିଳ ଛଳର
ବାହୁ ବନ୍ଧନରେ
ଥାଅ, ଏମିତି ହିଁ ଥାଅ
ପାପର ପରିଧିରେ
ପାପାଗ୍ନିର ଲୁହରେ
ଛଳନାର ଅଳତାରେ
କପଟପଶାର ଦ୍ୟୁତ କ୍ରୀଡ଼ାରେ

ତୁମେ ଉର୍ବଶୀ ହେଲେ ହେ
ପାଲଟିବ ଦିନେ ପାଉଁଶ
ରାବଣର କୋଳରେ
କଂସର ଅଟ୍ଟହାସ୍ୟରେ
ତୁମ ଅବୟବ ବି ଛାଇ ପାଲଟିବ
କୃତଘ୍ନତାର ଯୂପକାଠରେ
ଛଳ ଅହଂକାରରେ
ତୁମେ ବି ତ ଦିନେ ବିଦାୟ ନେବ
ଏ କଥା ସମ୍ଭବ ନୁହେଁ
ଅବଶ୍ୟ ସମ୍ଭବ, ଚିରକାଳ... କାଳ କାଳ! ■

ଯୁଗ୍ମ ନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ୍- ୯, ଜନପଥ, ଭୁବନେଶ୍ୱର
ମୋ: ୯୪୩୭୮ ୯୨୫୪୦



## ସର୍ବମାନ୍ୟ



ଅଜୟ ପ୍ରଧାନ

ନ ଦେଇ, ଦେବାର ସ୍ୱପ୍ନ ଦେଖେଇ ଚାଲିଯାନ୍ତି ଈଶ୍ୱର ।

ସେ ଈଶ୍ୱର ଓ ତାଙ୍କେ ଆମକୁ ବଡ଼ ଡର ।
ଡରିଡରି ଯାଉଥାଏ ସରିସରି ଜୀବନ ।
ଫର୍ଦ୍ଦେ ଚିରି ଯାଏ ଉଡ଼ି ଗାରାମାରା ମାଟିଆ କାଗଜ
ଚାଲିଯାଏ କିଛି ସେ ଭିତରେ ଆଖି ଖୋଲିଥିବା ସ୍ୱପ୍ନ ।

ସ୍ୱପ୍ନ ଉଡ଼ିଯିବାରେ ନାଇଁ କିଛି କଷ୍ଟ ଯେ
କଷ୍ଟ କେବଳ ତା' ସ' ତମେ ଯିବାରେ ।
ଯିବାରେ ନୁହଁ ଯେତିକି କଷ୍ଟ ତା'ଠୁ ବେଶୀ
ପାଦଙ୍କର କୌଣସି ଶବ୍ଦ ନ ଶୁଣାଯିବାରେ,
କିଛି ନାଇଁ ପାଦମାନେ ଚାଲିଯିବାରେ ଯେ
କୋଉଠି ନ ଥିବାଟା ତାଙ୍କ ଚିହ୍ନ
ଆଉ ତା' ଇ
ଏକା କରିଦିଏ ମୋତେ ସମ୍ପୂର୍ଣ୍ଣ !

ଜାଣିହୁଏନା
ସକାଳ ସନ୍ଧ୍ୟା ରାତି ଦିପହର କି ମଧ୍ୟାହ୍ନ !
ଏମିତି ହିଁ ଦୁଃଖ !
ଟାଣିଆଣେ ଦେଖିବାକୁ କ୍ଷତଚିହ୍ନମାନ ।

ଏତିକିବେଳେ ପାଖ ଦେଇ ଗୋଟେ କାର୍
ମାରି ଚାଲିଯାଏ ହର୍ଣ୍ଣ !

ସମୟ ବି
ଆସ୍‌ଟ୍ରେ ଭାବି କ୍ଷତକୁ
ଲିଭାଏ ମକଚି ତା'ରି ଦେହରେ ଅଧାଜଳା ସିଗାରେଟ୍ !

ଗୋଟେ ଗ୍ରାମୀଣ ଶିହରଣରେ ଥରିଯାଏ
ଥଣ୍ଡା ପଡ଼ିପଡ଼ି ଆସୁଥିବା ରକ୍ତ !

ସେତିକିବେଳେ ଗୋଟେ କୁକୁର
ଦୌଡୁଥାଏ ଈଶ୍ୱରଙ୍କ ବେକରେ ବନ୍ଧା ଚେନ୍ ଧରି,
ଏପଟୁସେପଟ ପଡ଼ିଆର !

ସତ କ'ଣ ଏଇ ଯେ, ଆମେ ଏତିକି ବାସିନ୍ଦା ଏ ପୃଥିବୀର
ବାକିତକ ନଶ୍ୱର ? ■

ମୋ: ୭୯୭୮୮୫୮୦୯୧



# ଗଙ୍ଗାଧରଙ୍କ 'ତପସ୍ୱିନୀ'ର ମର୍ଯ୍ୟାଦାବନ୍ତ ନାରୀ ସୀତା



ବିଜୟିନୀ ଶତପଥୀ

ଓଡ଼ିଆ ସାହିତ୍ୟକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ସ୍ୱଭାବ କବି ଗଙ୍ଗାଧର ମେହେର। ସ୍ୱଭାବ କବିଙ୍କ ଏକ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ କାବ୍ୟ 'ତପସ୍ୱିନୀ' । ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟରେ କବିଙ୍କର ମନ ବାଲ୍ମିକୀ ଆଶ୍ରମରେ ନିର୍ବାସିତା ସୀତାଙ୍କୁ ଦର୍ଶନ କରିଛି । ତତ୍‌କାଳିକ ସମାଜର କିଞ୍ଚିତ୍ ସ୍ୱର୍ଗ ସହିତ ନିର୍ବାସନର ଦୁଃଖ ଓ ପତି ବିରହ ଯନ୍ତ୍ରଣା ସତ୍ତ୍ୱେ ସୀତା ପ୍ରତି ମୁହୂର୍ତ୍ତରେ ପତିଗତପ୍ରାଣା ହୋଇ ତପସ୍ୟାର ଜୀବନ ବରଣ କରିନେଇଛନ୍ତି । ନାରୀର ମର୍ଯ୍ୟାଦା କନ୍ୟା, ଜାୟା, ଜନନୀ ଓ ଭାଗିନୀ ରୂପରେ ଦେଦୀପ୍ୟମାନ। ସର୍ବୋପରି ଜାୟା ବା ପତ୍ନୀରୂପରେ ସେ କୁଳଉଦ୍ଧାରକାରିଣୀ । ତଥାପି ଗର୍ଭରେ ସନ୍ତାନ ଥାଇ ବିଚ୍ଛେଦର କଷ୍ଟକୁ ସେ ପତିପ୍ରାଣା ହୋଇ ସହିବାକୁ ଚାହିଁଛନ୍ତି। ବିରହର ବିଳାପରେ ଆଖିରେ ପଡ଼ିଛି ନବ ଦୂର୍ବାଦଳ । ଦୂର୍ବାକୁ ଉପଲକ୍ଷ୍ୟକରି ସୀତାଙ୍କ ମନରେ ଭାବ ସଞ୍ଚାର ହେଇଛି: –

"ତୁମ୍ଭ କାନ୍ତି ଧରିଛନ୍ତି ଏହି ଦୁର୍ବାଚୟ,
ତାଙ୍କୁ ଛାଡ଼ି ବନେ ନେବି କାହାର ଆଶ୍ରୟ ?"

ସୂକ୍ଷ୍ମ ଭାବରେ ଲକ୍ଷ୍ୟ କଲେ ଭାବନା ବହୁତ ଉଚ୍ଚକୋଟୀର। ସ୍ୱାମୀ-ସତୀ ନାରୀଙ୍କର ପରମ ଆଶ୍ରୟ। ବିଳାପରେ ଭୂଇଁରେ ଲୋଟି ଯାଉ ଯାଉ ଦୂର୍ବାଦଳ ଭିତରେ ସେହି ଆଶ୍ରୟକୁ ଭାବିଛନ୍ତି ସୀତା। ନିର୍ବାସନକୁ ବରଣ କରିଛନ୍ତି ସତ - କିନ୍ତୁ ସ୍ୱାମୀଙ୍କର ହୃଦୟକୁ ବୁଝିଛନ୍ତି । କବିଙ୍କ ଭାଷାରେ :-

"ହେଉ ମୋର ନିର୍ବାସନ ପ୍ରକୃତିର ତୋଷ ।
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।"

ପ୍ରଭୁଙ୍କ ସହିତ ସଖ୍ୟ, ଦାସ୍ୟ, ମଧୁରଭାବର ନୀରବ ଅଭିବ୍ୟକ୍ତିକୁ ଅତି ସୁନ୍ଦର ଭାବରେ ପ୍ରକାଶିତ କରିଛନ୍ତି ସୀତା। ସ୍ୱୟଂସମ୍ପୂର୍ଣ୍ଣ ସ୍ୱୟଂଭୂତା ହୋଇଥିଲେ ବି ମର୍ଯ୍ୟାଦାର ସୀମା ଭିତରେ ରହି ଶ୍ରୀରାମଙ୍କର ପ୍ରଭୁତ୍ୱ ଓ ବଡ଼ପଣକୁ ରକ୍ଷା କରିଛନ୍ତି। ବିବେକୀ ବ୍ୟକ୍ତିମାନେ ଶରୀର କଷ୍ଟ ପାଇଲେ ବି ଅନ୍ତଃଚେତନା ନିଜର ଧର୍ମ, ବ୍ୟକ୍ତିତ୍ୱ ଛାଡ଼ନ୍ତି ନାହିଁ। ଯେତେ ପ୍ରଲୋଭନ ଆସିଲେ ବି ସତୀ ନାରୀ ଶୟନେ ସ୍ୱପନେ ଜାଗରଣେ ସ୍ୱାମୀଙ୍କ ଭାବକୁ ଧାରଣ କରିଥାନ୍ତି। ସେହି ଭାବ ନାରୀର ପ୍ରକୃତ ଆଭୂଷଣ। ଜୀବନରେ ଅଗ୍ନି ଓ ଦଶଦିଗପାଳଙ୍କ ସାକ୍ଷୀରେ ଆରମ୍ଭ ହୋଇଥିବା ବନ୍ଧନକୁ ସମାଜରେ ନାରୀ ହିଁ ମହାନ କରିଥାଆନ୍ତି। 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରେ ସ୍ୱଭାବ କବିଙ୍କ ବର୍ଣ୍ଣନା :–

"ପଦ୍ମିନୀ ହୃଦଶିଶିର ବିନ୍ଦୁରେ ଖର ରଶ୍ମୀର
ପ୍ରତିବିମ୍ବ ପରି ବୀର ରାମମୂରତି ।
ଶୋକ ଜର୍ଜରିତ ଚିତ୍ତ ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ ।"

ଶୋକରେ ହୃଦୟ ଭରି ଯାଇଥିଲେ ବି ରାତ୍ରି ଶେଷରେ ରଘୁବଂଶର ସୂର୍ଯ୍ୟ 'ଶ୍ରୀରାମ'ଙ୍କୁ ଚିତ୍ତ ଫଳକରେ ସ୍ଥାନ ଦେଇ ଶୋକକୁ ଦୂର କରିବାର ଚେଷ୍ଟା କରିଛନ୍ତି। ଯୁଗେ ଯୁଗେ ମହୀୟସୀ ନାରୀଗଣ ନିଜର ଶୋକ ଦୁଃଖକୁ ତ୍ୟାଗ କରି ଜୀବନରେ ତପସ୍ୟା, ତ୍ୟାଗ, ତିତିକ୍ଷା ଓ ସୌମ୍ୟତାକୁ ଆଚରଣ କରି ନିଜର ମହାନତା ଦେଖାଇଛନ୍ତି । ଅହଲ୍ୟା, ଦ୍ରୌପଦୀ ଆଦି ମହାନ୍ ନାରୀଗଣ ସେଥିପାଇଁ ପ୍ରାତଃ ସ୍ମରଣୀୟ। ତା' ମଧ୍ୟରେ ସ୍ୱଭାବ କବିଙ୍କର କାବ୍ୟ ସୃଷ୍ଟିର ଦେବୀ ତପସ୍ୱିନୀ ଅଦ୍ୱିତୀୟା, ମର୍ଯ୍ୟାଦାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ସେଥିପାଇଁ କବିଙ୍କ ଭାଷାରେ - ଲୋକ କୁତ୍ସାରଟନା କଲେ ବି ମହାନତା ପାଷାଣରୁ ଫୁଟି ବାହାରି ଆସିବ । ତପସ୍ୟାରୁ ମର୍ଯ୍ୟାଦାର ଗରିମା ଓ ନାରୀତ୍ୱର ମହତ୍ତ୍ୱ ଦର୍ଶାଇ :-

"ରାମ ସାମ୍ରାଜ୍ୟେ ଯେ ସୀତା
ଲୋକ ଲୋଚନେ ଦୂଷିତା
ହୋଇ ଚିର ନିର୍ବାସିତା ସେ ତୋର ମତେ
ନିଜ ପତିବ୍ରତା ଧର୍ମ ବଳେ ସ୍ଥାବର ଜଙ୍ଗମ
ପବିତ୍ରକରଣେ କ୍ଷମ ହେବ ଜଗତେ ।

ପତିବ୍ରତାର ମୂର୍ତ୍ତି ଯାହାର ଉପସ୍ଥିତି ମାତ୍ରେ ଜଡ଼ ଚେତନ ସମସ୍ତଙ୍କୁ ପରଶମଣି ରୂପରେ କାୟାକଳ୍ପ କରିବାର ଶକ୍ତି ରଖିଛନ୍ତି ସୀତା । କାରଣ ଉଚ୍ଚସ୍ତରର ଭାବନା, ପବିତ୍ରତାରେ ତାଙ୍କର ତ୍ରିଗୁଣଊର୍ଦ୍ଧ୍ୱ ନାରୀସତ୍ତା ବିଶୁଦ୍ଧତାର ସ୍ରୋତ ହୋଇଯାଇଛି ।

ସପ୍ତମ ସର୍ଗରେ ସଖୀଙ୍କ ଆଗରେ ମାୟାମୃଗ ପ୍ରସଙ୍ଗ କହିଲା ବେଳେ ନିଜର ଅନୁଭୂତି ବର୍ଣ୍ଣନା କରି ସୀତା କହିଛନ୍ତି ଛଦ୍ମବେଶୀ ରାବଣକୁ ଯୋଗୀବେଶରେ ଦେଖି ଆଶ୍ଚର୍ଯ୍ୟଚକିତ ସୀତା ମନରେ ଭାବିଛନ୍ତି: –

"ଯାବତ ଜୀବନେ ମୋ ଥିବ ସ୍ମରଣ
କୌଶ୍ୟା-ସୁତ ଏକା ମୋର ଶରଣ ଗୋ ।"

ଯେ କେହି ହେଉ, ଯୋଗୀ, ଭୋଗୀ, ବନବାସ, ଅଶୋକ ବନ ସବୁଠି ସେହି ଗୋଟିଏ ସ୍ମରଣ। କୌଶଲ୍ୟା ସୁତ। କେବଳ ବିଶୁଦ୍ଧ ହୃଦୟରେ ଏପରି ନିର୍ବିକଳ୍ପ ଭାବନା ସୃଷ୍ଟି ହୋଇପାରେ। ଆଧୁନିକ ଯୁଗରେ ଏହି ମର୍ମ ବୋଧଗମ୍ୟ ହେବାକୁ କଷ୍ଟ ହୋଇପାରେ, କିନ୍ତୁ ଏକଥା ଅକାଟ୍ୟ ସତ୍ୟ । ନାରୀର ପବିତ୍ର ଓ ବିଶୁଦ୍ଧଭାବ ପୁରୁଷକୁ ପୁରୁଷୋତ୍ତମ କରେ । ସୀତାଙ୍କ ପ୍ରଭାବରୁ ଶ୍ରୀରାମଙ୍କର ବଡ଼ପଣ ଅକ୍ଷୁଣ୍ଣ । ତପସ୍ୱିନୀ ସୀତାଙ୍କ ବିଷୟରେ ଶେଷରେ ଏତିକି କୁହାଯାଇପାରେ:-

"ମନଃ ପ୍ରସାଦ ସୌମ୍ୟତ୍ୱଂ ମୌନ ମାତ୍ମବିନିଗ୍ରହଃ
ଭାବଃ ସଂସୁଦ୍ଧି ରିତ୍ୟେତଃ ତପୋ ମାନସ ମୁଚ୍ୟତେ ।"

ମାନସିକ ତପସ୍ୟାରେ ଗରିୟସୀ ତପସ୍ୱିନୀ ସୀତା ନାରୀପ୍ରାଣର ମର୍ଯ୍ୟାଦା ଓ ବିଶୁଦ୍ଧ ଭାବରେ ମନ୍ଦାକିନୀ । ■

ପ୍ରଧାନଶିକ୍ଷିକା
ନିଗମାନନ୍ଦ ଉଚ୍ଚବିଦ୍ୟାଳୟ, ପୁରୀ

## ପୁସ୍ତକ ଓ ପତ୍ରିକା ପରିଚୟ

### ଏବେ ଫେରିବାର ବେଳ

ଡକ୍ଟର କବିତା ବାରିକ




ଏଥେନା ବୁକ୍‌ସ
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

ବିଶିଷ୍ଟ କଥାକାର, ସମାଲୋଚିକା ଡକ୍ଟର କବିତା ବାରିକଙ୍କ ଆତ୍ମଜୀବନୀ 'ଏବେ ଫେରିବାର ବେଳ'ର ତୃତୀୟ ଭାଗ ପ୍ରକାଶ ପାଇଛି । ନିଜ ଅବସର ଗ୍ରହଣ ପରର ବିଭିନ୍ନ ଘଟଣାକୁ ଅତି ଚମତ୍କାର ଭାବେ ଲେଖିକା ଡକ୍ଟର ବାରିକ ବର୍ଣ୍ଣନା କରିଛନ୍ତି । ଆତ୍ମଜୀବନୀକୁ ଅଧିକ ସୁଖପାଠ୍ୟ କରିବା ପାଇଁ ସେ କେତୋଟି ବିଭାଗରେ ବିଭକ୍ତ କରିଛନ୍ତି । 'ଏବେ ଫେରିବାର ବେଳ' ପୁସ୍ତକର 'ଷାଠିଏ ପାହାଚ ଚଢ଼ିଲି', 'ମାଝୀ ନ ଥିବା ନଉକା', 'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଲେଖିବା', 'ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଷଠିଘର', 'ଜୀବନର ସ୍ଥିରଚିତ୍ର', 'କିଛି ବାକି ରହିଗଲା', 'ଏବେ ଫେରିବାର ବେଳ' ଆଦିରେ ଲେଖିକା ନିଜ ବ୍ୟକ୍ତିଗତ ଜୀବନର ଅନେକ ଅକୁହା କଥାକୁ ବର୍ଣ୍ଣନା କରିଛନ୍ତି । ଜଣେ ଲେଖିକାଙ୍କ ଅବସର ଜୀବନ କିଭଳି ସୃଜନକର୍ମରେ ବିତି ଯାଉଛି, ତାହା ପାଠକମାନେ ଉପଲବ୍ଧି କରିପାରିବେ ଏହି ଆତ୍ମଜୀବନୀ ପୁସ୍ତକ ପାଠ କଲାପରେ । ନିଜ ସଂଘର୍ଷମୟ ଜୀବନ ଓ ସୃଜନକୁ ଅତି ମାର୍ମିକ ଭାବେ ଲେଖିକା ଡକ୍ଟର ବାରିକ ଲିପିବଦ୍ଧ କରିଛନ୍ତି । ସରଳ ଭାଷା, ନିଜକୁ ମୁକ୍ତ ଭାବେ ପ୍ରକାଶ କରିବା ଆନ୍ତରିକତା ପୁସ୍ତକଟିକୁ ଅଧିକ ସୁଖପାଠ୍ୟ କରିଛି । ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ 'ଏବେ ଫେରିବାର ବେଳ' ସମୃଦ୍ଧ କରିବ ବୋଲି ଆଶା କରାଯାଏ । ■

### ଆଲୋକରେ ଶବ୍ଦନୃତ୍ୟ

ଭାଗବତ ପଧାନ (ଭାଗବତିଆ)




ଏମ୍. ଆର୍. ଏଣ୍ଟରପ୍ରାଇଜେସ୍
ଏମ୍. ଆର୍. ପ୍ରେସ୍, ବରଗଡ଼
ପିନ୍: ୭୬୮୦୨୮
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଓଡ଼ିଶାରେ ଅନେକ ପ୍ରାଚୀନ ନୃତ୍ୟ ରହିଛି । ସେଥିମଧ୍ୟରୁ କୁମ୍ଭାରୀର ଶବ୍ଦନୃତ୍ୟ ଅନ୍ୟତମ । ବରଗଡ଼ ଜିଲ୍ଲାର କଳାର ପୀଠ ହେଉଛି କୁମ୍ଭାରୀ ଗାଁରେ ପରମ୍ପରା କ୍ରମେ ବଞ୍ଚିରହିଛି 'ଶବ୍ଦନୃତ୍ୟ' । ଶବ୍ଦନୃତ୍ୟର ବିଭିନ୍ନ ଦିଗକୁ ନେଇ ପ୍ରକାଶ ପାଇଛି ଭାଗବତ ପଧାନଙ୍କ (ଭାଗବତିଆ) 'ଆଲୋକରେ ଶବ୍ଦନୃତ୍ୟ' ପୁସ୍ତକ । ଏହି ପୁସ୍ତକରେ ଶବ୍ଦନୃତ୍ୟର ଇତିହାସ, ପ୍ରକାର ଭେଦ, ଗୁରୁ-ଶିଷ୍ୟ ପରମ୍ପରା, ଶବ୍ଦନୃତ୍ୟର ଭାବ ଆଦି ସଂପର୍କରେ ତଥ୍ୟଭିତ୍ତିକ ଓ ଅତି ପ୍ରଭାବଶାଳୀ ଭାବେ ବର୍ଣ୍ଣନା କରାଯାଇଛି । ଲେଖକ ଶ୍ରୀଯୁକ୍ତ ପଧାନ ଶବ୍ଦ ନୃତ୍ୟର ଜଣେ ଗୁରୁ । ଏହି ପ୍ରାଚୀନ ନୃତ୍ୟ ସଂପର୍କରେ ସେ ଗବେଷଣା କରିଛନ୍ତି । ନିଜର ଅଭିଜ୍ଞତା, ଗବେଷଣା ଓ ସାଧନା ବଳରେ ଶବ୍ଦନୃତ୍ୟର ଗଭୀରତାକୁ ପ୍ରବେଶ କରିପାରିଛନ୍ତି । କେହି କେହି ଶବ୍ଦନୃତ୍ୟକୁ ଲୋକନୃତ୍ୟ ବୋଲି କହନ୍ତି । ତେବେ ପୌରାଣିକ ତଥ୍ୟ, ନୃତ୍ୟର ଅଙ୍ଗଭଙ୍ଗୀ, ବ୍ୟାକରଣ ଆଧାରରେ ଏହା ଏକ ଶାସ୍ତ୍ରୀୟ ନୃତ୍ୟ ବୋଲି ଲେଖକ ପ୍ରତିପାଦନ କରିଛନ୍ତି । ଏହି ପ୍ରାଚୀନ ନୃତ୍ୟକୁ ବଞ୍ଚାଇ ରଖିବା ଦିଗରେ କୁମ୍ଭାରୀ ଗ୍ରାମର କଳାପ୍ରାଣ ନୃତ୍ୟଶିଳ୍ପୀମାନଙ୍କ ଅବଦାନ ଏକାନ୍ତ ଉଲ୍ଲେଖନୀୟ । ଶବ୍ଦନୃତ୍ୟର ବିକାଶ, ପ୍ରଚାରପ୍ରସାର, ଗବେଷଣା ଦିଗରେ 'ଆଲୋକରେ ଶବ୍ଦନୃତ୍ୟ' ପୁସ୍ତକଟି ସହାୟକ ବୋଲି ଆଶା କରାଯାଏ । ■

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ




କ୍ୱାର୍ଟର ନଂ: ୨ଆର୍.ଏ.-୬୦
ରୋଡ୍-୭, ୟୁନିଟ୍- ୯
ଭୁବନେଶ୍ୱର-୨୨
ମୂଲ୍ୟ: ୪୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ମାର୍ଚ୍ଚ ସଂଖ୍ୟା 'ମହିଳା ବିଶେଷ-୨୦୨୬' ଭାବେ ପ୍ରକାଶ ପାଇଛି । 'ଶୋଭନା'ର ଚଳିତ ସଂଖ୍ୟାରେ 'ପ୍ରଚ୍ଛଦ ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ନାରୀ ଅନନ୍ତ ଆତ୍ମବଳର ଜୀବନ୍ତ କାବ୍ୟ' ରାଜନୀତିରୁ ଆରମ୍ଭ କରି କ୍ରୀଡ଼ା,ଅଭିନୟ, ସମାଜସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳାଙ୍କ ଜୀବନ ଓ କୃତିତ୍ୱ ସଂପର୍କରେ ଆଲୋଚନା କରାଯାଇଛି । ସେହିପରି ବନଜ ଦେବୀଙ୍କ 'କିଛି ନୂଆ ନୁହେଁ', ଜୟନ୍ତୀ ରଥଙ୍କ 'ଗନ୍ଧ', ସୁପ୍ରିୟା ପଣ୍ଡାଙ୍କ 'ନଦୀ', କମଳା ଶତପଥୀଙ୍କ 'ଏକ ବନ୍ଦୀ ରାଜକୁମାରର କାହାଣୀ', ମଞ୍ଜୁ ପଣ୍ଡାଙ୍କ 'ଇଲ୍ୟୁଜନ', ମନୋଲିସା ମିଶ୍ରଙ୍କ 'ମିଃ. ନାୟାର୍ ଏବଂ ଗୋଟେ ମୋତି ହାର', ସଞ୍ଜୁକ୍ତା ମହାନ୍ତିଙ୍କ 'ପ୍ରତିଛାୟା', ଗାୟତ୍ରୀ ଆର୍ଯ୍ୟଙ୍କ 'ତୋଳାକନିଆ', କମଳିନୀ ମଲ୍ଲିକଙ୍କ 'ଅସ୍ତ୍ରାଗର ଇସ୍ତାହାର' ପ୍ରଭୃତି ଗପ ବେଶ୍ ମନଛୁଆଁ ହୋଇଛି । ଏହି ଗପଗୁଡ଼ିକରେ ସାଂପ୍ରତିକ ମଣିଷର ଜୀବନ ଯନ୍ତ୍ରଣା, ସଂଘର୍ଷ,ଭାବାବେଗ ଅତି ଚମତ୍କାର ଭାବେ ଫୁଟି ଉଠିଛି । 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଡକ୍ଟର ତୁଳସୀ ଓଝାଙ୍କ 'କେତକୀରୁ କମଳିନୀ'ରେ କେତକୀ, ବନମାଳତୀ, ନୀଳକଇଁ, ଶେଫାଳି, କମଳିନୀ ଆଦି ଫୁଲ ବିଶେଷତ୍ୱ ସଂପର୍କରେ ଆଲୋଚନା କରାଯାଇଛି । 'ଶୋଭନା' ମାର୍ଚ୍ଚ ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ପ୍ରତାପ ଜେନାଙ୍କ ବାସଭବନ ଉପରେ ଆକ୍ରମଣ ଘଟଣା

# ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦେହରେ ବେଇମାନୀ ରକ୍ତ ବୋହୁଛି: ବିଜେଡି

ଭୁବନେଶ୍ୱର,୨୧।୩(ସମିସ): ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ବାସଭବନ ଉପରେ ଶୁକ୍ରବାର ରାତିରେ ଆକ୍ରମଣ ଘଟଣାରେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏପରିକି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦେହରେ ବେଇମାନୀ ରକ୍ତ ବୋହୁଛି ବୋଲି ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ ଯେ ନିକଟରେ ରାଜ୍ୟସଭା ନିର୍ବାଚନରେ ଦଳକୁ ବେଇମାନୀ କରିଥିବା ବାଙ୍କୀର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଜଣେ ଭୀରୁ, କାପୁରୁଷ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଦଳ ସହିତ କରିଥିବା ବେଇମାନୀ କାର୍ଯ୍ୟକୁ ଲୋକଙ୍କ ମନରୁ ହଟାଇବା ପାଇଁ କିଛି ମଦ୍ୟପ ଯୁବକଙ୍କୁ ପ୍ରବର୍ତ୍ତାଇ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନାଙ୍କ ବାସଭବନରେ ଗତକାଲି ରାତିରେ ଯେଉଁ ଉନ୍ମତ୍ତକାଣ୍ଡ ଘଟାଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ତାଙ୍କ ବାପା ପ୍ରଭାତ ତ୍ରିପାଠୀ ଯେଉଁଭଳି ଭାବେ ୧୯୯୬ ମସିହାରେ ବିଜୁ ବାବୁଙ୍କ ସହିତ ବେଇମାନୀ କରି ରାଜ୍ୟସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପତ୍ନୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଇଥିଲେ, ଆଜି ଦେବୀ ରଞ୍ଜନ ତ୍ରିପାଠୀ ଅନୁରୂପ ଭାବେ ତାଙ୍କ ଦେହରେ ବେଇମାନୀର ରକ୍ତ ପ୍ରଭାବିତ ହେଉଛି ବୋଲି ପ୍ରମାଣିତ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ପୁଲିସର ଦାୟିତ୍ୱ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନଠାରୁ ଅଳ୍ପ ଦୂରରେ ଅବସ୍ଥିତ ପ୍ରତାପ ଜେନାଙ୍କ ବାସଭବନରେ ଯେଉଁଭଳି ଭାବେ ଅଭାବନୀୟ କାଣ୍ଡ ଘଟିଲା, ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଯଦି ଅଭିଯୁକ୍ତ ମାନଙ୍କୁ ପୁଲିସ ତୁରନ୍ତ ଗିରଫ କରି ଦଣ୍ଡ ବିଧାନ ନକରେ, ତେବେ ଆଗାମୀ ଦିନରେ ପୋଲିସକୁ ବିଜୁ ଯୁବ ଜନତା ଦଳ ଉପଯୁକ୍ତ ଜବାବ ଦେବ।



- ନିଜର କୃତଘ୍ନ କାର୍ଯ୍ୟ ଲୁଚାଇବା ପାଇଁ ଅପରାଧୀଙ୍କ ସାହାରା ନେଉଛନ୍ତି
- ବିଜୁ ଲିଗାସୀ କଥା କହୁଥିବା ଦେବୀ ରଞ୍ଜନଙ୍କ ଏଭଳି ଘୃଣ୍ୟ କାର୍ଯ୍ୟ ନିନ୍ଦନୀୟ
- ଆଗାମୀ ଦିନରେ ବାଙ୍କୀବାସୀ ତାଙ୍କୁ ଉଚିତ୍ ଜବାବ ଦେବେ

ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ, ଘୋଡ଼ା ବେପାରରେ ସାମିଲ ହୋଇ ଦେବୀ ରଞ୍ଜନ ତ୍ରିପାଠୀ ଯେଉଁ ଟଙ୍କା ପାଇଥିଲେ, ସେଥିରୁ କିଛି ମାତ୍ରାରେ ଅସାମାଜିକ ଯୁବକ ମାନଙ୍କୁ ଦେଇ ପ୍ରତାପ ଜେନାଙ୍କ ବାସଭବନରେ ଏଭଳି କାଣ୍ଡ ଭିଆଇଛନ୍ତି। ଦେବୀ ରଞ୍ଜନ ତ୍ରିପାଠୀ ଭାବୁଛନ୍ତି, ଓଡ଼ିଶାର ଯୁବ ଛାତ୍ର ନେତାମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଭଲ ପାଉଥିଲେ। କିନ୍ତୁ ରାଜ୍ୟସଭା ନିର୍ବାଚନରେ ସେ ଯେଉଁଭଳି ଭାବେ ଦଳ ସହିତ ବିଶ୍ୱାସଘାତକତା କଲେ, ସେହିଦିନ ଠାରୁ ରାଜ୍ୟର ଯୁବ ଛାତ୍ର ନେତାମାନେ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଛିଛାକର କରୁଛନ୍ତି। ଆଜି ବି ନବୀନ ବାବୁଙ୍କ ପ୍ରତି ଯୁବ ଛାତ୍ର ସମାଜର ସମର୍ଥନ ଅତୁଟ ରହିଛି। ସର୍ବଦା ବିଜୁ ଲିଗାସୀ କଥା କହୁଥିବା ଦେବୀ ରଞ୍ଜନ ତ୍ରିପାଠୀଙ୍କ ଏଭଳି ଆଚରଣ ପାଇଁ ଆଗାମୀ ଦିନରେ ବାଙ୍କୀବାସୀ ତାଙ୍କୁ ଉଚିତ୍ ଜବାବ ଦେବେ ବୋଲି ଇପ୍ସୀତା ସାହୁ କହିଥିଲେ।

### ମୟୂରଭଞ୍ଜ ବହଳଦାରେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ପ୍ରସଙ୍ଗ

# ହସ୍ତକ୍ଷେପ କଲେ ଜାତୀୟ ଅନୁସୂଚିତ ଜାତି ଆୟୋଗ

ଭୁବନେଶ୍ୱର,୨୧।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୪ ବର୍ଷୀୟା ଜଣେ ଆଦିବାସୀ ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ଅନୁସୂଚିତ ଜାତି ଆୟୋଗ। ଏନେଇ ଆୟୋଗଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଏସପିଙ୍କୁ ନୋଟିସ ଜାରି କରାଯାଇଛି। ଏହି ଘଟଣାରେ ତଦନ୍ତ କରିବା ପାଇଁ ଆୟୋଗ ନିଷ୍ପତ୍ତି ନେଇଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏହି ଘଟଣାରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ନୋଟିସ ପାଇବାର ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ଯଦି ଏହି ସମୟସୀମା ମଧ୍ୟରେ କୌଣସି ଉତ୍ତର ହସ୍ତଗତ ନହୁଏ, ତାହେଲେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ କିମ୍ବା ସେମାନଙ୍କ ପ୍ରତିନିଧିଙ୍କୁ ହାଜିରା ପାଇଁ ସମନ କରାଯିବ ବୋଲି ନୋଟିସରେ ସୂଚିତ କରାଯାଇଛି।

- ମୁଖ୍ୟ ସଚିବ, ଗୃହ ବିଭାଗର ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପିଙ୍କୁ ନୋଟିସ
- ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ
- ବିଜେଡି ହୋଇଥିଲା କମିଶନଙ୍କ ଦ୍ୱାରସ୍ଥ

ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଭିଞ୍ଜୁଆ ଗ୍ରାମ, ବହଳଦା ଛକ ନିକଟରେ ଥିବା ତିରିଂ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଆଦିବାସୀ ସମୁଦାୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଯୋଗ ଅନୁଯାୟୀ ଏହି ଘଟଣାରେ ଅଭିଯୁକ୍ତ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୁଲିସ ନିରୀହ ଆଦିବାସୀଙ୍କ ଉପରେ ଅତ୍ୟାଚାର କରିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ସ୍ଥାନୀୟ ଆଦିବାସୀ ସମୁଦାୟ ପ୍ରତିବାଦ କରି ଥାନାକୁ ଘେରାଉ କରିଥିଲେ। ଆଦିବାସୀମାନଙ୍କ ଦାବିକୁ ସମାଧାନ କରିବା ପରିବର୍ତ୍ତେ, ତାଙ୍କ ଉପରେ ବର୍ବରୋଚିତ ଭାବେ ପୁଲିସ ଲାଠିମାଡ଼ କରିଥିଲା। ଯାହାକୁ ନେଇ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ୧୯ ତାରିଖରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା। ଏହି ଘଟଣାରେ ଜଡ଼ିତ ପୁଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିଶ ସରିବା ସହିତ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିନିଧି ଦଳ ଦାବି କରିଥିଲା। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ମୟୂରଭଞ୍ଜ-୨ର ଜିଲ୍ଲା ସଭାପତି ଡ. ଦେବାଶିଷ ମାରାଣ୍ଡି, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଓ ଲେନିନ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ମୟୂରଭଞ୍ଜ ଜିଲ୍ଲା ବିଜେଡି ସମ୍ପାଦକ ଗଙ୍ଗାଧର ହେମ୍ବ୍ରମ ଓ ନୀଳମାଧବ ସାବର ପ୍ରମୁଖ ସାମିଲ ଥିଲେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ପାଚିକା

### ସପ୍ତାହେ ଭିତରେ ମିଳିବ ତିନି ମାସର ବକେୟା ଦରମା

ଭୁବନେଶ୍ୱର,୨୧।୩(ସମିସ): ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ରାଜ୍ୟ ସଂଘ ତରଫରୁ ୭ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମଜି ଛକଠାରେ ତିନିଦିନ ଧରି ବିକ୍ଷୋଭ ଜାରି ରହିଥିଲା। ଆଜି ଚତୁର୍ଥ ଦିନରେ ସନ୍ଧ୍ୟା ସୁଦ୍ଧା ସରକାର ଆଲୋଚନାକୁ ନଆସିଲେ ଆନ୍ଦୋଳନକୁ ବ୍ୟାପକ କରିବାକୁ ସଙ୍ଘ ଚେତାବନୀ ଦେଇଥିଲା। ପରବର୍ତ୍ତୀ ସମୟରେ ସଙ୍ଘର ଏକ ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗଣଶିକ୍ଷା ସଚିବ ଏନ ତିରୁମାଲା ନାୟକଙ୍କ ସହିତ ଆଲୋଚନା କରିଥିଲେ। କୌଣସି ସନ୍ତୋଷ ଜନକ ଉତ୍ତର ନମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ତାଙ୍କ ବାସଭବନକୁ ଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବିଧାୟକ ବାବୁ ସିଂ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା। ସମସ୍ତ ପାଚିକାମାନଙ୍କୁ ଏକ ମାସ ଭିତରେ ପରିଚୟ ପତ୍ର ପ୍ରଦାନ, ଅଙ୍ଗନୱାଡ଼ି ସହାୟକଙ୍କ ଦରମା ଭଳି ୫୮୦୦ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକାରାତ୍ମକ ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ପଦକ୍ଷେପ ପାଇଁ କମିଟି ଗଠନ, ପ୍ରତି ମାସର ୧୦ ତାରିଖ ସୁଦ୍ଧା ଦରମା ପ୍ରଦାନ ଆଦି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଏଥିସହିତ ତିନି ମାସର ଯେଉଁ ବକେୟା ଦରମା ରହିଛି ତାକୁ ସପ୍ତାହେ ମଧ୍ୟରେ ପ୍ରଦାନ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତି ପରେ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ରାଜ୍ୟ ସଂଘ ଆନ୍ଦୋଳନରୁ ଓହରିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଜିର ପ୍ରତିନିଧି ମଣ୍ଡଳୀରେ କାର୍ଯ୍ୟକାରୀ ସଭାପତି ସରୋଜିନୀ କୁମୁରା, ଉପସଭାପତି ଶାନ୍ତି ଲୋହାର, ସମ୍ପାଦିକା ସଞ୍ଜୁଲତା ବିଶ୍ୱାଳ, ସନ୍ଧ୍ୟାରାଣୀ ସ୍ୱାଇଁ, ସଂଯୁକ୍ତା ବିଷୋୟୀ, ଗାୟତ୍ରୀ ମହାରଣା ଆଦି ଆଲୋଚନା କରିଥିଲେ। ବର୍ତ୍ତମାନ ପାଇଁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆସନ୍ତା ଦିନରେ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁନା ଦର...

ପାଇଁ ମୂଲ୍ୟ ପୁଣି ହ୍ରାସ ପାଇଛି। ଗତ ୨୭ ତାରିଖରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧, ୬୨, ୧୦୪ ଟଙ୍କା ଥିବାବେଳେ ଗତ ଶୁକ୍ରବାର ଏହା ୧,୪୪, ୮୨୫ ଟଙ୍କାକୁ ଖସି ଆସିଛି। ଏଭଳି ସ୍ଥିତିରେ ୨୧ ଦିନରେ ସୁନା ୧୧ ପ୍ରତିଶତ ହ୍ରାସ ପାଇଲାଣି।

ଅନ୍ୟପଟେ ରୁପା ମୂଲ୍ୟରେ ମଧ୍ୟ ଯୁଦ୍ଧ ପ୍ରଭାବ ପଡ଼ିଛି। ଗତ ୨୭ ତାରିଖରେ ରୁପା କେଜି ୨, ୮୨, ୬୪୪ ଟଙ୍କା ଥିଲା। ଏହା ହ୍ରାସ ପାଇଁ ଶୁକ୍ରବାର ୨, ୨୭, ୪୭୦ ଟଙ୍କାକୁ ଖସି ଆସିଛି। ଏହା ପଛରେ ତୈଳ ଦର ବୃଦ୍ଧି ମୁଖ୍ୟ କାରକ ସାଜିଛି। ଉତ୍ତେଜନା ଯୋଗୁଁ ବ୍ରେଣ୍ଟ କ୍ରୁଡ ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୧୦୦ ଡଲାର ପାର କରିଯାଇଛି। ଏଥିଯୋଗୁଁ ନିବେଶକ ସୁନା ଏବଂ ରୁପାରୁ ଧ୍ୟାନ ହଟାଇ ଶକ୍ତି ବଜାରକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ସେହିପରି ଦରଦାମ ବୃଦ୍ଧି ଏବଂ ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ପ୍ରତିକ୍ରିୟା ଯୋଗୁଁ ମଧ୍ୟ ସୁନା ଓ ରୁପାର ମୂଲ୍ୟ ହ୍ରାସ ପାଇ ଚାଲିଛି।

### ଅଧିକାରୀଙ୍କ ଆତ୍ମହତ୍ୟା...

ଅମୃତସରର କଂଗ୍ରେସ ସାଂସଦ ଗୁରଜିତ ଔଜଲା ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। କହିଛନ୍ତି ଯେ ଫୁଡ କର୍ପୋରେସନ ଅଫ ଇଣ୍ଡିଆ (ଏଫସିଆଇ) ମନ୍ତ୍ରୀ ଭୁଲ୍ଲରଙ୍କ ଅଞ୍ଚଳରେ ଖାଦ୍ୟଶସ୍ୟ ରଖିବା ପାଇଁ ଓ୍ୱାର ହାଉସ ନିର୍ମାଣ କରିଥିଲା। ଓ୍ୱାରହାଉସ କର୍ପୋରେସନ ଏହାର ନୋଡାଲ ଏଜେନ୍ସି। ମନ୍ତ୍ରୀ ଲାଲଜିତ ନିଜ ବାପା ସୁଖଦେବ ସିଂହ ଭୁଲ୍ଲରଙ୍କ ନାମରେ ଏଥିପାଇଁ ଟେଣ୍ଡର ଦାଖଲ କରିଥିଲେ। ମାତ୍ର ନୀତି ହିସାବରେ ମନ୍ତ୍ରୀଙ୍କ ବାପାଙ୍କୁ ଟେଣ୍ଡର ମିଳି ନ ଥିଲା। ଏଥିପାଇଁ ଭୁଲ୍ଲର ଘରକୁ ଡାକି ଅଧିକାରୀଙ୍କୁ ମାଡ଼ ମାରିଥିଲେ। ଉଲଗ୍ନ କରି ଭିଡିଓ ସୁଟିଂ କରିଥିଲେ। ପତ୍ନୀ ଏବଂ ଶିଶୁଙ୍କୁ ଗ୍ୟାଙ୍ଗଷ୍ଟର ଦ୍ୱାରା ହତ୍ୟା କରାଇବାକୁ ରନ୍ଧାୱାଙ୍କୁ ଧମକ ଦେଇଥିଲେ। ଏଥିରେ ଅଧିକାର ମର୍ମାହତ ହୋଇ ଯାଇଥିଲେ। ଶେଷରେ ସେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ।

ଏହି ଘଟଣା ପଞ୍ଜାବର ଆମ ଆଦମୀ ପାର୍ଟି (ଆପ) ସରକାର ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିରୋଧୀ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ କହିବା ଅନୁଯାୟୀ, ତଦନ୍ତ ପ୍ରକ୍ରିୟାରେ ଯେପରି କୌଣସି ପ୍ରଭାବ ନ ପଡ଼ିବ ସେଥିପାଇଁ ମନ୍ତ୍ରୀଙ୍କ ଇସ୍ତଫା ନିଆଯାଇଛି।

### ବିଜେଡିରୁ ୬...

ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହି କ୍ରସ୍ ଭୋଟିଂ କରିବା ବିଜେଡିର ସମ୍ବିଧାନ ମୂଳ ସିଦ୍ଧାନ୍ତର ଅବମାନନା କରୁଛି। ତେଣୁ ସେମାନଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ରାଜ୍ୟ ରାଜନୀତିକୁ ସରଗରମ କରି ରଖିଛି। ପୂର୍ବରୁ କଂଗ୍ରେସ ମଧ୍ୟ କ୍ରସ୍ ଭୋଟିଂରେ ସଂପୃକ୍ତ ଥିବା ନିଜର ୩ ବିଧାୟକ ରମେଶ ଜେନା, ସୋଫିଆ ଫିର୍‌ଦୋସ ଓ ଦାଶରଥି ଗମାଙ୍ଗୋଙ୍କୁ ନିଲମ୍ବନ କରିସାରିଛି। ତେବେ ବିଜେଡି ନିଜର ୬ ବିଧାୟକଙ୍କ ଉପରୁ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସେମାନେ ଏମିତି ପଦକ୍ଷେପ କାହିଁକି ନେଲେ, ସେନେଇ ସନ୍ତୋଷଜନକ ଉତ୍ତର ଜାଣିବାକୁ ଚାହିଁଥିଲା। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନଇ ଉତ୍ତର ରଖିବାକୁ ନୋଟିସ ଜାରି କରାଯାଇଥିଲା। ବିଧାୟକମାନେ ନିଜର ଭୁଲ୍ ବୁଝି ସମୁଚିତ ଉତ୍ତର ଦେବା ପରିବର୍ତ୍ତେ ଓଲଟି ବିଜେଡି ମୁଖ୍ୟ ସଚେତିକାଙ୍କୁ କୋର୍ଟରେ ମାମଲା ରୁଜୁ କରିବା ନେଇ ଆଣ୍ଠ ଦେଖାଇଥିଲେ। ଖାଲି ଏମିତି ନୁହେଁ; କ୍ରସ୍ ଭୋଟିଂ ପରଠାରୁ ବିଧାୟକମାନେ ନିୟମିତ ଭାବରେ ଗଣମାଧ୍ୟମରେ ଦଳ, ଦଳର ନେତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହେବା ପରି ମତ-ମନ୍ତବ୍ୟମାନ ଦେଇ ଆସୁଥିଲେ। ଯାହାକୁ ନେଇ ଶୃଙ୍ଖଳା କମିଟିର ସଦସ୍ୟମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନବୀନଙ୍କୁ ସୁପାରିସ କରିଥିଲେ। ପିଏସି କମିଟିରେ ମଧ୍ୟ ଉପସ୍ଥିତ ସଦସ୍ୟମାନେ ଏପରି ବିଶୃଙ୍ଖଳାକୁ ଆଦୌ ବରଦାସ୍ତ ନ କରି ତୁରନ୍ତ ସେମାନଙ୍କୁ ଦଳରୁ ନିଲମ୍ବନ କରିବାକୁ ନବୀନଙ୍କ ଆଗରେ ଦାବି ରଖିଥିଲେ। ପିଏସି ବୈଠକରେ ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ନବୀନଙ୍କ ଏହି ପଦକ୍ଷେପକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜନୈତିକ ସମୀକ୍ଷକ। ବିଜେଡି ପ୍ରତିଷ୍ଠା ଦିନଠାରୁ ଆଜି ପର୍ଯ୍ୟନ୍ତ ନବୀନ କେବେବି ଦଳରେ ବିଶୃଙ୍ଖଳାକୁ ବରଦାସ୍ତ କରିନାହାନ୍ତି। ଦଳର ନିଷ୍ପତ୍ତିକୁ ଅବମାନନା କରି ଟଙ୍କା ଲୋଭରେ କ୍ରସ୍ ଭୋଟିଂ କରିବା ପରେ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ହୋଇ ପଡ଼ିଥିଲା। ତେଣୁ ସ୍ୱାଭାବିକ ପ୍ରିୟାରେ ଦଳର ଶୃଙ୍ଖଳା, ବିଜେଡି ସମ୍ବିଧାନର ମୂଳ ସିଦ୍ଧାନ୍ତ ତଥା ଭବିଷତକୁ ଦୃଷ୍ଟିରେ ରଖି ନବୀନ ଠିକଣା ସମୟରେ ସଠିକ୍ ନିଷ୍ପତ୍ତି ନେଇଛନ୍ତି ବୋଲି ବିଜେଡିର ଶୁଭେଚ୍ଛୁମାନେ ମତପ୍ରକାଶ କରିଛନ୍ତି। କେବଳ ନିଲମ୍ବନ ନୁହେଁ; ବିଧାୟକ ଭାବେ ସେମାନଙ୍କର ସଦସ୍ୟତା ପଦ ରଦ୍ଦ ହେବା ଆ।ବଶ୍ୟକ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ଆଇନଗତ ଲଢ଼େଇକୁ...

ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରଥମେ ମତଦାନ ପାଇଁ ଗୋଟିଏ ଲେଖାଏଁ ବାଲାଟ ପେପର୍ ନେଲେ। ମାତ୍ର ସେଥିରେ ଦୁଇଟି, ତିନୋଟି ଗାର ପକାଇଛନ୍ତି ବୋଲି କହି ଦ୍ୱିତୀୟ ବାଲାଟ ପେପର ନେଇ ମତଦାନ କରିଥିଲେ। ମୁଁ ସେଠାରେ ଦଳ ପକ୍ଷରୁ ଏଜେଣ୍ଟ ଥିଲି। ଏହା ନିୟମ ବହିର୍ଭୂତ କହି ଏହି ନିଷ୍ପତ୍ତିର କଡ଼ା ବିରୋଧ ମଧ୍ୟ କରିଥିଲି। ଯଦି ମେସିନରେ ମତଦାନ ହେଉଥାନ୍ତା, ତାହେଲେ ଆପଣ କ'ଣ ଦ୍ୱିତୀୟ ଥର ମେସିନ ବଟନ ଚିପି ମତଦାନ କରିବାକୁ ଅନୁମତି ଦେଇଥାନ୍ତେ କି ବୋଲି ମୁଁ ପ୍ରଶ୍ନ କରିଥିଲି। ମାତ୍ର ଏହାକୁ ନିର୍ବାଚନ କମିଶନ ଆଦୌ ଶୁଣିଲେ ନାହିଁ। ତେଣୁ ଏନେଇ ଦଳ ଆଇନଗତ ଲଢ଼େଇ ଲଢ଼ିବାକୁ ନିଷ୍ପତ୍ତି ନେଇଛି ବୋଲି ଶ୍ରୀମତି ମଲ୍ଲିକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟାରେ ଦ୍ୱିତୀୟ ବାଲାଟ ପ୍ରଦାନ ନେଇ କୌଣସି ବ୍ୟବସ୍ଥା ନାହିଁ। ମାତ୍ର ବିଜେପିର ଦୁଇ ବିଧାୟକ ଯେଉଁଭଳି ଭାବେ ଦ୍ୱିତୀୟ ବାଲାଟରେ ଭୋଟ ଦେଇଛନ୍ତି, ତାହା ବୈଧ ଭୋଟ ନୁହେଁ। ଭାରତବର୍ଷରେ ଏପରି କେଉଁଠି ହୋଇନଥିବା ବେଳେ ଏହା ସମ୍ପୂର୍ଣ୍ଣ ଅବୈଧ ଭୋଟ। ଏହାକୁ ନାକଚ କରିବାର ଆବଶ୍ୟକତା ଥିଲା। ମାତ୍ର ଯେଉଁଭଳି ଭାବେ ନିର୍ବାଚନ କମିଶନ ଦୁଇଟି ଭୋଟକୁ କାଏମ ରଖିଛନ୍ତି, ସେନେଇ ଦଳ ଆଇନଗତ ଲଢ଼େଇ ନିଶ୍ଚିତ କରିବ। ଏହି ଭୋଟ ଦୁଇଟି ଭୋଟ ନାକଚ ପାଇଁ ଦଳ ଆଇନଗତ ଲଢ଼େଇ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ୪,୦୦୦ କିମି ଦୂରଭେଦୀ....

ଏହା ଦ୍ୱାରା ସାରା ବିଶ୍ୱକୁ ନିଜର ସାମରିକ କ୍ଷମତା ନେଇ ଏକ ନୂଆ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି ଓ ଏଥିରେ ଏହି ଦେଶ ଅନେକାଂଶରେ ସଫଳ ହୋଇଛି। ଡିଏଗୋ ଗାର୍ସିଆ ଦ୍ୱୀପ ଆମେରିକାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି, ଯେଉଁଠାରେ ସେମାନଙ୍କର ବଡ଼ ବଡ଼ ବୋମାବର୍ଷୀ ବିମାନ ଅର୍ଥାତ ହେଭି ବମ୍ବର୍ସ ଓ ଗୁଇଦା ବିମାନ ରହୁଛି। ଇରାନର କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବାରେ ସଫଳ ହେଲା କି ନାହିଁ, ତାହା ଅପେକ୍ଷା ଇରାନ ପାଇଁ ଏହା ଏକ ବଡ଼ ସଙ୍କେତ ଯେ ଆମେରିକାର କୌଣସି ବି ଆଶ୍ରୟସ୍ଥଳୀ ଏବେ ସୁରକ୍ଷିତ ନୁହେଁ। ଇରାନର ଏହି ଅପ୍ରତ୍ୟାଶିତ ପଦକ୍ଷେପ ମଧ୍ୟପ୍ରାଚ୍ୟର ସଂଘର୍ଷକୁ ଭାରତ ମହାସାଗର ଅଞ୍ଚଳକୁ ବ୍ୟାପ୍ତ କରିଛି। ଫଳରେ ପାଶ୍ଚାତ୍ୟ ଦେଶଗୁଡ଼ିକର ସାମରିକ ଯୋଜନାକୁ ଦ୍ୱନ୍ଦରେ ପକାଇଛି। ଇରାନର ଅର୍ଦ୍ଧ- ସରକାରୀ ସମ୍ବାଦ ସଂସ୍ଥା ମେହେର କହିଛି ଯେ, ଏହି ପଦକ୍ଷେପ ଦର୍ଶାଉଛି ଯେ, ଇରାନର ମିସାଇଲ କ୍ଷମତା ଶତ୍ରୁର କଳ୍ପନା ବାହାରେ।

ତେବେ ଡିଏଗୋ ଗାର୍ସିଆ ବେସ୍ ଉପରେ ଇରାନର ଏହି ଆକ୍ରମଣ ଉଦ୍ୟମ ବିଫଳ ହୋଇଛି। ଏହି ଘଟଣା ପରେ ବ୍ରିଟେନ ସରକାର ଇରାନକୁ କଡ଼ା ଚେତାବନୀ ଦେଇଛି। ଇରାନର ଏହି ଆକ୍ରମଣ ବିଫଳ ହେବା ସତ୍ତ୍ୱେ ଏହା ସହଯୋଗୀ ଦେଶଗୁଡ଼ିକ ପାଇଁ ଏକ ବିପଦ ବୋଲି ବ୍ରିଟେନ କହିଛି। ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଇରାନ ସାରା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରୁଛି। ବିଶେଷ କରି ହର୍ମୁଜ ପ୍ରଣାଳୀକୁ କବ୍‌ଜାରେ ରଖି ବାଣିଜ୍ୟିକ ପଥକୁ ବନ୍ଦ କରିବା ବ୍ରିଟେନ ଓ ତା'ର ସହଯୋଗୀ ଦେଶଗୁଡ଼ିକର ସ୍ୱାର୍ଥ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ।

### ପ୍ରତାପ ଜେନାଙ୍କ...

କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ଶନିବାର ପ୍ରତାପଙ୍କ ଘରର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ସିକ୍ୟୁରିଟି ଗାର୍ଡ ସୁଜିତ ମିଶ୍ର କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲ ରୁଜୁ କରି ମାତ୍ର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସେମାନେ ହେଲେ ଜାଗମରା ଜଗମୋହନ ନଗର ଅଞ୍ଚଳର ସିଦ୍ଧାର୍ଥ ସ୍ୱାଇଁ ଏବଂ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ଦେବୀ ପ୍ରସାଦ ଲେଙ୍କା। ସେମାନଙ୍କଠାରୁ ବାଣର ଅବଶିଷ୍ଟାଂଶ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ବିରୁଦ୍ଧରେ ବିସ୍ଫୋରକ ଆଇନ ଏବଂ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ ହୋଇଥିବା ପୁଲିସ କହିଛି।

ଅନ୍ୟପକ୍ଷରେ ଏଭଳି ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଏହାସହ ରାଜଧାନୀରେ ଆଇନଶୃଙ୍ଖଳ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଗଲାଣି ବୋଲି ଚର୍ଚ୍ଚା ହେବାରେ ଲାଗିଛି।

### କୁଶାସନ ଓ ବିପର୍ଯ୍ୟସ୍ତ...

ନଗ୍ନ ଉଦାହରଣ। ତୁରନ୍ତ ଏହି ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅପରାଧୀଙ୍କୁ ଗିରଫ କରାଯାଉ। ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନଶୃଙ୍ଖଳା ସ୍ଥିତିକୁ ସଜାଡ଼ିବାକୁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ଇରାନ ତୈଳ...

ମୂଲ୍ୟକୁ ନିୟନ୍ତ୍ରଣ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଭାରତକୁ ତୈଳ ଯୋଗାଣ ବୃଦ୍ଧି ପାଇବ। ଦେଶରେ ତୈଳ ମୂଲ୍ୟ ସ୍ଥିର ରହିବ ବୋଲି କୁହାଯାଉଛି।

ଆମେରିକା ଦେଇଥିବା ଆଶ୍ୱସ୍ତି କେବଳ ସମୁଦ୍ରରେ ଥିବା ଇରାନ ତୈଳ ଟ୍ୟାଙ୍କରରୁ କ୍ରୟ ପାଇଁ ଉଦ୍ଦିଷ୍ଟ। ଆମେରିକା ଟ୍ରେଜେରି ମନ୍ତ୍ରୀ ସ୍କଟ ବେସେଣ୍ଟ ଏହି ଘୋଷଣା କରିଛନ୍ତି। ମାର୍ଚ୍ଚ ୨୦ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ଏହି ଆଶ୍ୱସ୍ତି ମିଳିଛି। ବିଶ୍ୱ ବଜାରରେ ତୈଳ ଯୋଗାଣ ବୃଦ୍ଧି ଏବଂ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇରାନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ୧୧୦ ଡଲାର ପାର କରିଯାଇଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୦ ଡଲାର ଥିଲା। ବେସେଣ୍ଟ କହିଛନ୍ତି ଯେ ଏହି ଯୋଗାଣର ମାର୍ଗ ଖୋଲିବା ଦ୍ୱାରା ବଜାରକୁ ୧୪ କୋଟି ବ୍ୟାରେଲ ତୈଳ ଆସିବ। ଏହା ଦ୍ୱାରା ବିଶ୍ୱରେ ଶକ୍ତି ଯୋଗାଣ ବଢ଼ିବ। ସୂଚନାଯୋଗ୍ୟ ଯେ ବିଶ୍ୱର ମନୋରଞ୍ଜନ ଏବଂ ପର୍ଯ୍ୟଟନ ସ୍ଥଳ ଉପରେ ଜବାବୀ ଆକ୍ରମଣ କରିବାକୁ ଇରାନ ଧମକ ଦେବା ପରେ ଆମେରିକା ଏଭଳି ପଦକ୍ଷେପ ନେଇଛି। ଏହା ସହିତ ମଧ୍ୟପ୍ରାଚ୍ୟକୁ ଅଧିକ ଯୁଦ୍ଧ ଜାହାଜ ପଠାଇଛି।

### ସ୍କୁଲ ରାତ୍ର...

ସୂଚନା ମୁତାବକ, ଗତ ରାତିରେ ସନ୍ନ୍ୟାସୀଙ୍କ ଦେହ ଅସୁସ୍ଥ ହେବାରୁ ସେ ଅଧ୍ୟକ୍ଷାଙ୍କ ସହ ବାଇକ୍‌ରେ କଳମାରେ ଥିବା ଶିକ୍ଷାକେନ୍ଦ୍ର ମାଲିକ ବା ଅଧ୍ୟକ୍ଷାଙ୍କ ଭାଇ ଡା. ବିଜୟ ରାଉତଙ୍କ କ୍ଲିନିକ୍‌କୁ ଯାଉଥିଲେ। ମାତ୍ର ସ୍କୁଲଠାରୁ ମାତ୍ର କିଛି ଦୂର ଏନ୍‌ଏଚ୍-୧୮ ରେ ପହଞ୍ଚିବା ପୂର୍ବରୁ ୨/୩ଜଣ ଦୁର୍ବୃତ୍ତ ସେମାନଙ୍କୁ ପ୍ଲାଷ୍ଟିକ ପାଇପ୍‌ରେ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସନ୍ନ୍ୟାସୀଙ୍କର ମୃତ୍ୟୁ ଘଟିଥିବା ବେଳେ କାଦମ୍ବିନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ଖବର ପାଇ ବିଦ୍ୟାଳୟ ମାଲିକ ଦୁହିଁଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସନ୍ନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। ଅଧ୍ୟକ୍ଷାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଉକ୍ତ ବିଦ୍ୟାଳୟଟି ପୂର୍ବରୁ କଳମା ଛକରେ ଥିବା ବେଳେ କିଛି ମାସ ହେବ ନିଜସ୍ୱ ଜାଗାକୁ ସ୍ଥାନାନ୍ତର ହୋଇଥିଲା। ପୂର୍ବରୁ ସମ୍ପୃକ୍ତ ସ୍ଥାନ ମଦୁଆଙ୍କ ଆଡ଼ା ଥିଲା। ବିଦ୍ୟାଳୟ ଆରମ୍ଭ ପରେ ସମ୍ଭବତଃ ବିବାଦ ଉପୁଜି ଥାଇପାରେ ବୋଲି ଆଲୋଚନା ହେଉଛି। ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ ନିଜେ ଘଟଣାର ଅନୁଧ୍ୟାନ କରୁଛନ୍ତି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ଛାତ୍ରୀଙ୍କୁ ହତ୍ୟା କରି...

ମିଳିବା ପରେ ସେମାନେ ମୃତ ନାବାଳିକାଙ୍କ ବାପା ଓ ଦାଦାଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତ ନାବାଳିକାଙ୍କ ବେକରେ ନାଲିରଙ୍ଗର ଦାଗ ଥିବା ଦେଖାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାରେ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା ଜାରି ରହିଛି।

### ଆମେରିକା ବଜାର...

ଅର୍ଥାତ ୯୪ ଲକ୍ଷ କୋଟିରୁ ଅଧିକ ଟଙ୍କା ବୁଡ଼ି ଯାଇଛି।

ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏସଆଣ୍ଡପି୫୦୦ ଚାପରେ ରହିଛି। ଗତ ମାସେ ମଧ୍ୟରେ ଏହି ସୂଚକାଙ୍କ ୫.୮୩ ପ୍ରତିଶତ ଖସି ଆସିଛି। ଏହା ଦ୍ୱାରା ବଜାର ପୁଞ୍ଜି ପ୍ରାୟ ୩ ଟ୍ରିଲିୟନ ଡଲାର ଅର୍ଥାତ ପ୍ରାୟ ୨୮୨ ଲକ୍ଷ କୋଟି ଟଙ୍କା ବୁଡ଼ି ଗଲାଣି। ଇରାନ ଯୁଦ୍ଧ ବନ୍ଦ ହେବାର ନା ଧରୁନଥିବାରୁ ସେୟାରେ ଏଭଳି ବଡ଼ ହ୍ରାସ ଦେଖାଯାଇଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଯୁଦ୍ଧ ଜାରି ରହିଥିବାରୁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏହା ଦ୍ୱାରା ଦରଦାମ ମଧ୍ୟ ବଢ଼ି ଚାଲିଛି। ତେଣୁ ଏ ସବୁର ନକରାତ୍ମକ ପ୍ରଭାବ ସେୟାର ବଜାର ଉପରେ ପଡ଼ିଛି।


**OFFICE OF THE SUPERINTENDING ENGINEER** 25001/354/2526

**RURAL WATER SUPPLY AND SANITATION DIVISION, BHUBANESWAR**

**Plot No.-1214 (Part), Tapovan Road, Khandagiri, Bhubaneswar-30.**

**Short Quotation Call Notice No - 45 of 2025-26**

Sealed quotationers are invited from reputed Authorized Dealer/ Distributor/ Supplier for **fixation of rates** for the items of the work "Supply & Installation of one Laboratory Fume Hood at State Water Testing Laboratory, RWS&S Khandagiri, Bhubaneswar"

| | |
|---|---|
| Availability of Bid Document : | 24.03.2026 to 26.03.2026 up to 1.00 PM |
| Last date of submission of Bids : | 26.03.2026 by 03:00 P.M. |
| Opening of Bids : | 26.03.2026 at 4.00 P.M. |

The Quatation details with matrerials description can be collected from Office of the Superintending Enginner, RWS&S Division, Bhubaneswar. The superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

*Superitending Engineer*
*RWS&S Division, Bhubaneswar*

OIPR-25001/25011/1/25-26/0042

**AFFIDAVIT**

I Girija Sankar Das / S S (Shanti Shyam) Girija Shankar Das S/o. Radhashaym Das, resident of At-Kalikapur, P/s- Jaleswar, Dist-Balasore, Pin-756079, Odisha declare by this affidavit No. 538 vol-1, Dtd 18.03.2026 that now onwards I shall be known as **GIRIJA SHANKAR DAS** for all future purposes.

**AFFIDAVIT**

I Mamata Rani Das w/o. Girija Shankar Das, resident of At-Kalikapur, P/s- Jaleswar, Dist-Balasore, Pin-756079, Odisha declare by this affidavit No. 532 vol-1, Dtd 18.03.2026 that now onwards I shall be known as **MAMATA RANI MOHANTY** for all future purposes.

**AFFIDAVIT**

By virtue of an affidavit no. 605 before the **Executive Magistrate, Phulbani, dtd.20.03.2026**, I, **Sushant Kanhar**, At-Talatamatingia, P.o.-Sripalla, P.S.-Phiringia, Dist- Kandhamal - 762011, do hereby declare that I have changed the name of my minor daughter from **Prangya Kanhar to Prangyasini Kanhar.** Henceforth, she shall be known as **Prangyasini Kanhar** for all purposes.

**Sd/- Sushant Kanhar**

**AFFIDAVIT**

I, **Manoja Kumar Panigrahi,** son of Kishore Chandra Panigrahi, resident of Ward Number 61, QR Number LB 60, Bhimtangi HB Colony, Kapila Prasad Phase 2, Bhubaneswar, Dist-khordha, Odisha, Pin-751002 declare that by this virtue of **Affidavit number 104** dated **17-03-2026** that now onwards I shall be known as "**MANOJ KUMAR PANIGRAHI**" for all future Purpose.

**AFFIDAVIT**

I, Sreyase Chhotaray, aged about 52 years, W/o-Debadatta Parija, resident of At: Plot No-31/1014, Rajarani Colony, Tankapani Road, Ps-Badagada, Bhubaneswar, Dist- Khurda, Pin- 751014, Odisha do hereby declare by this affidavit No. 591, dtd- 21.03.2026, that now onwards I shall be known as **SHREYASI PARIJA** for all future purposes.

**AFFIDAVIT**

I, Santosh Jena, S/o-Kelu Jena, resident of At - Krushnapur, Po-Narendrapur, Dist-Khurda, PIN- 752031, Odisha declared by this affidavit No. 195, dtd- 20/03/2026 that now onwards I shall be known as **SANTOSH KUMAR JENA** for all future purposes

**AFFIDAVIT**

By virtue of an affidavit Regd. No.2288 sworn before the Notary Public, Dhenkanal, dated: 28.11.2025, I **Rama Behera,** aged about 69 years, W/o. Raj Behera, At/PO: Barada, PS: Dhenkanal Sadar, Dist: Dhenkanal-759013 declare that my name has been mentioned wrongly as **Rama** instead of **Rama Behera** on Service Book of my son namely Suresh Kumar Behera, who is serving in Indian Army in the Rank-SUB, No. JC283836X, Unit-22Med Regt, C/0.56APO. That I am known as **Rama Behera** as per my Aadhar record in everywhere. Henceforth, I shall be known as **Rama Behera** for all purposes.

## ଜାମା ମସ୍‌ଜିଦ ଓ ଇଦ୍‌ଗାରେ ସମୂହ ନମାଜ ପାଠ

# ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ

ଭଦ୍ରକ,୨୧।୩(ସମିସ)

ଉତ୍ସାହର ସହ ଭଦ୍ରକ ଭାଇଚାରା ସହରରେ ଶନିବାର ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣା ବଜାରସ୍ଥିତ ଜାମା ମସ୍‌ଜିଦରେ ସକାଳ ୯ଟା ୧୫ ଓ କୁଆଁସ କଦମବେଡ଼ାସ୍ଥିତ ଇଦ୍‌ଗାଠାରେ ସକାଳ ୯ଟା ୩୦ରେ ନମାଜ ପାଠ ହୋଇଥିଲା। ଏହା ସମିତ ସହରର ବିଭିନ୍ନ ଅଞ୍ଚଳର ୩୮ ମସ୍‌ଜିଦ, ଗ୍ରାମାଞ୍ଚଳର ୭ଟି ମସ୍‌ଜିଦ ଏବଂ ଭଦ୍ରକ ଜିଲ୍ଲାରେ ୧୪୬ଟି ମସ୍‌ଜିଦରେ ହଜାର ହଜାର ସଂଖ୍ୟାରେ ଇସ୍‌ଲାମ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟରେ ସମୂହ ନମାଜ ପାଠ କରିଥିଲେ। ଭଦ୍ରକ ଜାମା ମସ୍‌ଜିଦରେ ହାଫିଜ୍ ଓ କାରୀ ମହମ୍ମଦ ସାଦିକ୍ ହୋସେନ ଓ ଇଦ୍‌ଗାରେ ହାଫିଜ୍ ଅବ୍‌ଦୁଲ ଦୟାନ ମୁସଲମାନ ଧର୍ମାବଲମ୍ବୀଙ୍କୁ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜପାଠ ପରେ ଉଭୟ ହିନ୍ଦୁ ଭାଇଙ୍କ ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ରମ୍‌ଜାନର ରୋଜା ଅର୍ଥ କେବଳ ଦିନସାରା ଭୋକିଲା ରହିବା ନୁହେଁ, ବରଂ ଆତ୍ମା ମଧ୍ୟ ଈଶ୍ୱରଙ୍କ ସାନିଧ ଲାଭ ପାଇଁ କ୍ଷୁଦ୍ଧାର୍ତ୍ତ ରହିଥାଏ ଏବଂ ଇଦ୍ ପର୍ବ ଖୁସୀ, ତ୍ୟାଗ, ଦାନ, ପ୍ରୀତି, ଶାନ୍ତି ଶୃଙ୍ଖଳା ଓ ଭାଇଚାରା ସହିତ ପର୍ବ ପାଳନକୁ ଇଦ୍ ପର୍ବ କୁହାଯାଏ ବୋଲି ମୁସ୍‌ଲିମ ଜମାତର ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର(ବାବୁ) ନମାଜପାଠ ପରେ କହିଛନ୍ତି। ଚଳିତ ବର୍ଷ ଚନ୍ଦ୍ର ଦୃଶ୍ୟର ପ୍ରମାଣ ମିଳି ନ ଥିବାରୁ ୩୦ ରୋଜା ଓ ୩୦ ତରାବୀ ନମାଜ ପାଠ ହେବ ବୋଲି ଭଦ୍ରକ ମୁସ୍‌ଲିମ ଜମାତରେ ହଲାଲ୍ କମିଟି ଘୋଷଣା କରିଥିଲା। ଶନିବାର ପବିତ୍ର ଦିବସ ପାଇଁ ସହର ଓ ଗ୍ରାମାଞ୍ଚଳର ସମସ୍ତ ମସ୍‌ଜିଦରେ ବିଭିନ୍ନ ଆଲୋକମାଳାରେ ସଜା ଯାଇଥିବା ଦେଖିବାକୁ ମିଳିଥିଲା। ଜାମା ମସ୍‌ଜିଦଠାରେ ସଭାପତି ହାଜୀ କାସିମ୍ ଖାନ, ସମ୍ପାଦକ ଶେଖ୍ ହାଫିଜୁଲ୍ଲା, ମୁସ୍‌ଲିମ ଜମାତର ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ ଏବଂ ଇଦ୍‌ଗାଠାରେ ମୁସ୍‌ଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ହାଜୀ ଅବ୍‌ଦୁଲ ମୁକିତ ଖାନ, ହାଜୀ କୈୟୁମ୍ ସାହା, ଅସରଫ ଅଲି ଖାନ, ମିର୍ଜା ଏକ୍ରାମ ବେଗ, ଜମିଲ ଅଖତର ଖାନ, ଅଖତର ଅଲି ଖାନ ଓ ଶେଖ୍ ନଇମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇଦ୍ ପର୍ବ ଅବସରରେ ସମାଜସେବୀ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନଳିନୀ ମହାନ୍ତି, ଅସିତ୍ ପଟ୍ଟନାୟକ ଓ ଦିଲ୍ଲୀପ ନାୟକଙ୍କ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି(ଡିଆଇବି) ଅଂଶୁମାନ ଦିବେଦୀ, ସିଟି ଡିଏସ୍‌ପି ଅନିଲ ପ୍ରଧାନ, ପୁରୁଣା ବଜାର ଥାନା ଅଧିକାରୀ ଓ ଟାଉନ ଥାନା ଅଧିକାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ମୁସଲ୍‌ମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଇଦ୍-ଉଲ୍-ଫିତର ପାଳନ ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।





### ଜିଲ୍ଲାରେ ସମୁଦାୟ ୧୪୬ ମସ୍‌ଜିଦରେ ନମାଜ ପାଠ

### ଧାମନଗର



ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ପବିତ୍ର ଇଦ୍-ଉଲ୍-ଫିତର ପର୍ବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶନିବାର ଏହି ଅବସରରେ ଧାମନଗରସ୍ଥିତ ଇଦ୍‌ଗା ମଇଦାନ ପରିସରରେ ସକାଳ ୮ଟା ୩୦ରେ ହଜାର ହଜାର ମୁସଲ୍‌ମାନ ଭାଇମାନ ଏକତ୍ରିତ ହୋଇ ସମୂହ ନମାଜ ପଢ଼ିଛନ୍ତି। ଖାନକା ସରିଫ୍ ନୂତନ ମତୱାଲ୍ଲୀ ଆଲହାଜ ସୟଦ ହବିବ୍ ରଜା ହବିବି ସମୂହ ନମାଜ ପାଠ ପଢ଼ାଇଛନ୍ତି। ପରେ ମତୱାଲ୍ଲୀ ବାବାଙ୍କୁ ଇଦ୍‌ଗାଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା ସହିତ ଖାନକା ସରିଫ୍ ନିଆଯାଇଥିଲା। ସେଠାରେ ଫାତେହା ଭକ୍ତ ଓ ଶ୍ରଦ୍ଧାଳୁମାନେ ପୀରବାବାଙ୍କୁ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁସଲ୍‌ମାନ ଭାଇମାନେ କାନ୍ଧକୁ କାନ୍ଧ ମିଶାଇ ପରସ୍ପରକୁ ଇଦ୍ ମୁବାରକ ଓ ଶୁଭେଚ୍ଛା ଜଣାଇଛନ୍ତି। ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ଇଦ୍ ପର୍ବ ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ରହି ମତୱାଲ୍ଲୀ ବାବାଙ୍କୁ ଇଦ୍ ମୁବାରକ୍ ଓ ଶୁଭେଚ୍ଛା ଜଣାଇବା ସହ ସମସ୍ତ ମୁସଲ୍‌ମାନ ଭାଇଙ୍କୁ ଇଦ୍ ମୁବାରକ୍ ଜଣାଇ ମିଠା ଖୁଆଇଲେ। ସେହିପରି ବ୍ଲକ୍ ଅଞ୍ଚଳରେ ଥିବା ମୁସ୍ତାଫାପୁର, ଦୋବଲ, ଚୁଡ଼ାକୁଟି, ବୟାଙ୍ଗଡିହ, ପିତେଇପୁର, ନନ୍ଦୀଗାଁ, ପନ୍ଦରବାଟିଆ ଆଦି ସ୍ଥାନରେ ଇଦ୍ ପର୍ବ ପାଳନ କରିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ସୁବ୍ରଜିତ ଦାଶ, ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବେଜଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଛକ ବଜାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ଏହି ଅବସରରେ ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ଧିରେନ କର, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ନଗର ସଭାପତି ବିଜୟ କେତନ ସାହୁ, ବିଜେଡି ନେତା ଲମ୍ବୋଦର ଜେନା, ସନ୍ଦୀପ ସ୍ୱାଇଁ, ଉମେଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ ରାଉତ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ରମାକାନ୍ତ ସାହୁ, କଂଗ୍ରେସ ନେତା ସଞ୍ଜୟ ମିଶ୍ର, ବାବା ହରେକୃଷ୍ଣ ସେଠୀ, ରମେଶ ଚନ୍ଦ୍ର ବେହେରା, ପ୍ରମୋଦ ସ୍ୱାଇଁ, ମାନସ ମହାପାତ୍ର, ପ୍ରସନ୍ନ ଧଳଙ୍କ ସମେତ ବହୁ ଦଳୀୟ ନେତା ଓ ସଂଗଠକ ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



### ବନ୍ତ/ଆଗରପଡ଼ା



ଆଗରପଡ଼ାରେ ପବିତ୍ର ଇଦ୍ ପର୍ବ ପାଳିତ ହୋଇଯାଇଛି। ନୂଆ ବସ୍ତ୍ର ପରିଧାନ କରି ଆଲିଙ୍ଗନ ପୂର୍ବକ ପରସ୍ପରକୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। ସ୍ଥାନୀୟ ପୁରୁଷଣ୍ଢ, ଘଣ୍ଟଗଡ଼ିଆ, ଚାରିଘରିଆ, ହରିପୁର ଆଦି ସ୍ଥାନରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପ୍ରଶାନ୍ତ ଦାଶ, ସତ୍ୟସାଧନ ବେଜ, ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ଉତ୍ସବରେ ସାମିଲ୍ ଥିଲେ।

### ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ୍‌ରେ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଛି। ପବିତ୍ର ରମ୍‌ଜାନ ମାସ ଶେଷରେ ଶନିବାର ମଢ଼ିଆଳିସ୍ଥିତ ମସ୍‌ଜିଦ୍‌ରେ ସର୍ଦ୍ଦାର ଜବାର ଖାଁଙ୍କ ନେତୃତ୍ୱରେ ସାମୂହିକ ନମାଜ ପାଠ ସହ ଇଦ୍ ପର୍ବ ପାଳନ ହୋଇଥିଲା। ଦେଓପଦାର ଖସାପଦି ମସ୍‌ଜିଦ୍‌ରେ ସର୍ଦ୍ଦାର ଜବାର ଖାଁ ଓ ମୌଲବୀ ଶେଖ୍ ଆସିଫ୍ ରହମାନ ନେତୃତ୍ୱରେ ସକାଳେ ସମୂହ ନମାଜ ପାଠ, ପୀରବାବାଙ୍କଠାରେ ନୂତନ ଚାଦର ଅର୍ପଣ, ବନ୍ଧୁ ମିଳନ ଆଦି ଅନୁଷ୍ଠିତ ହୋଇଥିଲା। ମଞ୍ଜୁରୀସ୍ଥିତ ମସ୍‌ଜିଦ୍‌ରେ ସର୍ଦ୍ଦାର ସୟଦ ଶାହା ଓ ମୌଲବୀ ନଜର ଶାହାଙ୍କ ନେତୃତ୍ୱରେ ସମୂହ ନମାଜ ପାଠ, ଚାଦର ଅର୍ପଣ ଓ ବନ୍ଧୁମିଳନ ପର୍ବ ସମ୍ପନ୍ନ କରାଯାଇଥିଲା। ଏହି ପର୍ବ ପାଳନ ମଧ୍ୟରେ ହିନ୍ଦୁ ଓ ମୁସଲମାନମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ଆଦାନପ୍ରଦାନ କରିଥିଲେ।

## ଶିଶୁ ଆଶ୍ରମରେ ପଖାଳ ଦିବସ

ଦୋଲସାହି,୨୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଲସାହି ପଞ୍ଚାୟତରେ ଅବସ୍ଥିତ ଯୋଗୀରଷୀ ଲଛମନ ଦାସ ଶିଶୁ ଆଶ୍ରମରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ସ୍ମୃତିରେ ଶୁକ୍ରବାର ପଖାଳ ଦିବସ ପାଳନ ହୋଇଯାଇଛି। ସୂଚନାଯୋଗ୍ୟ, ଦୋଲସାହି ପଞ୍ଚାୟତ ଗୋରୁ ହାଟଠାରେ ଅବସ୍ଥିତ ଶିଶୁ ଆଶ୍ରମରେ ଦୋଲସାହି ବିଷ୍ଣୁ ସେଠୀ ଫାଉଣ୍ଡେସନ ପକ୍ଷରୁ ଏହି ପଖାଳ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦୋଲସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଆଶ୍ରମର ପରିଚାଳକ ଲୋକନାଥ ପତି, କାନ୍ତକବି ମଣ୍ଡଳୀ ସଭାପତି ସରୋଜ ନାୟକ, ପ୍ରମୋଦ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ଭରତ ଚନ୍ଦ୍ର ସାହୁ, ଯଜ୍ଞଦତ୍ତ ପତି, ଅଶୋକ ଦୀକ୍ଷିତ, ତାପସ ବେହେରା, ସୁନନ୍ଦ ଖାମୁରାଇ, ରାଧାକାନ୍ତ ବେହେରା, ବାଇଧର ଯେନା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ପଖାଳ ସହ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ।



## ଛାତ୍ରଛାତ୍ରୀଙ୍କ ଶିକ୍ଷଣୀୟ ପରିଦର୍ଶନ

ବାରିକପୁର,୨୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଛାତ୍ରଛାତ୍ରୀମାନେ ସାପ୍ତାହିକ ହାଟ ଓ ନିକଟସ୍ଥ ପାର୍କ ମଧ୍ୟ ବୁଲିଥିଲେ। ସେହିଭଳି ଚରମ୍ପାର ଏକ ବିଦ୍ୟାଳୟ, ଭଣ୍ଡାରିପୋଖରୀ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଓ ସରସଦା ଷ୍ଟେଟ୍ ବ୍ୟାଙ୍କରେ ଛାତ୍ରଛାତ୍ରୀମାନେ ପହଞ୍ଚି ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଜାଣିବାକୁ ପାଇଥିଲେ। ୨ଟି ଦଳରେ ସଂଯୁକ୍ତ ହୋଇ ବିଦ୍ୟାର୍ଥୀମାନେ ଯାତ୍ରା କରିଥିଲେ। ପ୍ରାୟ ୧୨୦ ଛାତ୍ରଛାତ୍ରୀ ଏହି ଶିକ୍ଷଣୀୟ ପରିଦର୍ଶନରେ ସାମିଲ୍ ହୋଇଥିବାବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟମାନେ ଏଥିରେ ଯୋଗଦେଇଥିଲେ।



## ଶ୍ରୀରାମ ନବମୀ ମହୋତ୍ସବ ନିମନ୍ତେ ସାମ୍ବାଦିକ ସମ୍ମିଳନୀ
## ଆଜି ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା

ଭଦ୍ରକ,୨୧।୩(ସମିସ): ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ବହନ କରୁଥିବା ଶ୍ରୀରାମ ନବମୀ ମହୋତ୍ସବ ମହାସମାରୋହରେ ପାଳିତ ହେବାକୁ ଯାଉଛି। ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଚଳିତ ବର୍ଷ ଦିବ୍ୟ, ଭବ୍ୟ, ସରସ, ସୁନ୍ଦର ଏବଂ ଚିତାକର୍ଷକ ଭାବରେ ଅନୁଷ୍ଠିତ ହେବ ବୋଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ୨୨ ତାରିଖ ତଥା ରବିବାର ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା, ୨୫ରେ ମହିଳା କଳସ ଶୋଭାଯାତ୍ରା, ଆଜ୍ଞାମାଳ ଯାତ୍ରା, ୩ ଦିନ ବ୍ୟାପୀ ଶ୍ରୀରାମ ନବମୀ ଯଜ୍ଞ ଆରମ୍ଭ, ୨୬ରେ ୧୦୮ ହନୁମାନ ଚାଳିଶା ପାଠ, ୨୭ ତାରିଖରେ ଶତାଧିକ ମେଢ଼କୁ ନେଇ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ମେଢ଼ କମିଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ପାଳନ କରିବାକୁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଗାନ୍ଧୀ ପଡ଼ିଆରେ ମୀନାବଜାର ଏବଂ ସନ୍ଧ୍ୟାରେ ରାଜ୍ୟର ପ୍ରସିଦ୍ଧି ଅର୍ଜନ କରିଥିବା ସାଂସ୍କୃତିକ ଅନୁଷ୍ଠାନ, ଖ୍ୟାତି ସମ୍ପନ୍ନ ନୃତ୍ୟ ଦଳ ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମିତିର ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ ଉପସ୍ଥିତ ରହି ଶ୍ରୀରାମ ନବମୀ ମହୋତ୍ସବର ଗୌରବମୟ ଇତିହାସ ପ୍ରକାଶ କରିବା ସହ ସମସ୍ତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ ଏବଂ ସ୍ୱାଧୀନ ସୁନ୍ଦର ଦାସ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




## ମା’ ଲକ୍ଷ୍ମୀଙ୍କ ୭ମ ବାର୍ଷିକ ଉତ୍ସବ

ବାରିକପୁର,୨୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁ ମହାଦେବ ବାଡ଼ିଠାରେ ଅବସ୍ଥିତ ମା’ ଲକ୍ଷ୍ମୀ ଠାକୁରାଣୀଙ୍କ ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଷ୍କରିଣୀରୁ ଘଟ ଉତ୍ତୋଳନ ପରେ ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ପୂଜକ ଗୋବର୍ଦ୍ଧନ ପତୀଙ୍କ ତତ୍ତ୍ୱାବଧାନରେ ଠାକୁରାଣୀ ଆବାହନ, ବୈଦିକ ପୂଜା ଓ ହୋମଯଜ୍ଞ ଆଦି ସମ୍ପନ୍ନ ହୋଇଥିବାବେଳେ ଏଥିରେ ଅନ୍ୟତମ ପୂଜକ ପୀତାମ୍ବର ପଣ୍ଡା, ଶଶୀଭୂଷଣ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଦାଶ, ଜୀବନ ଦାଶ ସହଯୋଗ କରିଥିଲେ। ସଙ୍କଳ୍ପ କର୍ତ୍ତା ଭାବେ ବିନାୟକ ସାମଲ ଓ ଅମିତା ସାମଲ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉପଲକ୍ଷେ ପୁରୀ ନିବାସୀ କଥାକାର ରବିନାରାୟଣ ହୋତା ପ୍ରବଚନ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ବାର୍ଷିକ ଉତ୍ସବକୁ ବିଶ୍ୱଜିତ ସାମଲ, ପ୍ରେମଜିତ୍ ସାମଲ, ହରିହର ସାମଲ, ସୁଶାନ୍ତୀ ସାମଲ, ପୂଜା ସାମଲ, ତପନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



## ବରିଷ୍ଠ ସାମ୍ବାଦିକ ମଦନମୋହନଙ୍କ ପରଲୋକ

ଦୋବଲ,୨୧।୩(ସମିସ): ଧାମନଗର ବ୍ଲକ୍ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମଦନମୋହନ ଦାସଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନିଜ ଗାଁ ଖଡ଼ିପଦା ପଞ୍ଚାୟତ କାଞ୍ଜିଆପାଳରେ ବାର୍ଷିକ ଯଜ୍ଞ ପାଇଁ ବୈଠକରେ ଯୋଗଦେଇଥିଲେ। ବୈଠକରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏଣୁ ସେ ଘରକୁ ପଳେଇ ଆସିଥିଲେ। ଘରେ ଯନ୍ତ୍ରଣା ଅସହ୍ୟ ହୋଇଥିଲା। ସାନ ଭାଇ ଓ ପଡ଼ିଶା ଲୋକେ ତାଙ୍କୁ ଯାଜପୁର ଜିଲ୍ଲା ହସ୍ପିଟାଲକୁ ଏକ ଅଟୋରେ ନେଇ ଯାଇଥିଲେ। ତେବେ ରାସ୍ତାରେ ଦୁଇଥର ପାଣି ମାଗିଥିଲେ। ପାଣି ଦେବା ପରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଯାଜପୁର ଜିଲ୍ଲା ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଘରକୁ ନେଇଆସିଥିଲେ। ଏନେଇ ଖବର ପାଇବା ପରେ ଶହଶହ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶନିବାର ସକାଳେ ତାଙ୍କ ପୁତୁରା ହାଇଦରାବାଦରୁ ଆସି ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କର କର୍ମସ୍ଥଳୀ କାଞ୍ଜିଆପାଳ ଜଙ୍ଗଲ ଭିତରେ ଥିବା ଯଜ୍ଞମଣ୍ଡପ ପାଖରେ ସମାଧି ଦିଆଯାଇଥିଲା। ମଦନ ଅବିବାହିତ ଥିଲେ ଓ ସେ ବୈଷ୍ଣବ ଧର୍ମର ଦୀକ୍ଷିତ ଥିଲେ। ଏଣୁ ତାଙ୍କ ଧର୍ମଗୁରୁଙ୍କ ପରାମର୍ଶରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା। ମଦନମୋହନ ଜଣେ ସୂଚନା ଅଧିକାର କର୍ମୀ ଭାବେ ଭଦ୍ରକ ଜିଲ୍ଲାରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଏଥିସହ ସେ ବିଭିନ୍ନ ଓଡ଼ିଆ ଖବରକାଗଜରେ ଧାମନଗର ବ୍ଲକ୍ ଦୋବଲ ଅଞ୍ଚଳର ପ୍ରତିନିଧି ଭାବେ କାର୍ଯ୍ୟ କରିଛନ୍ତି। ନିଜ ଅଞ୍ଚଳର ଉନ୍ନତି ପାଇଁ ସେ ସର୍ବଦା କାମ କରି ଆସିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ରାଜନୈତିକ ଦଳର କର୍ମୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୋକବ୍ୟକ୍ତ କରିଛନ୍ତି।



## ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ କୁଣ୍ଡଳୀ

ଦୋଲସାହି,୨୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଲସାହି ପଞ୍ଚାୟତ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଜ୍ଞାନ କୁଣ୍ଡଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ଦୋଲସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୩୦ ଛାତ୍ରଛାତ୍ରୀ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ସେମାନେ ଆଣିଥିବା ପ୍ରକଳ୍ପଗୁଡ଼ିକୁ ସୁନ୍ଦର ଭାବରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତିହିଡ଼ି ସିଆର୍‌ସିସି ହାଇସ୍କୁଲର ପ୍ରଧାନଶିକ୍ଷକ ସୌମ୍ୟରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ଉଚିତ୍ ପଦକ୍ଷେପ ବୋଲି କହିବା ସହ ଛାତ୍ରଛାତ୍ରୀଙ୍କୁ ସୁଯୋଗର ସଦୁପଯୋଗ କରିବାକୁ କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର କୁମାର ତରାଇ ଓ ବିଜ୍ଞାନ ଶିକ୍ଷକ କୀର୍ତ୍ତିଚନ୍ଦ୍ର ପଣ୍ଡା ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଆଗରପଡ଼ାରେ ଭବ୍ୟ ଏକତା ଦୌଡ଼
## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଅଞ୍ଚଳ

ବନ୍ତ/ଆଗରପଡ଼ା,୨୧।୩(ସମିସ): ପବିତ୍ର ଶ୍ରୀରାମ ନବମୀ ପୂର୍ବରୁ ଆଗରପଡ଼ାଠାରେ ଏକ ବିଶାଳ ‘ଏକତା ଦୌଡ଼’ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାରମ୍ପରିକ ଶ୍ରୀରାମ ନବମୀ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ରାଷ୍ଟ୍ରପ୍ରେମୀ ଯୁବକ ସାମିଲ୍ ହୋଇ ହିନ୍ଦୁ ଏକତା ବାର୍ତ୍ତା ବାଣ୍ଟିଛନ୍ତି। ଚଳିତ ବର୍ଷ ଶ୍ରୀରାମ ନବମୀ ମହୋତ୍ସବ ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବାବେଳେ ଏହି ଏକତା ଦୌଡ଼ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଆଗରପଡ଼ା ଥାନା ଅଧିକାରୀ ରାଜେଶ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ନଡ଼ିଆ ଭାଙ୍ଗି ଓ ଗୈରିକ ପତାକା ଦେଖାଇ ଏହି ଦୌଡ଼ର ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ଏକତା ଓ ସାମାଜିକ ସଦ୍ଭାବନାକୁ ସୁଦୃଢ଼ କରିବା ଏହି ଦୌଡ଼ର ମୂଳ ଲକ୍ଷ୍ୟ ବୋଲି କମିଟି ମତ ପ୍ରକାଶ କରିଥିଲେ। “ଜୟ ଶ୍ରୀରାମ” ଧ୍ୱନି ଏବଂ ରାଷ୍ଟ୍ରୀୟ ଏକତାର ନାରାରେ ସାରା ଆଗରପଡ଼ା ବଜାର ପ୍ରକମ୍ପିତ ହୋଇଉଠିଥିଲା। କମିଟିର ସଭାପତି ତୃପ୍ତିରଞ୍ଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ଉପଦେଷ୍ଟା ଜ୍ଞାନଚାନ୍ଦ ଗୁପ୍ତା, ଭାସ୍କର ଦାସ, ସର୍ବଜିତ୍ ପଣ୍ଡା, ଅତିଶ୍ ପଣ୍ଡା, ରାଜୀବ ଲୋଚନ ରାୟ, ଜିତେନ୍ଦ୍ର ଶତପଥୀ, ସୁଶାନ୍ତ ଦାସ, ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଅଶୋକ ପରିଡ଼ା, ହିମାଦ୍ରି ମହାନ୍ତି, ସନତ ତ୍ରିପାଠୀ, ଦିବ୍ୟ ଆକାଶ ପୁହାଣ, ମହେଶ୍ୱର ଦାସ, ବିଶ୍ୱଜିତ୍ ମହାପାତ୍ର, ଅମୂଲ୍ୟରତ୍ନ ନନ୍ଦ, ତପନ ସିଂହ, ବବୁଲୁ ସାହୁ, ଦେବାଶିଷ ଦାସ, ପ୍ରଦୀପ୍ତ ସେଠୀ, ଶ୍ରୀତମ୍ ସିଂହ, ସୌରଭ ବେହେରାଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ ଜନସାଧାରଣ ସାମିଲ୍ ହୋଇଥିଲେ।




# ଗାଁରେ ହୋଇପାରୁନି ଶ୍ମଶାନ ନିର୍ମାଣ !

ଧୂଷୁରୀ,୨୧।୩(ସମିସ)

ଧାମନଗର ବ୍ଲକ୍‌ର ବିଭିନ୍ନ ଗ୍ରାମ ପଞ୍ଚାୟତରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଶବଦାହ ବା ସତ୍କାର କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ କୌଣସି ଶ୍ମଶାନଟିଏ ନାହିଁ। ପୂର୍ବ ପୁରୁଷମାନଙ୍କ ଅମଳରୁ ବିଭିନ୍ନ ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ କିଛି ସରକାରୀ ଜମିକୁ ସ୍ୱତନ୍ତ୍ର ଭାବରେ ଶ୍ମଶାନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇ ଆସୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି କାରଣରୁ ହେଉ ବା ଜୋର୍ ଯାର ମୂଲକ ତା’ର କାରଣରୁ ହୀନ ସ୍ୱାର୍ଥ ବ୍ୟକ୍ତିମାନେ ଗ୍ରାମାଞ୍ଚଳରେ ଥିବା ଗୋଚର, ଅନାବାଦୀ ଓ ଶ୍ମଶାନ ଜମିକୁ ଅବରୋଧ କରି ବ୍ୟକ୍ତିଗତ ସମ୍ପତ୍ତି କରିନେଲେ। ଫଳରେ ଗ୍ରାମାଞ୍ଚଳର ଚାରଣ ଭୂମି ଓ ଶ୍ମଶାନ ଭୂମି ଆଜି ସମ୍ପୂର୍ଣ୍ଣ ବିଲୁପ୍ତ। ବର୍ତ୍ତମାନ ଗ୍ରାମାଞ୍ଚଳରେ ଶବଦାହ ଏକ ବିରାଟ ସମସ୍ୟା ଭାବରେ ଉଭା ହୋଇଛି। କାହାର ସମ୍ପର୍କୀୟମାନଙ୍କ ମୃତ୍ୟୁ ଘଟିଲେ ଶବଦାହ କରିବା ଏକ ବିରାଟ ସମସ୍ୟା। ଯାହାର ଅର୍ଥ ବଳ ଅଛି ସେ ପରିବାର ନିଜ ସମ୍ପର୍କୀୟ ବ୍ୟକ୍ତିଙ୍କ ଶବକୁ ଅର୍ଥ ବ୍ୟୟ କରି ପୁରୀ ସ୍ୱର୍ଗଦ୍ୱାର ନେଉଛି କିମ୍ବା ସହରାଞ୍ଚଳରେ ଥିବା ବିଦ୍ୟୁତ୍ ଚାଳିତ ଶବଦାହ କେନ୍ଦ୍ରକୁ ନେଉଛି। ଆଉ ଯାହାର ଅର୍ଥ ବଳ ନାହିଁ ସେ ପରିବାର ରାସ୍ତା କଡ଼, ଉଚ୍ଚ ସ୍ଥାନ କିମ୍ବା ନିଜ ବାରିରେ ଶବଦାହ ଅତି କଷ୍ଟରେ କରିବାକୁ ବାଧ୍ୟ ହେଉଛି। କିନ୍ତୁ ବର୍ଷା ଋତୁ, କାଳବୈଶାଖୀ ତଥା ବିଭିନ୍ନ ପ୍ରାକୃତିକ ଆପଦ ସମୟରେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ସାଧାରଣ ଲୋକଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରତ୍ୟେକ ଗ୍ରାମରେ ସୁଲଭ ଶ୍ମଶାନ ନିର୍ମାଣ ବା ସ୍ୱର୍ଗଦ୍ୱାର ଶ୍ମଶାନ ନିର୍ମାଣ ପାଇଁ ପ୍ରତି ପଞ୍ଚାୟତ ଜରିଆରେ ଆର୍ôଥକ ଅନୁଦାନ ଯୋଗାଇ ଦେଇଥିବାବେଳେ ଧାମନଗରର ବିଭିନ୍ନ ପଞ୍ଚାୟତ ତଥା ପ୍ରଶାସନର ଉଦାସିନତା ପାଇଁ ଏହି କାର୍ଯ୍ୟ କେବଳ ଘୋଷଣାରେ ରହିଯାଇଛି। କେତେକ ଅଞ୍ଚଳରେ ଅଧପନ୍ତରିଆ ହୋଇ ପଡ଼ି ରହିଥିବାବେଳେ ଆଉ କେତେକ ସ୍ଥାନରେ ନିର୍ମାଣ ହେଉ ହେଉ ଏହି ଶ୍ମଶାନ ଶବଦାହ ଗୃହ ଭାଙ୍ଗି ରୁଜି ଚୁରମାର୍ ହେଲାଣି। ଧାମନଗର ବ୍ଲକ୍ ଏକ ଚିର ବନ୍ୟା ପ୍ଲାବିତ ଅଞ୍ଚଳ। ଏଠାରେ ତଳିଆ ଅଞ୍ଚଳର ଲୋକେ ବର୍ଷା ଦିନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋବିନ୍ଦପୁର, ଖପରପଦା, ଅସୁରାଳି, କୋଠାର, କଟସାହି ଆଦି ପଞ୍ଚାୟତରେ କୌଣସି ଗ୍ରାମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନାହିଁ କିମ୍ବା ଗ୍ରାମ ପଞ୍ଚାୟତ ବା ପ୍ରଶାସନ ଏଥିପ୍ରତି ମଧ୍ୟ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳୁନାହିଁ। ଫଳରେ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମ ପଞ୍ଚାୟତରେ ସ୍ୱର୍ଗଦ୍ୱାର ଶ୍ମଶାନ ବା ଶବଦାହ ଘର ନିର୍ମାଣ ପାଇଁ ଦାବି ଜୋର୍ ଧରିଛି। ତୁରନ୍ତ ପ୍ରଶାସନ ଓ ପଞ୍ଚାୟତ ତରଫରୁ ପ୍ରତି ପଞ୍ଚାୟତର ସାଧାରଣ ଲୋକଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଶ୍ମଶାନ ଗୃହ ନିର୍ମାଣ କରିବାକୁ ଜନସାଧାରଣ ଦାବି ରଖୁଛନ୍ତି।



## ଚରମ ସୀମାରେ କୃଷକ ସାଥୀ ଓ କୃଷି ଅଧିକାରୀଙ୍କ ତୁ ତୁ ମେ ମେ

# ନ୍ୟାୟ ଅପେକ୍ଷାରେ ୩ କୃଷକ ସାଥୀ



ବନ୍ତ/ଆଗରପଡ଼ା,୨୧।୩(ସମିସ)

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ କୃଷି ଅଧିକାରୀ ଓ କୃଷକ ସାଥୀଙ୍କ ମଧ୍ୟରେ ଚାଲିଥିବା ତୁ ତୁ ମେ ମେ ଚରମ ସୀମାରେ ପହଞ୍ଚିଥିବାବେଳେ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ନ୍ୟାୟ ଅପେକ୍ଷାରେ ୩ ଅଭିଯୋଗକାରୀ କୃଷକ ସାଥୀ ଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧୀନ ଆଡ଼ିଆ ପଞ୍ଚାୟତ କୃଷକ ସାଥୀ ରାଧାକୃଷ୍ଣ ଆଇଚ, ଗୋବିନ୍ଦପୁର ପଞ୍ଚାୟତ କୃଷକ ସାଥୀ ପର୍ଶୁରାମ ପଣ୍ଡା, ତୋଡ଼ଗାଁ ପଞ୍ଚାୟତ କୃଷକ ସାଥୀ ଭରତ ଚନ୍ଦ୍ର ପହିଙ୍କୁ ଆକ୍ରୋଶମୂଳକ ଭାବେ ୨୦୨୫ ଏପ୍ରିଲ ମାସଠାରୁ ଅଦ୍ୟାବଧି ଏକବର୍ଷ ହେବ ମାସିକ ପ୍ରୋତ୍ସାହନ ରାଶି ବ୍ଲକ୍ ପକ୍ଷରୁ ପ୍ରଦାନ କରାଯାଉନାହିଁ। ବନ୍ତ ବ୍ଲକ୍ର ୨୫ ପଞ୍ଚାୟତର ପ୍ରାୟ ୪୦ ଜଣ କୃଷକ ସାଥୀଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବାବେଳେ ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା ଏବଂ ସୂଚନା ଅଧିକାର ଆଇନରେ ସୂଚନା ମାଗିବାରୁ ଏହି ୩ ଜଣ କୃଷକ ସାଥୀଙ୍କୁ ଆକ୍ରୋଶମୂଳକ ଭାବେ ଦୀର୍ଘ ଏକ ବର୍ଷ ହେବ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉନାହିଁ।

ବ୍ଲକ୍ କୃଷି ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ, କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା ଏବଂ ସମ୍ପୃକ୍ତ ୩ ଜଣ କୃଷକ ସାଥୀଙ୍କୁ ୧୦ ମାସ ହେବ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରା ନ ଯିବା ନେଇ ଗତ ଜାନୁଆରୀ ୨୬ରେ ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ, ଫେବୃଆରୀ ୨ରେ ଜିଲ୍ଲାପାଳ, ଫେବୃଆରୀ ୬ ଓ ୧୧ରେ ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଓ ପ୍ରମୁଖ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ (ପ୍ରଶାସନ), ଯୁଗ୍ମ ସଚିବଙ୍କୁ ଅଭିଯୋଗ କରାଯାଇଥିଲା। ଫେବୃଆରୀ ୧୬ରେ ବନ୍ତ ବ୍ଲକ୍ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରାଯାଇଛି। ଫେବୃଆରୀ ୧୬ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ କେତେକ ଚାଷୀ ସମ୍ପୃକ୍ତ ୪ ଜଣ କୃଷକ ସାଥୀଙ୍କ ବିରୋଧରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି

### ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍

ଫେବୃଆରୀ ୨୦ରେ ଜିଲ୍ଲାପାଳଙ୍କଠାରେ କୃଷକ ସାଥୀ ରାଧାକାନ୍ତ ଆଇଚ, ପର୍ଶୁରାମ ପଣ୍ଡା, ଭରତ ଚନ୍ଦ୍ର ପହି ଓ ଜୟଦେବ ସିଂହ ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ କୃଷକ ସାଥୀଙ୍କ ବିରୋଧରେ ଗତ ଫେବୃଆରୀ ୧୬ରେ କେତେକ ଚାଷୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ କରାଯାଇଥିବା ଅଭିଯୋଗ ପର୍ବରେ ଜାଲ୍ ଦସ୍ତଖତ ମରାଯାଇଥିବା ଓ ବହୁ ଚାଷୀ ନିଜ ଦସ୍ତଖତକୁ ବାରମ୍ବାର କରିଥିବା ଜଣାପଡ଼ିବା ପରେ ଏହାର ଏକକିତା ନକଲ ଏବଂ ବ୍ଲକ୍ କୃଷି ଅଧିକାରୀଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଅନିୟମିତତାକୁ ନେଇ ଗତ ୨ ତାରିଖରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ପୁନର୍ବାର ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ଅଭିଯୋଗକାରୀଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏଡିଓ, ଭଦ୍ରକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଭିଯୋଗ ହେଉଛି କିନ୍ତୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦୀର୍ଘ ଏକ ବର୍ଷ ହେବ କୃଷକ ସାଥୀ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ କୃଷକ ସାଥୀ ଓ କୃଷି ଅଧିକାରୀଙ୍କ ମଧ୍ୟରେ ଲାଗି ରହିଥିବା ତୁ ତୁ ମେ ମେରେ ଏକ ନିରପେକ୍ଷ ତଦନ୍ତ କରି ଏହାର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଅପରପକ୍ଷରେ ବ୍ଲକ୍ କୃଷି ଅଧିକାରୀ ସରକାରୀ ନିୟମାନୁସାରେ କାର୍ଯ୍ୟ କରିବା ସହ କୃଷି ଓ କୃଷକର ଉନ୍ନତି କାମନା କରିବା ସହ ଏକ ସୁସ୍ଥ ବାତାବରଣ ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିଧାୟକ ପାଣ୍ଠି ଖର୍ଚ୍ଚରେ ସବୁଠୁ ପଛରେ ସିମୁଳିଆ

**● ମନ୍ଥର କାର୍ଯ୍ୟପାଇଁ ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ବିଧାୟକ**

ଖଇରା,୨୧।୩ (ସମିସ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ହାତପାଣ୍ଠି ଖର୍ଚ୍ଚ ନୈରାଶ୍ୟ ଜନକ ସ୍ଥିତିରେ ରହିବା ତଥା ବିକଶିତ ଗାଁ ବିକଶିତ ଓଡିଶା, ଦାନା ଭଳି ବହୁ ଯୋଜନାରେ ଅର୍ଥ ଖର୍ଚ୍ଚ ପଡିରହିବା ଭଳି ସ୍ଥିତି ସମ୍ବନ୍ଧରେ ଆଲୋଚନା ପାଇଁ ଖଇରା ବ୍ଲକ ପରିସରରେ ଶନିବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଖଇରା ବିଡିଓ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ପ୍ରତ୍ୟେକଟି ଯୋଜନାର ସମୀକ୍ଷା କରିଥିଲେ। ବିଧାୟକଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପ ଅସଂପୂର୍ଣ୍ଣ ରହିବା ତଥା ଯାହା ବି ସମ୍ପୂର୍ଣ୍ଣ ହୋଇଛି ଠିକାଦାରଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାନଯିବା ପାଇଁ କନିଷ୍ଠ ଯନ୍ତ୍ରୀ ଦାୟୀ ବୋଲି ଲୋକପ୍ରତିନିଧି ମାନେ ଅଭିଯୋଗ କରିବା ପରେ ବିଧାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯାହା ବକେୟା ବିଲ ରହିଛି ମାର୍ଚ୍ଚ ୩୧ ପୂର୍ବରୁ ଏହା ପ୍ରଦାନ କରି ବିନିଯୋଗ ପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୩୭ ପଞ୍ଚାୟତ ପାଇଁ ବର୍ତ୍ତମାନ ୧୧ଜଣ କନିଷ୍ଠ ଯନ୍ତ୍ରୀ ଥିବା ବେଳେ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ନହେବାକୁ ନେଇ ବିଧାୟକ କ୍ଷୁବ୍ଧ ହେବା ସହ ଯନ୍ତ୍ରୀ ମାନଙ୍କୁ ଯେଉଁ ୩ ବା ୪ ପଞ୍ଚାୟତ ଦିଆଯାଉଛି ପାଖାପାଖି ପଞ୍ଚାୟତ ଦେବାକୁ ବିଡିଓଙ୍କୁ କୁହାଯାଇଥିଲା। ବିଧାୟକ ହାତପାଣ୍ଠି ଖର୍ଚ୍ଚରେ ଜିଲାରେ ସିମୁଳିଆ ନିର୍ବାଚନ ମଣ୍ଡଳୀ ପଛରେ ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଚାପ ପରେ ଏଭଳି ସମୀକ୍ଷା ବୈଠକ ଡକାଯାଇଥିବା କୁହାଯାଉଛି । ବୈଠକରେ ମଧ୍ୟ ଖୋଦ ବିଧାୟକ ତାଙ୍କ ବକ୍ତବ୍ୟରେ ଏ ବିଷୟ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ ଦାଶ, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ, ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼େଶ୍ୱର ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ




ବାଲେଶ୍ୱର,୨୧।୩ (ସମିସ): ରେମୁଣାସ୍ଥିତ ଝାଡେଶ୍ୱର ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଗୁଜୁରାଟସ୍ଥିତ ଚନ୍ଦନ ଷ୍ଟିଲ ଲିମିଟେଡ କମ୍ପାନୀ ତରଫରୁ ମାନବ ସମ୍ବଳ ଅଧିକାରୀ ବିନୟ ଚୌହାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ମେକାନିକାଲ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ତନ୍ମଧ୍ୟରୁ ଦୁଇଟି ବିଭାଗର ମୋଟ ୨୦ ଜଣ ଛାତ୍ର ଯୋଗ୍ୟ ବିବେଚିତ ହୋଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ପରମାନନ୍ଦ ସାନ୍ତରା, ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତରା, ପ୍ରିନ୍ସିପାଲ ଇଂ ବିଭୁପ୍ରସାଦ ମାହାନା ଓ ଇଡମିନିଷ୍ଟ୍ରେଟିଭ ଅଫିସର ପତିତପାବନ ସାହୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ପ୍ଲେସମେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକ ଅମରେଶ ଗିରି, ଇଂ. ପ୍ରିୟମାଧବ ସାହୁ କ୍ୟାମ୍ପସ ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ମାନେ ମଞ୍ଚାସୀନ ଥିଲେ। ବରିଷ୍ଠ ଅଧ୍ୟାପକ ବିମଳ ମୈଶାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ● ବାଇକ୍କୁ ପିଟିଲା ଟ୍ରକ୍ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବଡ଼ଚଣା,୨୧।୩(ସମିସ): ଆଜି ସକାଳ ୮ଟା ସମୟରେ ନିଜ ସାନ ଭଉଣୀ ଘରୁ ଫେରୁଥିବା ବେଳେ ଜାତୀୟ ରାଜପଥ ବଡ଼ଚଣା ଓଭରବ୍ରିଜ ଉପରେ ଟ୍ରକ ଧକ୍କାରେ ସ୍ତ୍ରୀର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। କଟକ ଜିଲ୍ଲା ସାଲେପୁର ଥାନା ଅଧୀନସ୍ଥ ବାସୁଦେବପୁର ଗାଁର ସୌଦାମିନୀ ବେହେରା ଓ ତାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ବେହେରା ନିଜ ବାଇକ୍ରେ ନିଜ ସାନ ଭଉଣୀ ଘର ସିଦ୍ଧିପୁରରୁ ଜାତୀୟ ରାଜପଥରେ ବାଇକ୍ ଯୋଗେ ଫେରୁଥିବା ସମୟରେ ବଡ଼ଚଣା ଓଭରବ୍ରିଜ୍ ଉପରେ ଏକ ୧୪ ଚକିଆ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍ତ୍ରୀ ସୌଦାମିନୀ ବେହେରା(୫୧) ତଳେ ପଡିଯାଇଥିଲେ। ଟ୍ରକ୍ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଖବର ପାଇ ବଡ଼ଚଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୌଦାମିନୀ ଓ ତାଙ୍କ ସ୍ୱାମୀ ରମେଶଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୌଦାମିନୀଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ଦୁର୍ଘଟଣା ସ୍ଥଳକୁ ଯାଇ ବାଇକ୍ ଓ ଟ୍ରକ୍କୁ ଜବତ କରିବା ସହିତ ଉତ୍ତରପ୍ରଦେଶର ଟ୍ରକ୍ ଚାଳକ ସୁରେନ୍ଦ୍ର କୁମାରକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଲାଉଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ସୌଦାମିନୀଙ୍କ ଶବ ଗ୍ରାମରେ ପହଞ୍ଚିଲା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଏକମାତ୍ର ପୁଅ ସ୍ମୃତି ସ୍ମାରକ ମୁଖାଗ୍ନି ଦେଇଥିଲେ।

## ବଳରାମପୁରରେ ଭାଲୁ ଆତଙ୍କ



କବାଟବନ୍ଧ,୨୧।୩(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ କୁସୁନପୁର ନିକଟରେ ଶନିବାର ଦିନ ସମୟରେ ଭାଲୁ ଚଳପ୍ରଚଳ କରୁଥିବାର ଦେଖାଯାଇଛି। କଟକ ବନଖଣ୍ଡ ଅଧୀନ ବୈରୀ ଡାଲିଯୋଡ଼ା ରେଞ୍ଜ ଗଡମଧୁପୁର ବନାଞ୍ଚଳ ଅଧୀନରେ ରହିଥିବା ପ୍ରସ୍ତାବିତ ଜଙ୍ଗଲ ଅଞ୍ଚଳରୁ ଏହି ଭାଲୁଟି ଆସିଥିବା ଅନୁମାନ କରାଯାଉଛି। ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ ସମୟରେ ଏହାକୁ ସ୍ଥାନୀୟ ଲୋକ ଦେଖିଥିଲେ। ଲୋକମାନଙ୍କୁ ଦେଖି ଭାଲୁଟି ଦୌଡ଼ିବାକୁ ଲାଗିଥିଲା। ସେହିପରି ଗତ ସପ୍ତାହ ମଧ୍ୟରେ ମୁକୁନ୍ଦପୁର ଶ୍ୟାମସୁନ୍ଦରପୁର ଅଞ୍ଚଳରେ ମଧ୍ୟ ଭାଲୁ ଦେଖାଦେଇଥିଲା। ଶୁକ୍ରବାର ରାତିରେ ମଧ୍ୟ କବାଟବନ୍ଧ ପଞ୍ଚାୟତ ଦଳଗାଁରେ ରାତି ପ୍ରାୟ ୮ଟା ବେଳେ ଜଣେ ସାଇକଲ ଅରୋହୀଙ୍କ ଠାରେ ଏକ ଭାଲୁ ଧକ୍କା ଲାଗିଥିଲା। ତେବେ ଦିନ ସମୟରେ ଦେଖା ଦେଇଥିବା ଭାଲୁ ସ୍ଥାନୀୟ କୁସୁନପୁର ପାହାଡ଼ (ବଳରାମପୁର ସଂରକ୍ଷିତ ଜଙ୍ଗଲ)କୁ ପଳାଇ ଯାଇଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି।

## ଖୁବଶୀଘ୍ର ପାଣିକୋଇଲି ବଜାରରୁ ଉଚ୍ଛେଦ

ପାଣିକୋଇଲି,୨୧।୩(ସମିସ): ପାଣିକୋଇଲି ଟ୍ରାଫିକ ସମସ୍ୟାର ସୁଧାର ଆଣିବା ପାଇଁ ସରକାରୀ ଓ ଜାତୀୟ ରାଜପଥକୁ ବେଆଇନ ଭାବେ ଜବରଦଖଲ କରିଥିବା ଜାଗାକୁ ମୁକ୍ତ କରାଯିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜିଲ୍ଲାପାଳ ଚିଠି କରିଛନ୍ତି। ପୂର୍ବରୁ ଜାତୀୟ ରାଜପଥ ବିଭାଗ ଏ ନେଇ ଜିଲ୍ଲାପାଳଙ୍କୁ ଚିଠି ନମ୍ବର ୧୬୦/ ୨୬ରେ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ଅବଗତ କରିଥିଲେ। ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନମ୍ବର ୫୯/୨୬ ଅନୁଯାୟୀ ଆଗାମୀ ଦିନରେ ପୁଲିସ ସହାୟତାରେ ସମସ୍ତ ବରଦଖଲ ମୁକ୍ତ କରାଯିବ। ଆଜି ଜାତୀୟ ରାଜପଥ ବିଭାଗ ପକ୍ଷରୁ ପାଣିକୋଇଲି ଠାରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇଥିଲା। ଏହି କ୍ରମରେ ଜବରଦଖଲ ମୁକ୍ତ ବେଳେ ଜନସାଧାରଣଙ୍କ ସୁରକ୍ଷା, ଟ୍ରାଫିକ ସମସ୍ୟା ଓ ଜନସାଧରଣଙ୍କ ସୁରକ୍ଷାକୁ ନେଇ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଫୋର୍ସ ମୁତୟନ କରିବାକୁ ପତ୍ରରେ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟକ୍ରମ ସମାପନ କରାଯିବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଏହି ମର୍ମରେ ଉପଜିଲ୍ଲାପାଳ, ତହସିଲଦାର ସମସ୍ତ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ଖୁବ ଶିଘ୍ର ପାଣିକୋଇଲି ବଜାର ଉଚ୍ଛେଦ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତିହିଡ଼ି,୨୧।୩(ସମିସ): ସାହାପୁର କ୍ଲଷ୍ଟର ହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏଲ୍ଏନ୍ ନୋଡାଲ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ମହାନ୍ତି ଉତ୍ସବକୁ ଉଦ୍ଘାଟନ କରିଥିଲେ। ହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧନକେନ୍ଦ୍ର ସଂଯୋଜକ ଧିରେନ ସାହୁ, ପରିଚାଳନା କମିଟି ସଭାପତି ଉମାକାନ୍ତ ତରାଇ ଓ ଉପସଭାପତି ପ୍ରୀତିଲତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଜାଫରାବାଜ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ନାୟକ, ନିମନ୍ତ୍ରିତ ଅତିଥି ଭାବେ ଶରତ କୁମାର ଜେନା, କେଏସ୍ ନୋଡାଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ଦାସ, ଗୌରାଙ୍ଗ ଚନ୍ଦ୍ର ପାତ୍ର, ତଳ ମୁର୍ମୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ନୈତିକତା ଶିକ୍ଷା ଓ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷକ ଶ୍ରୀକାନ୍ତ ମହାଲିକଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସଂଘମିତ୍ରା ଦାସ ସ୍ୱାଗତ ଭାଷଣ, ମନୋରମା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶକୁନ୍ତଳା ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ସ୍ୱର୍ଣ୍ଣଲତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

## ● ଚୋରାମଦ କାରବାର ରୋକିବାକୁ ମିଳିତ ବୈଠକ

# ମଙ୍ଗଳପୁର ଥାନା ସମ୍ମୁଖରେ ଧାରଣା ପାଇଁ ଚେତାବନୀ



ମଙ୍ଗଳପୁର,୨୧।୩(ସମିସ): ଦିନକୁ ଦିନ ଗାଁ ଗହଳିରେ ଚୋରା ମଦ କାରବାର ବଢ଼ିବାରେ ଲାଗିଥିବା ବେଳେ ଚୋରା ମଦ୍ୟପାନ କରି ଅନେକ ଲୋକେ ମୃତ୍ୟୁ ମୁଖର ଶିକାର ହେଉଛନ୍ତି। ଏଥିପାଇଁ ଗାଁ ଗହଳିର ଲୋକମାନେ ଏବେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। କାରଣ ଦିନ ମଜୁରିଆ ଖଟିଖିଆ ଲୋକମାନେ ନିଶାଶକ୍ତ ହୋଇ ନିଜ ରୋଜଗାର ଅର୍ଥକୁ ମଦ ପିଇ ନଷ୍ଟ କରୁଥିବା ବେଳେ ପ୍ରତିଦିନ ଅଧିକାଂଶ ପରିବାରରେ ଏହାକୁ ନେଇ ବିଭିନ୍ନ ଗଣ୍ଡଗୋଳ ସୃଷ୍ଟି ହେଉଛି। ସେହିପରି ଦଶରଥପୁର ବ୍ଲକର କୟାଁ, କମାରଡିହି, ଖାନନଗର, ନିଜାମପୁର ଚାରି ପଞ୍ଚାୟତରେ ଏବେ ବ୍ୟାପକ ପରିମାଣରେ ଚୋରା ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି। କୟାଁ ପଞ୍ଚାୟତର କୟାଁଗୋଲା ବଜାରରେ ୩ ଜାଗା, ମଲ୍ଲିପୁର ଗ୍ରାମରେ ୨ ଜାଗା, ଦରବା ଗ୍ରାମରେ ଗୋଟିଏ ଜାଗା, ଗରବନ୍ଧ ଗ୍ରାମରେ ଗୋଟିଏ ସ୍ଥାନରେ ମୋଟ କୟାଁ ପଞ୍ଚାୟତରେ ୭ଟି ସ୍ଥାନରେ ଚୋରା ମଦ କାରବାର ହେଉଥିବା ବେଳେ ଖାନନଗର ପଞ୍ଚାୟତରେ ଲାଲବାଗ ଛକରେ ୨ ଜାଗା, ବିମ୍ବାଧରପୁର ଗାଁରେ ଗୋଟିଏ ସ୍ଥାନରେ ଓ ନିଜାମପୁର ପଞ୍ଚାୟତର ନଛିଦ୍ରପୁର ଗ୍ରାମର ହରିଜନ ସାହିର ଗୋଟିଏ ସ୍ଥାନରେ ବ୍ୟାପକ ପରିମାଣରେ ଚୋରାମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ସବୁ ଅଞ୍ଚଳରେ କିପରି ସମ୍ପୂର୍ଣ୍ଣ ଭାବେ ଚୋରା ମଦ କାରବାର ରୋକିହେବ ସେଥିନେଇ ମିଳିତ ବୈଠକ ହୋଇଛି। ମା' ଜୟଚଣ୍ଡୀଙ୍କ ପୀଠରେ କୟାଁ ପଞ୍ଚାୟତର ବରିଷ୍ଠ ସମାଜସେବୀ ଚୌବନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ଯୁବକ, ଛାତ୍ର ଓ ମହିଳାମାନେ ଯୋଗଦେଇ କିପରି ଏହି ୪ଟି ପଞ୍ଚାୟତରେ ହେଉଥିବା ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିହେବ ସେଥିନେଇ ଆଲୋଚନା କରିଥିଲେ। ଆଲୋଚନାର ନିଷ୍ପତ୍ତି ଅନୁଯାଇ ଏହି ସବୁ ଅଞ୍ଚଳରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ଆସନ୍ତା ୨୪ ତାରିଖ ମଙ୍ଗଳବାର ମିଳିତ ଓଡ଼ିଶା ନିଶା ନିବାରଣ କମିଟି ପକ୍ଷରୁ ଜିଲ୍ଲାପାଳ, ଏସ୍ପି, ଅବକାରୀ ବିଭାଗ ଅଧିକାରୀ, ମଙ୍ଗଳପୁର ଥାନା ଅଧିକାରୀଙ୍କୁ ଭେଟି କମିଟିର ଏକ ପ୍ରତିନିଧି ଦଳ ଲିଖିତ ଦାବିପତ୍ର ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ୪ ପଞ୍ଚାୟତରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାନଗଲେ ମଙ୍ଗଳପୁର ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ନିଶା ନିବାରଣ କମିଟି ପକ୍ଷରୁ ଚେତାବନୀ ଦେଇଛନ୍ତି।

## ଈଶ୍ୱରାଭିମୁଖି ଜୀବନ ସାର୍ଥକ: ବାବା ବଳିଆ

ବାରିକପୁର,୨୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ବେଲଗଡ଼ିଆଠାରେ ଏକଦିବସୀୟ ବୈଦିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱପ୍ରେମୀ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ଈଶ୍ୱରାଭିମୁଖି ଜୀବନ ସାର୍ଥକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଭାଗବତ କଥାକୁ ନେଇ ବାବା ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବାବାଙ୍କ ଚରଣାଶ୍ରିତ ଭକ୍ତମାନେ ଏହି ଦିବ୍ୟ ସତ୍ସଙ୍ଗ ଆୟୋଜନ କରିଥିଲେ। ଏଥିରେ ବେଲଗଡ଼ିଆ ସମେତ ରହଣିଆ, ନୂଆ ପୋଖରୀ, ବୋଧପଡ଼ା, ରାଢୋ, ଆକୁଳିକଣା, ସରସଦା, ହାଜିପୁର, ଉତରାଗଡ଼ିଆ, ରାଣିଗଡ଼ିଆ, କୋରିଗାଁ, କଟିଂ, ପୁରସ୍ତମପୁର, ମାଳଦା ପ୍ରମୁଖ ଗ୍ରାମର ଶହଶହ ଭାଗବତପ୍ରେମୀ ଯୋଗଦେଇ ବିଭୁ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ସେବାନିବୃତ ପଶୁ ଡାକ୍ତରଙ୍କ ପରଲୋକ

ଅସୁରାଳି,୨୧।୩(ସମିସ): ଧାମନଗର ବ୍ଲକ୍ ନଦୀଗାଁ ଗାଁର ବରିଷ୍ଠ ପଶୁ ଡାକ୍ତର ତଥା ସମାଜସେବୀ ମୁରଲୀଧର ବେହେରାଙ୍କର ୮୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ କିମ୍ସ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ। ତାଙ୍କର ଶେଷକୃତ୍ୟ ନଦୀଗାଁସ୍ଥିତ ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଛି। ମୃତ୍ୟୁ ବେଳକୁ ତାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ବେହେରା, ଚନ୍ଦ୍ରକାନ୍ତ ବେହେରା, ନାତି ସନ୍ତୋଷ ବେହେରା ଏବଂ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଜବରଦଖଲ ଉଚ୍ଛେଦ ପାଇଁ ଦାବି

ଦୋଳସାହି,୨୧।୩(ସମିସ): ତିହିଡ଼ି ତହସିଲ୍ ଅଧୀନରେ ଏକ ଗ୍ରାମର ପ୍ରବେଶ ମୁହଁରେ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଦୀର୍ଘ ବର୍ଷ ଧରି ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ୭ନମ୍ବର ୱାର୍ଡର ପ୍ରବେଶ ମୁହଁରେ ସରକାରୀ ରାସ୍ତାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ଏହି ଗ୍ରାମର ମୁଖ୍ୟଦ୍ୱାରରେ ଏହି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଅନେକ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ପ୍ରବେଶ କରିବା କଷ୍ଟକର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଏହି ଗ୍ରାମର ଲୋକଙ୍କ ପକ୍ଷରୁ ବୁଧବାର ତିହିଡ଼ି ତହସିଲ୍ରେ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ ହୋଇଛି।

## ଜଳସଙ୍କଟ ଭୋଗୁଛନ୍ତି କାଳରୁହିର ୬ ପରିବାର



ବାଲିଆପାଳ, ୨୧।୩ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ଅଧୀନ କାଳରୁହିରୁ କାଠପୋଲ ରାସ୍ତା ପାଶ୍ୱର୍ରେ ୬ ପରିବାରର ପ୍ରାୟ ତିରିଶରୁ ଚାଳିଶି ଲୋକ ବସବାସ କରନ୍ତି। ପଞ୍ଚାୟତର ଥିବା ବସୁଧା ପାଣି ପାଇପରୁ ଆବଶ୍ୟକ ଅନୁସାରେ ପାଣି ପାଉଥିଲେ। ମାତ୍ର ଦୁଇ ମାସ ତଳେ ବାଲିଆପାଳରେ ବ୍ରୁଷ୍ଟାର ଠିକାଦାର ସଂସ୍ଥା ଦ୍ୱାରା ଚାଲୁ ରହିଥିବା ମେଗା ପ୍ରକଳ୍ପର ମୋଟା ପାଇପ ଲେବର ମାନଙ୍କ ଦ୍ୱାରା ପକାଯାଇଥିଲା। ସେବେଠାରୁ ବସୁଧା ପାଣି ପାଇପରୁ ବୁନ୍ଦାଏ ମଧ୍ୟ ପାଣି ବାହାରୁନାହିଁ। ପାନୀୟ ଜଳ ପାଇଁ ଦୁଇ କିଲୋମିଟର ରାସ୍ତା ଯିବାକୁ ପଡୁଛି ନଚେତ ପାଖରେ ବୋହି ଯାଉଥିବା କୋଷ୍ଟ କେନାଲ ପାଣିରେ ଜୀବନ ବିତାଉଛନ୍ତି ଏହି ଛଅ ପରିବାର। ଏ ନେଇ ସଂସ୍ଥା ଏବଂ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରି ନୟାନ୍ତ ହେଲେଣି ଲୋକେ। ଗ୍ରୀଷ୍ମପ୍ରବାହ ପାଇଁ ଏବେ କୋଷ୍ଟ କେନାଲରେ ପାଣି କ୍ରମଶଃ କମୁଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଉପଯୁକ୍ତ ହୋଇପାରୁନାହିଁ। ଲୋକେ ଜାମକୁଣ୍ଡା ପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମାହାନାଙ୍କୁ ଅଭିଯୋଗ କରିବା ପରେ ତାଙ୍କର ଆଉ ଛଅ ମାସ କାର୍ଯ୍ୟକାଳ ରହିଛି ମୁଁ କିଛି ବୁଝି ପାରିବି ନାହିଁ ବୋଲି ଅଭିଯୋଗ କରିଛନ୍ତି ସୁରେନ୍ଦ୍ର କର, ଅସିତ ସାମଲ, ମନ୍ମଥ ସାହୁ, ଗୋପାଳ ଜେନା, ମନ୍ମଥ ଘଡି, ରଜନୀକାନ୍ତ ସାହୁ, ଜଗନ୍ନାଥ ଘଡାଇ ପ୍ରମୁଖ। ଏ ନେଇ ବାଲିଆପାଳ ଆରଡବ୍ଲୁଏସଏସ ର ଅଧିକାରୀ ପଙ୍କଜ କୁମାର ତ୍ରିପାଠୀ କହିଛନ୍ତି ଆମକୁ କୋଣସି ଅଭିଯୋଗ ଆସିନାହିଁ। ସରପଞ୍ଚ ଶ୍ରୀମତୀ ମାହାନା କହିଛନ୍ତି ଯେହେତୁ ଏହା ପଞ୍ଚାୟତର କାର୍ଯ୍ୟ ନୁହଁ ତଥାପି ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି।

## ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

ଖଇରା,୨୧।୩ (ସମିସ): ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ଦିନ କଣ୍ଢେଇ ଦିବସ ପାଳିତ ହୋଇ ଯାଇଛି। ସକାଳେ ମା'ବାପା ମାନେ କଣ୍ଢେଇ ସହ ଶିଶୁ ବାଟିକାରେ ପଢୁଥିବା ନିଜ ପିଲାମାନଙ୍କୁ ଧରି ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ପ୍ରଧାନାଚାର୍ଯ୍ୟ ଜୟନ୍ତ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ପ୍ରମୁଖ ପ୍ରତିଭା ଗିରି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏଭଳି ଦିବସ ପାଳନ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢିଉଠିବ ବୋଲି ପ୍ରକାଶ କରିଥିଲେ।

### ସ୍ୱପ୍ନ ପାଲଟିଛି ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା

# ଖତ ଖାଉଛି ଆକାଶଚୁମ୍ବି ପାଣି ଟାଙ୍କି

ବାରିକପୁର,୨୧।୩(ସମିସ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଡହଡହ ଖରା ବୃଦ୍ଧି ପାଉଥିବାବେଳେ ସବୁଆଡ଼େ ଏବେ ପାନୀୟ ଜଳ ସଙ୍କଟ ଦେଖାଯାଉଛି। ଏତିକି ବେଳେ କେବଳ ନଳକୂଅକୁ ଛାଡ଼ିଦେଲେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ଏବେ ଖତ ଖାଉଛି। କହିବାକୁ ଗଲେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦିଗହରା ହୋଇଥିବାବେଳେ ଏଥିପାଇଁ କେବଳ ଯାହା କୋଟି କୋଟି ଟଙ୍କା ଖର୍ଚ୍ଚ ସାର ହେଉଛି। ଆକାଶଛୁଆଁ ପାଣି ଟାଙ୍କିରେ ଶୋଷ ମେଣ୍ଟୁ ନାହିଁ। ଗ୍ରୀଷ୍ମଜନିତ ଜଳସଙ୍କଟ ଏଡ଼ାଇବାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ପ୍ରତ୍ୟେକ ବର୍ଷ କିନ୍ତୁ ଏଠାରେ ପାଇପ୍ ଲାଇନରେ ପାଣି ଯୋଗାଣ ପାଇଁ ସମସ୍ୟା ଲାଗି ରହିଛି। କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ଜଳ ଯୋଗାଣ ପ୍ରକଳ୍ପମାନ ନିର୍ମାଣ ହୋଇଥିଲେ ସୁଦ୍ଧା ସେଗୁଡ଼ିକ କାର୍ଯ୍ୟକାରୀ ନ ହେବା ପରିତାପର ବିଷୟ ପାଲଟିଛି।

ସୂଚନା ମୁତାବକ, ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବ୍ଲକ୍ର ଆଖୁଆପଦା ବୈତରଣୀ ଆନିକଟଠାରେ ପ୍ରାୟ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ବୃହତ୍ ପ୍ରକଳ୍ପଟି ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ। କେବଳ ସରକାରୀ ଖାତା କଲମରେ ପ୍ରକଳ୍ପ ଚାଲୁଥିବା ଦର୍ଶାଯାଇ କୋଟି କୋଟି ଟଙ୍କା ରାଜସ୍ୱ ଏଥିରେ ବ୍ୟୟ ହେଉଛି। ଏହାଛଡ଼ା ପ୍ରତ୍ୟେକ ପଞ୍ଚାୟତରେ ୩୦ରୁ ୫୦ ଲକ୍ଷ ଯାଏଁ ବ୍ୟୟବରାଦ ହୋଇ ନିର୍ମାଣ ହୋଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ବର୍ଷ ବର୍ଷ ଧରି ଅଚଳାବସ୍ଥାରେ ପଡ଼ିରହିଛି। ଖୋଳାଯାଇଥିବା ବୋର୍ୱେଲ୍ରୁ କେବେ ବି ସେଥିରେ ପାଣି ସଂରକ୍ଷିତ କରାଯାଉ ନାହିଁ କି ଟ୍ୟାପ୍ ଯୋଗେ ଜଳ ଯୋଗାଣ ହେଉନାହିଁ। ନିର୍ମାଣ ହୋଇଥିବା ଟ୍ୟାପ୍ କେଉଁଠି ମାଟିରେ ମିଶିଗଲାଣି ତ ପୁଣି କେଉଁଠି ପଡ଼ିଥିବା ନିମ୍ନମାନର ପାଇପ୍ ଫାଟି ଜଳ ଯୋଗାଣ ବ୍ୟବସ୍ଥା କେବେଠାରୁ ନଷ୍ଟ ହୋଇଗଲାଣି। ଖରାଦିନ ଆସିଲେ ରକ୍ଷଣାବେକ୍ଷଣ ନାଁରେ ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କେବଳ ଠିକାଦାର ପୋଷଣ କରୁଥିବାବେଳେ ଲୋକମାନେ କିନ୍ତୁ ବର୍ଷ ବର୍ଷ ଧରି ପାଇପ୍ କିମ୍ବା ଟ୍ୟାପ୍ ଯୋଗେ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। ପୂର୍ବ ଭଳି ଲୋକମାନେ ଯେଉଁଭଳି ଭାବେ ନଳକୂଅ ଉପରେ ଭରସା କରୁଥିଲେ ଆଜି ବି ସମାନ ଚିତ୍ର ବିଭିନ୍ନ ଗାଁ ଗହଳିରେ ଦେଖିବାକୁ ମିଳିଛି। ୨୩ଟି ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ଯୋଗାଣର ଏଭଳି କରୁଣ ଚିତ୍ର ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳୁଥିବାବେଳେ ବ୍ୟବସ୍ଥାଗତ ପ୍ରଶାସନିକ ତ୍ରୁଟି ଯୋଗୁଁ ଜନସାଧାରଣ ସରକାରୀ ଯୋଜନାରୁ କାଣିଚାଏ ଲାଭବାନ ପାଉନାହାନ୍ତି। ବିଭାଗୀୟ ଯନ୍ତ୍ରୀମାନଙ୍କୁ ପଚାରିଲେ, ଯଥାଶୀଘ୍ର ସବୁ ଠିକ୍ଠାକ୍ ହୋଇଯିବ କହି ବାରମ୍ବାର ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ଏପଟେ ପଞ୍ଚାୟତ ସମିତି ବୈଠକଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ବୈଠକ ଯାଏଁ ସବୁଠି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ଅଭିଯୋଗ ହେଉଛି। ଦୁଃଖର ବିଷୟ ଏଯାଏଁ ସମସ୍ୟାର ସମାଧାନ ହେଉ ନ ଥିବା ଅମଲାତନ୍ତ୍ରର ଅପାରଗତାକୁ ପଦାରେ ପକାଇଛି।



# ଧାନ ପରେ ତୈଳବୀଜ ଓ ଡାଲିଜାତୀୟ ଶସ୍ୟର ଅଭାବୀ ବିକ୍ରି

ଜଳେଶ୍ୱର, ୨୧।୩ (ସମିସ)



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଜଳେଶ୍ୱର ବ୍ଲକରେ ବ୍ୟାପକ ତୈଳବୀଜ ଓ ଡାଲି ଜାତୀୟ ଶସ୍ୟ ଚାଷ ହୋଇଥିଲାବେଳେ ଧାନ ପରି ବ୍ୟାପକ ଅଭାବୀ ବିକ୍ରି ପରିଲକ୍ଷିତ ହେଉଛି। ତେଣୁ ଧାନ ପରି ଏ ସବୁ ଶସ୍ୟର କ୍ରୟ ଲାଗି ସରକାରୀ ବ୍ୟବସ୍ଥା ହେବାକୁ ବହୁ ଚାଷୀ ଦାବି କରିଛନ୍ତି। ବାଲେଶ୍ୱର ଜିଲାର ଜଳେଶ୍ୱର କୃଷି ଜିଲାରେ ସର୍ବାଧିକ ଧାନ, ତୈଳବୀଜ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ହୋଇଥାଏ। ଏକ ସର୍ବେକ୍ଷଣ ଅନୁଯାୟୀ ଜଳେଶ୍ୱର ବ୍ଲକରେ ୧୮ଶହ ହେକ୍ଟର ଜମିରେ ମୁଗ, ୮ଶହ ହେକ୍ଟର ଜମିରେ ବିରି ଭଳି ଡାଲି ଜାତୀୟ ଶଷ୍ୟ ଚାଷ ହୋଇଥିବାର କୃଷି ବିଭାଗ ପକ୍ଷରୁ ପ୍ରକାଶ। ଏଥିରୁ ୧୩ଶହ ହେକ୍ଟର ଜମିରେ ମୁଗ ଓ ୪ଶହ ହେକ୍ଟର ଜମିରେ ବିରି ଲାଗି ସରକାର ବିହନ ଯୋଗାଇଛନ୍ତି। ସେହିପରି ସମଗ୍ର ଜିଲାରେ ଜଳେଶ୍ୱରରେ ସର୍ବାଧିକ ୩ହଜାର ୨ଶହ ହେକ୍ଟର ଜମିରେ ଚିନାବାଦାମ ଓ ପ୍ରାୟ ୧ହଜାର ହେକ୍ଟର ଜମିରେ ସୋରିଷ ଚାଷ

**ଜଳେଶ୍ୱର ବ୍ଲକରେ ୪ହଜାର ହେକ୍ଟର ତୈଳବୀଜ ଓ ୨୬ଶହ ହେକ୍ଟର ଜମିରେ ଡାଲି ଜାତୀୟ ଚାଷ**

ହୋଇଥିବାରୁ ବିଭାଗ ସୂତ୍ରରୁ ପ୍ରକାଶ। ସେଥିରୁ ମଧ୍ୟ ୩୦୦ ହେକ୍ଟର ଜମିରେ ଚିନାବାଦାମ ଓ ୫ଶହ ହେକ୍ଟର ଜମିରେ ସୋରିଷ ହେବାଲାଗି ବିହନ ଯୋଗାଯାଇଥିବା କୁହାଯାଇଛି। ଏବେ ବିରି ଓ ଶୋରିଷ ଉତ୍ପାଦନ ଶେଷ ହୋଇଥିବା ବେଳେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଚିନାବାଦାମ ଓ ମୁଗ ଉତ୍ପାଦନ ଆରମ୍ଭ ହୋଇନଥିଲେ ମଧ୍ୟ ଜଳେଶ୍ୱର ଚାଷୀଙ୍କୁ ପଶ୍ଚିମବଂଗ ବ୍ୟବସାୟୀ ସାହା ଭରସା। ଉତ୍ପାଦନ ପରେ ତାହା ମଧ୍ୟ ଅଭାବୀ ବିକ୍ରିରେ ଚାଷୀ ବିକ୍ରି କରିବାକୁ ବାଧ୍ୟ ହୁଏ ବୋଲି ଜଳେଶ୍ୱର ବ୍ଲକର ବହୁ ଚାଷୀ କହିଛନ୍ତି। ଜଳେଶ୍ୱର ବ୍ଲକର ପଶ୍ଚିମବାର୍ଡ, ପାଇକସିଦା, ବାଇଗଣବାଡିଆ, ଝାଡପିମ୍ପଳ, ରାୟାଁରାମଚନ୍ଦ୍ରପୁର, ରାଜପୁର, ବର୍ତ୍ତନା, ଶିଖରପୁର, ଶ୍ରୀରାମପୁର, ମାକିଡିଆ, ଓଲମରା, ଦକ୍ଷିଣପ୍ରହରାଜପୁର ପଞ୍ଚାୟତରେ ଉପରୋକ୍ତ ଡାଲି ଓ ତୈଳବୀଜ ଚାଷୀ ବ୍ୟାପକ ପରିମାଣରେ ହୋଇ ଆସୁଥିଲେ ମଧ୍ୟ ବିକ୍ରିର ବ୍ୟବସ୍ଥା ନାହିଁ। ଫଳରେ କମ୍ ଦରରେ ବିକ୍ରି କରିବାକୁ ଚାଷୀ ବାଧ୍ୟ ହେଉଛି। ତେଣୁ ଧାନଚାଷ ପରି ଉପରୋକ୍ତ ଉତ୍ପାଦିତ ଶସ୍ୟକୁ ସରକାର ଘୋଷିତ ମୂଲ୍ୟରେ କ୍ରୟ ହେବାକୁ ଦାବି ହେଉଛି।

## ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ସଚେତନତା କର୍ମଶାଳା



**ବାଲେଶ୍ୱର,୨୧।୩ (ସମିସ):** ଚାନ୍ଦିପୁରସ୍ଥିତ ଇଣ୍ଟରନ୍ୟାସନାଲ ଟୁରିଜିମ ରିସର୍ଟସ ସଭା ଗୃହରେ ଚାନ୍ଦିପୁର ବନ୍ୟାଞ୍ଚଳ ଉପଖଣ୍ଡ ପକ୍ଷରୁ ଜିଲ୍ଲା ବନଖଣ୍ଡ ଅଧିକରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସାମୁଦ୍ରିକ ଜୀବ ସୁରକ୍ଷା ଉପରେ ଏକ ଦୁଇଦିନିଆ ପ୍ରଶିକ୍ଷିଣ ଶିବିର ଅନୁଷ୍ଠିତ ହୋଇଛି। ଏକ ସ୍ୱତନ୍ତ୍ର କ୍ଷମତା ବୃଦ୍ଧି କର୍ମଶାଳା ଓ ସଚେତନତା ସଭା ସହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ସମୁଦ୍ର ତଟରେ ଦେଖାଯାଉଥିବା ବିରଳ ହିଂସ୍ର କ୍ରାବ୍ ବା ଚୁଆଳ ପ୍ରଜାତିର କଙ୍କଡ଼ା, ଡଲଫିନ୍ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବଙ୍କ ସଂରକ୍ଷଣ ପାଇଁ ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀଙ୍କ ସମେତ ବିଭିନ୍ନ ବୈଷୟିକ ଅଧିବେଶନରେ ସିଟାସିଆନ୍ ଏକ୍ସପର୍ଟ ଡ. ଶିବ ପ୍ରସାଦ ପରିଡ଼ା, ଡକ୍ଟର ସିଦ୍ଧାର୍ଥ ପତି ଏବଂ ଏଫଏମ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନୀଳାଦ୍ରି ଭୂଷଣ କର ପ୍ରମୁଖ ସାମୁଦ୍ରିକ ପ୍ରାଣୀଙ୍କ ଜୀବନଶୈଳୀ ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ।

## ପଶ୍ଚିମବଙ୍ଗ ନିର୍ବାଚନ; ଓଡ଼ିଶା ସୀମାରେ ଲାଗିଲା ନାକା ପଏଣ୍ଟ



**ଜଳେଶ୍ୱର, ୨୧।୩ (ସମିସ):** ପଶ୍ଚିମବଙ୍ଗ ରାଜ୍ୟର ନିର୍ବାଚନକୁ ନେଇ ଓଡିଶା ରାଜ୍ୟ ପୁଲିସ ପ୍ରଶାସନ ପକ୍ଷରୁ ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ଗେଟ ନିକଟରେ ନାକା ପଏଣ୍ଟ ଲଗାଗଲା। ଓଡିଶାରୁ ପଶ୍ଚିମବଙ୍ଗକୁ ଯାଉଥିବା ବିଭିନ୍ନ ୪ଚକିଆ ଗାଡି ଗୁଡିକୁ ଯାଞ୍ଚ କରାଯିବ ସହିତ ସନ୍ଦେହଜନକ ଗାଡି ଗୁଡିକର ତଲାସି ଆରମ୍ଭ ହୋଇଥିବାର ଦେଖିବାକୁ ମିଳିଛି। ଏହି ନାକା ପଏଣ୍ଟରେ ଜଣେ ସବ ଇନ୍ସପେକ୍ଟର ସହିତ ୨ଜଣ ଓଏସ୍ଏଏଫ୍ କର୍ମଚାରୀ ଓ ଜଣେ ମହିଳା ପୁଲିସ କର୍ମଚାରୀ ନିୟୋଜିତ ହୋଇଥିବା ଜଣାଯାଇଛି। ଫଳରେ ଜାତୀୟ ରାଜପଥ ଉପରେ ଯାଉଥିବା ବିଭିନ୍ନ ଚୋରା ଓ ବେଆଇନ ଜିନିଷ ପତ୍ର ବୋଝେଇ ଯାନ ଗୁଡିକ ଉପରେ ଅଙ୍କୁଶ ଲଗାଯାଇ ପାରିବ ବୋଲି ସୂଚନା ମିଳିଛି।

## ବାଗୁଡ଼ି ଡାକ୍ତରଖାନା
## ରୋଗୀ ସଂଖ୍ୟା ବଢ଼ୁଛି, ଚିକିତ୍ସା ସେବା କମୁଛି

**ସୋର, ୨୧।୩ (ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ିଠାରେ ୧୯୭୦ ମସିହାରୁ ପ୍ରତିଷ୍ଠିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ରୋଗୀମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଉଥିବା ବେଳେ ଚିକିତ୍ସା ସେବା ସୁବିଧା ନ ଥିବାରୁ ରୋଗୀମାନେ ନିରାଶ ହୋଇ ଅନ୍ୟ ଦୂରଦୂରାନ୍ତକୁ ଯିବା ପାଇଁ ବାଧ୍ୟହେଉଛନ୍ତି। ପାହାଡ଼ିଆ ଏବଂ ଖଣି ଖାଦାନ ଅଞ୍ଚଳ ତଥା ଆଖପାଖର ବସବାସ କରୁଥିବା ହଜାର ହଜାର ଗରିବ ଖଟିଖିଆ ଲୋକେଏହି ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଏଠାରେ ଦୈନିକ ୧୨୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ସ୍ଥଳେ ଏଠାରେ ଜଣେ ଡାକ୍ତର ଏବଂ ଅଳ୍ପ ସଂଖ୍ୟକ କର୍ମଚାରୀ ଥିବା ଯୋଗୁଁ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଠାକାର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ,



୪ର୍ଥ ଶ୍ରେଣୀ କର୍ମଚାରୀ ଓ ଅନ୍ୟ କେତେକ ପଦବୀ ଖାଲି ପଡ଼ିଛି। କର୍ମଚାରୀମାନଙ୍କ ପାଇଁ ରହିବାକୁ କ୍ୱାଟର ନାହିଁ। ଏହାର ଗେଟ୍ ନାହିଁ, ଉପଯୁକ୍ତ ଉଚ୍ଚତା ବିଶିଷ୍ଟ ପାଚେରି ନାହିଁ। ହସପିଟାଲ ଚାରିପଟ ଖାଲଡିପ ଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ନ ପାରି ଜମି ରହୁଥିବାରୁ ରୋଗୀମାନଙ୍କର ଯିବା ଆସିବାରେ ଅସୁବିଧା ତଥା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଆଗାମୀ ବର୍ଷାଦିନରେ ଏହି ପରିସ୍ଥିତି ଆହୁରି ଅସମ୍ଭାଳ ହେବାକୁ ଯାଉଛି। ରୋଗୀମାନଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସେହି ଅନୁସାରେ କର୍ମଚାରୀ ଓ ଡାକ୍ତର ସଂଖ୍ୟା ବୃଦ୍ଧିର ଆବଶ୍ୟକତା ଜରୁରୀ ହୋଇପଡୁଛି। ଆଗାମୀ ଦିନରେ ଏଠାରେ "ପ୍ରସବ ସେବା' ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଶିକ୍ଷକ ସୁରେନ୍ଦ୍ର ନାଥ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଔପଦା, ୨୧।୩ (ସମିସ):** ଔପଦା ବ୍ଲକ ତଳକିଆ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ମାଗୁଣୀ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଶ୍ରୀ ବେହେରାଙ୍କ ଦୀର୍ଘ ବର୍ଷର ନିଷ୍ଠାପର ଶିକ୍ଷାଦାନ ଓ ସ୍କୁଲର ଉନ୍ନତି ପାଇଁ ତାଙ୍କର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରତ୍ନାକର ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ରାଉତ, ସମ୍ମାନିତ ଅତିଥିଭାବେ ତଳକିଆ ସରପଞ୍ଚ ଦୀପ୍ତିରାଣୀ ନାୟକ, ସମିତି ସଭ୍ୟା ଉଷା ରାଣୀ ନାଏକ, ଏବିଓ ସୀତା ହାସଦା, ତଳକିଆ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଉମାଶଙ୍କର ନାୟକ ଏବଂ ରାଏରାମଚନ୍ଦ୍ରପୁର ନୋଡାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ରାଣୀ ସେଠୀ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ନିଜ ଅନୁଭୂତି ବର୍ଣ୍ଣନା କରିବା ବେଳେ ବେଶ୍ ଭାବପ୍ରବଣ ହୋଇପଡ଼ିଥିଲେ। ଶିକ୍ଷୟିତ୍ରୀ ଶୈଳବାଳା ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବତ ବାଲି ଓ ପଥର ନିଲାମ କଲା ପ୍ରଶାସନ

**ସୋର,୨୧।୩(ସମିସ):** ସୋର ଥାନା ପରିସରରେ ଥିବା ଜବତ ପଥର ଏବଂ ବାଲିକୁ ପ୍ରଶାସନ ତରଫରୁ ନିଲାମ କରାଯାଇଛି। ବିଭିନ୍ନ ସମୟରେ ଖଣି ବିଭାଗ, ତହସିଲ ଓ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ଭାବେ ଚାଲାଣ କରାଯାଉଥିବା ପଥର ଓ ବାଲିକୁ ସୋର ଥାନା ପରିସରରେ ରଖାଯାଇଥିଲା। ଥାନାରେ ବିଶେଷ ଜାଗା ନ ଥିବାରୁ ଖଣି ବିଭାଗ ପକ୍ଷରୁ ଜବତ ପଥର ଓ ବାଲିକୁ ନିଲାମ ଡକାଯାଇଥିଲା। ଏହି ସମୟରେ ୭୨ କ୍ୟୁବିକ ମିଟର ବାଲିକୁ ୩୫ହଜାର ଓ ୭୨ କ୍ୟୁବିକ ମିଟର ପଥରକୁ ୯୧ ହଜାର ଟଙ୍କାରେ ନିଲାମ କରା ଯାଇଥିଲା। ଏହି ସମୟରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି ଓ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଉପସ୍ଥିତ ଥିଲେ। ଅଚାନକ ଭାବେ ଅଧିକ ଟଙ୍କାର ଜବତ ବାଲି ଓ ପଥରକୁ ଶସ୍ତାରେ ନିଲାମ ଦିଆଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବେକରେ କଟୁରୀ ଲଗାଇ ଲୁଟିନେଲେ ମୋବାଇଲ୍ ଓ ଟଙ୍କା

**ନୀଳଗିରି, ୨୧।୩ (ସମିସ):** ନୀଳଗିରି ଥାନା ଅନ୍ତର୍ଗତ ଅଯୋଧ୍ୟା ଜାମବଣି ରାସ୍ତାରେ ଜୈନିକ ଯୁବକଙ୍କ ବେକରେ ତେଲେଙ୍ଗା କଟୁରୀ ଲଗାଇ ଦୁଇ ଜଣ ଅଜଣା ଯୁବକ ଏକ ମୋବାଇଲ୍ ସହ ପର୍ସରେ ଥିବା ପାଞ୍ଚ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ମହିଷାପଟା ଗ୍ରାମର ବୈଦ୍ୟନାଥ ସିଂଙ୍କ ପୁଅ ତପନ କୁମାର ସିଂ (୨୬) ଗତ ୨୦ତାରିଖ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଅଯୋଧ୍ୟା ପଟୁ ଏକ ବାଇକରେ ଦୁଇ ଜଣ ଅଚିହ୍ନା ଯୁବକ ତାଙ୍କୁ ଅଯୋଧ୍ୟା ଜାମବଣି ରାସ୍ତାର ନିଛାଟିଆ ଜାଗାରେ ଅଟକାଇ ବେକରେ ତେଲେଙ୍ଗା କଟୁରୀ ଲଗାଇ ତାଙ୍କର ମୋବାଇଲ୍ ଓ ମନି ପର୍ସରେ ଥିବା ପାଞ୍ଚ ହଜାର ଟଙ୍କା ଲୁଟ୍ କରି ମିତ୍ରପୁର ଆଡ଼କୁ ପଳାଇ ଯାଇଥିଲେ। ଏ ନେଇ ତପନ ସିଂ ଶନିବାର ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ହାଇ ଇଲ୍ଡିଂ ଧାନଚାଷରେ ମାଈ ଅଣ୍ଡିରା ଚାଷ ଅଧିକ ଲାଭଦାୟକ



**କାଳିପଦା, ୨୧।୩ (ସମିସ):** ରବି ଋତୁରେ ଅଧିକ ଅମଳକ୍ଷମ ହାଇ ଇଲ୍ଡିଂ ଧାନ ଚାଷରେ ମାଈ ଅଣ୍ଡିରା ଚାଷ ଅଧିକ ଲାଭଦାୟକ ବୋଲି ଏବେ ସର୍ବେକ୍ଷଣରୁ ଜଣା ପଡିଛି। ସାଧାରଣ ହାଇ ଇଲ୍ଡିଂ ଧାନ ଚାଷ ଅପେକ୍ଷା ଏଥିରୁ ୮ରୁ ୧୦ଗୁଣ ଫାଇଦା ମିଳୁଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସାଧାରଣ ହାଇ ଇଲ୍ଡିଂ ଧାନ ମୂଲ୍ୟ କୁଇଣ୍ଟାଲ ପ୍ରତି ତିନି ହଜାରରୁ ସାମାନ୍ୟ ଅଧିକ ହୋଇଥିବା ବେଳେ ହାଇ ଇଲ୍ଡିଂ ମାଈ ଧାନର ପାଖାପାଖି ୧୦ ହଜାର ଟଙ୍କା ରହିଛି। ଚଳିତ ବର୍ଷ ବାଲିଆପାଳ ଅଞ୍ଚଳରେ ମାଈ ଅଣ୍ଡିରା ଧାନ ଚାଷ ପ୍ରଚୁର ପରିମାଣରେ ହୋଇଛି। ଅଣ୍ଡିରା ଧାନ ଗଛ ମାଈ ଧାନ ଗଛ ଠାରୁ ସାମାନ୍ୟ ବଡ଼। ସମାନ ରାସାୟନିକ ସାର ଔଷଧ କୀଟନାଶକ ଏଥିରେ ପ୍ରୟୋଗ କରାଯାଉଥିଲା ବେଳେ ସାମାନ୍ୟ ଅଧିକ ପରିଶ୍ରମ ଏଥିପାଇଁ ଆବଶ୍ୟକ ପଡିଥାଏ। ଧାନ ଗଛରେ କେଣ୍ଡା ବାହାରିଲା ବେଳେ ରଶି ସାହାଯ୍ୟରେ ମାଈ ଅଣ୍ଡିରା ଫୁଲକୁ ସଙ୍ଗମ କରିବାକୁ ପଡେ। ଅମଳ ବେଳକୁ ମାଈ ଅଣ୍ଡିରା ଧାନ ଗଛକୁ ପୃଥକ ପୃଥକ ଭାବେ କଟାଯାଇ ଅମଳ କରାଯାଏ। ପୂର୍ବରୁ ମାଈ ଅଣ୍ଡିରା ଧାନ ଚାଷ ସ୍ୱଳ୍ପ ହେଉଥିବା ବେଳେ ଏବେ ପ୍ରଚୁର ପରିମାଣରେ କରାଯାଇଛି। ବାଲିଆପାଳ ବ୍ଲକର ଷୋଳସା, ବଡାଶ, ଚନ୍ଦମଣୀ, ଚୌମୁଖ, ମଧୁପୁରା, କାଳନ୍ଦା ଆଦି ପାଣ୍ଠ ଜମିରେ ହାଇ ଇଲ୍ଡିଂ ମାଈ ଅଣ୍ଡିରା ଧାନ ଚାଷ ହୋଇଛି। ଆଉ କେଇ ଦିନ ପରେ ଏହି ଧାନ ସବୁ ଅମଳ ହେବ। ସେଥିପାଇଁ ଚାଷୀ ମହଲରେ ଏବେ ଖୁବ ତତ୍ପରତା ପ୍ରକାଶ ପାଇଛି ବୋଲି ଅଗ୍ରଣୀ ଚାଷୀ ଅନନ୍ତ କୁମାର ରାଉତ, ଶରତ ଚନ୍ଦ୍ର ପ୍ରଧାନ, ମନ୍ମଥ କୁମାର ପାତ୍ର, ଅନନ୍ତ କୁମାର ଜେନା, କାଳିଚରଣ ପ୍ରଧାନ, ମଙ୍ଗଳି ଚରଣ ଦେ, ପର୍ଶୁରାମ ବାରିକ ପ୍ରମୁଖ କହିଛନ୍ତି।

## ମା' ମଙ୍ଗଳାଙ୍କ ନୂତନ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ଜଳେଶ୍ୱର,୨୧।୩ (ସମିସ) :** ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଚକବାବନ ଗ୍ରାମରେ ଆଜକୁ ପ୍ରାୟ ୨ଶହ ବର୍ଷ ପୂର୍ବେ ଏକ ବୃକ୍ଷ ମୂଳରେ ମା' ମଙ୍ଗଳାଙ୍କ ଆବିର୍ଭାବ ହୋଇଥିଲା। ସେହି ଦିନଠାରୁ ଏକ ବୃକ୍ଷ ମୂଳରେ ମା' ମଙ୍ଗଳା ପୂଜା ପାଇ ଆସୁଥିଲେ। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ତପନି ଭୂୟାଁ ଏବଂ ପଞ୍ଚାୟତ ସମିତି ସଦସ୍ୟା ମଧୁମିତା ମାହାନ୍ତିଙ୍କୁ ଏକ ସ୍ଥାୟୀ ମନ୍ଦିର ପାଇଁ ଅର୍ଥ ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧକୁ ରକ୍ଷା କରି ସରପଞ୍ଚ ଓ ସଦସ୍ୟା ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରୁ ମା ମଙ୍ଗଳାଙ୍କ ଭୋଗ ମଣ୍ଡପ ପାଇଁ ଅର୍ଥ ପ୍ରଦାନ ପ୍ରଦାନ କରିବା ସହିତ ଆଉ କିଛି ଅର୍ଥ ଗ୍ରାମ ବାସୀଙ୍କ ସାହାଯ୍ୟରେ ଏକ ନୂତନ ଭାବେ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ନିର୍ମାଣ କରାଯାଇଛି। ସେହି ପରିପ୍ରେକ୍ଷୀରେ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ଓ ମା'ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ



ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ପୂଜକ ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ଜଗନ୍ନାଥ ଦାଶ, ବୀଦୁତ୍ତେନ୍ଦୁ କର, ମୁନା କର, ପିକୁନ କର, ପ୍ରାଣକୃଷ୍ଣ ପତି, କାହ୍ନା କର ପ୍ରମୁଖ ବ୍ରାହ୍ମଣ ମାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଗ୍ରାମ ମୁଖ୍ୟ ଜୟନ୍ତ ଗିରୀ, କୋଷାଧକ୍ଷ ଗଙ୍ଗାଧର ସାହୁ, ସଦସ୍ୟ ପ୍ରଫୁଲ୍ଲ ଦାସ, କରୁଣା କର ସେଣ, ଗୋବିନ୍ଦ ରାଉତ, ସହଯୋଗ କରିଥିଲେ।

## ଇଦ-ଉଲ ଫିତର ପାଳିତ
# ପରସ୍ପରକୁ ଜଣାଇଲେ ଇଦ୍ ମୁବାରକ୍

ବାଲେଶ୍ୱର,୨୧।୩ (ସମିସ)



ପବିତ୍ର ରମଜାନ ମାସ ଶେଷ ହେବା ପରେ ଇସଲାମ ଧର୍ମାବଲମ୍ବୀମାନେ ପାଳନ କରିଛନ୍ତି ଖୁସି ଓ ଭାଇଚାରାର ଉତ୍ସବ ଇଦ-ଉଲ ଫିତର। ଏ ନେଇ ଚଳଚଂଚଳ ହୋଇ ଉଠିଥିଲା ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ମସଜିଦ୍। ସହରର ଦରଘା ମୈଦାନ, ଖ୍ୱାଜାବାଗ, ବାଲୁବଜାର, ପଠାନ୍ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଂଟାବଣିଆ, ସୋମନାଥପୁର, ଚଷାଖଣ୍ଡ, ଖଡିପାହି, ଝାମ୍ପୁରା ହାଟ ଅଂଚଳର ବିଭିନ୍ନ ମସଜିଦ୍‌ମାନଙ୍କରେ ମୁସଲମାନ ଧର୍ମାବଲମ୍ବୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ନୂଆ ଲୁଗା ପିନ୍ଧି ମୁସଲମାନ ଭାଇମାନେ ବିଭିନ୍ନ ମସଜିଦରେ ସାମୂହିକ ନମାଜପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଦରଘା ମୈଦାନରେ ଅନୁଷ୍ଠିତ ସାମୁହିକ ନମାଜ ପାଠକୁ ସେଖ୍ ଆସିକୁର ରହେମାନ୍ କାଦ୍ରି ପରିଚାଳନା କରିଥିଲେ। ଇଦ ଉତ୍ସବ ପାଳନ ପାଇଁ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**କାଳିପଦା:** ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ସଂଖ୍ୟା ଲଘୁ ସମ୍ପ୍ରଦାୟ ପକ୍ଷରୁ ଶନିବାର ଇଦ ପାଳିତ ହୋଇ ଯାଇଛି। ବାଲିଆପାଳ, ଖଗଡାପାଳ, କଚୁଆପଡା, ଗଞ୍ଜା, ବିଶ୍ୱନାଥ ପୁର, ରତାଇ, ମେଣ୍ଢାପଡା, କୁହ୍ଲା ଚଡ଼ ଆଦି ପୀଠ ରଙ୍ଗ ବେରଙ୍ଗ ବୈଦ୍ୟୁତିକ ଆଲୋକ ମାଳାରେ ସଜ୍ଜିତ ହୋଇଛି। ବାଲିଆପାଳ ଜମା ମସଜିଦରୁ ମୁସଲମାନ ଲୋକମାନେ ଏକ ଶୋଭାଯାତ୍ରାରେ ଆସି କଚୁଆପଡା ବଦିରୁଦ୍ଦିନ ପୀର ବାବାଙ୍କ ପୀଠରେ ପବିତ୍ର ଚାଦର ଚଢାଇ ଥିଲେ। ଶୋଭାଯାତ୍ରା ମୌଲାନା ଗୁଲାମ ସର୍ବତ, ଇଲିୟାସ ଶାହାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବାବେଳେ ବିଜେଡି ସଂଖ୍ୟାଲଘୁ ସେଲର ଶାହା ବୁଦ୍ଦିନ ଶାହା, ଫିରୋଜ ଶାହା, ଜୁମା ଶାହା, ଶେଖ ସମିରୁଦ୍ଦିନ, ଶେଖ କରିମ, ଶେଖ ଇବ୍ରାହିମ, ନଜିର ଖାନ, ଏସ କେ ଇନ ତାବ ଅଲ୍ଲୀ, ଶେଖ ଦାଦୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

**ଜଳେଶ୍ୱର:** ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ଜଳେଶ୍ୱରରେ ରାଜପୁର, ଝାଡେଶ୍ୱରପୁର ସ୍ଥିତ ବଡ ମସଜିଦ୍, ରାଜପୁର ମସଜିଦ୍, ଝାଡେଶ୍ୱରପୁର ନୁରୀ ମସଜିଦ୍, ପଥରପୁରାର ହାଜିବାବା ମସଜିଦ୍, ଶାସନବାଡସ୍ଥିତ ଇଦ୍‌ଗା ମସଜିଦ୍ ଓ ଫଂଚୁଘଣ୍ଟା ସ୍ଥିତ ମାଦ୍ରାସାରେ ନମାଜ ପାଠ କରାଯାଇଛି। ସେହିପରି ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପ, ପଶ୍ଚିମବାଡ, କାଦରାୟାଁ, ତେଘରୀ, କଣ୍ଟାବଣୀ, ରାଇବଣିଆ ଥାନା ଅନ୍ତର୍ଗତ ଓଲମରାର ବ୍ରହ୍ମାପୁର ବସ୍ତି ପ୍ରଭୃତି ସ୍ଥାନରେ ଶାନ୍ତିଶୃଙ୍ଖଳାର ସହିତ ନମାଜ ପାଠ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରତ୍ୟେକ ମସଜିଦ୍ ସମ୍ମୁଖରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଜଳେଶ୍ୱରସ୍ଥିତ ରାଜପୁର ଓ ଝାଡେଶ୍ୱରପୁର ବଡ ମସଜିଦ୍‌ରେ ସେକ ଅବଦୁଲ ରହିମ, କୌସର ମହମ୍ମଦ, ମୀର ମନସୁର ଅଲ୍ଲୀ, ଅବଦୁଲ ସତାର, ସେକ କହିନୂର, ଅବଦୁଲ ମସଜିଦ୍, କାଉନସିଲର ସେକ ସୈଫୁଦ୍ଦିନ, ଇସରାଇଲ ଅଲ୍ଲୀ, ସେକ ଇସାକ, ସେକ ସାମସୁଦ୍ଦିନ, ଇନତାଜ ବକ୍ସ, ବିଭିନ୍ନ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଶାସନବାଡରେ ମୀର ଆବାସ ଅଲ୍ଲୀ, ଫରୀଦ ଅହମ୍ମଦ, ଜୈନାଲ ସାହା, ମୀର ରହମାନ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ପୌରାଂଚଳର ଫଂଚୁଘଣ୍ଟା ଗ୍ରାମରେ ଥିବା କରାମତ ଅଲ୍ଲୀ ସାହେବ ପୀର ବାବା, ହାଜି ବାବା, ହାରୁନସାହା ବାବା ଓ ମହମ୍ମଦ ନଗର ପାଟଣା ସ୍ଥିତ କୁତୁବ ସାହା ପୀର ବାବାଙ୍କ ଅସ୍ଥାନରେ ସମୂହ ଚାଦର ଚଢାଇବା ସହିତ ସମୂହ ନମାଜ ପାଠ କରାଯାଇ ସହରରେ ଭାଇଚାରା ଓ ସଦ୍‌ଭାବ ବନାଇ ରଖିବା ସହିତ ସମସ୍ତେ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରାଯାଇଥିଲା।

**ସୋର :** ପ୍ରାୟ ୩ହଜାରରୁ ଊହଜା ମୁସଲମାନ୍ ଭାଇମାନେ ସୋର କୋର୍ଟ ଛକ ସ୍ଥିତ ଇଦଗା ପଡିଆ ନିକଟରେ ପହଞ୍ଚି ସମୂହ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ପରସ୍ପରକୁ ଇଦ ମୁବାରକ୍ ଜଣାଇବା ପରେ କାଜି ମହଲା ଏବଂ ପଠାଣ ମହଲା ମସଜିଦ୍‌ରେ ନମାଜ ପାଠ କରାଯାଇଥିଲା। ସୋର ବିଧାୟକ ମାଧବ ଧଡ଼ାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ସେଠାରେ ଉପସ୍ଥିତ ରହି ସମସ୍ତଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ,ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଓ ଅନନ୍ତପୁର ଥାନାଧିକାରୀ ସରୋଜ ଦାସଙ୍କ ନେତୃତ୍ୱରେ ତିନି ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।





# 'କ୍ରିକେଟରଙ୍କ ଆବଶ୍ୟକତା ପୂରଣ କରିଥାଏ ସିଏସ୍‌କେ'

## ଆଇପିଏଲ୍‌ରେ ଜିତିଛି ୫ ଟାଇଟଲ, ୫ ଥର ରନର୍ସଅପ୍



**ଚେନ୍ନଇ,୨୧।୩(ଏଜେନ୍ସି):** 'ଜଣେ କ୍ରିକେଟରର ଯାହା ଆବଶ୍ୟକତା ତାହା ଚେନ୍ନଇ ସୁପର କିଙ୍ଗ୍ସ (ସିଏସ୍‌କେ) ପୂରଣ କରିଥାଏ' ବୋଲି କହନ୍ତି ଦଳର ଦୁଇ ଖ୍ୟାତନାମା ଖେଳାଳି ଅମ୍ବତି ରାୟୁଡୁ ଓ ମାଥ୍ୟୁ ହେଡେନ କହନ୍ତି। ଖେଳାଳିଙ୍କୁ କିପରି ଗୋଟିଏ ପରିବାର ପରି ରଖିହେବ, କିପରି ସେମାନଙ୍କୁ ଉଚ୍ଚସ୍ତରର ଖେଳ ସମ୍ପର୍କରେ ପ୍ରସ୍ତୁତି କରିହେବ ଓ ସେମାନଙ୍କଠାରୁ କିପରି ଶ୍ରେଷ୍ଠ ଖେଳ ବାହାର କରିହେବ ତାହା ସିଏସ୍‌କେର ଟିମ୍ ମ୍ୟାନେଜମେଣ୍ଟ ଭଲ ଭାବେ ଜାଣିଛନ୍ତି। ଏହି ଦଳର ମାଲିକ ଏନ ଶ୍ରୀନିବାସନଙ୍କ କ୍ରିକେଟ ପରିଚାଳନା କରିବାରେ ଦୀର୍ଘ ୫୦ ବର୍ଷର ଅଭିଜ୍ଞତା ରହିଛି। ଏମାନଙ୍କୁ ମଧ୍ୟ ଟପ୍ ମ୍ୟାନେଜ୍‌ମେଣ୍ଟରେ ୩ଜଣ ଶ୍ରେଷ୍ଠ ବ୍ୟକ୍ତି ମିଳିଛନ୍ତି। ଟିମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର କାଶି ବିଶ୍ୱନାଥ, ହେଡ୍ କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନି। ଶ୍ରୀନିବାସନଙ୍କ ନେତୃତ୍ୱରେ କାଶି ସାର, ଷ୍ଟିଫେନ ଓ ଧୋନି ଏକ ଶୀର୍ଷସ୍ତରର କ୍ରିକେଟ ଟିମ୍ ଗଠନ କରିବାରେ ସମର୍ଥ ହୋଇଛନ୍ତି। ଏମାନଙ୍କ ବୁଝାମଣା ଫଳରେ ସିଏସ୍‌କେ ଆଇପିଏଲ୍‌ରେ ଏକ ଶ୍ରେଷ୍ଠ ଟିମ୍‌ରେ ପରିଣତ ହୋଇଛି। ଆଇପିଏଲ୍‌ରେ ଏଯାଏ ୧୮ଟି ସଂସ୍କରଣ ଆୟୋଜିତ ହୋଇଯାଇଛି। ପଡ଼ିଆ ବାହାରର କାରଣରୁ ସିଏସ୍‌କେ ଦୁଇ ବର୍ଷ ଖେଳରୁ ବାସନ୍ଦ ହୋଇଛି। ଏହି ଦଳ ଖେଳିଥିବା ଅନ୍ୟ ୧୬ଟି ସଂସ୍କରଣ ମଧ୍ୟରୁ ଦଳ ୫ଥର ଚାମ୍ପିଅନ, ୫ଥର ରନର୍ସ ଅପ୍, ଥରେ ସେମିଫାଇନାଲ ଓ ଥରେ ପ୍ଲେ ଅଫ୍‌ରେ ପ୍ରବେଶ କରି ଏକ ଶ୍ରେଷ୍ଠ ଦଳରେ ପରିଣତ ହୋଇଛି ବୋଲି ଉଭୟ ହେଡେନ୍ ଓ ରାୟୁଡୁ କହନ୍ତି। ଫ୍ଲେମିଂ ଏବେ ମଧ୍ୟ ଦଳର ହେଡ୍ କୋଚ୍ ରହିଛନ୍ତି। ଧୋନି ନେତୃତ୍ୱରେ ହଟିଯାଇଥିଲେ ମଧ୍ୟ ଏହି ୧୬ଟି ସଂସ୍କରଣରେ ତାଙ୍କ ତତ୍ତ୍ୱାବଧାନରେ ଦଳ ଖେଳିଛି। ଏମାନଙ୍କ ଉପସ୍ଥିତିରେ ଡ୍ରେସିଂ ରୁମ୍‌ର ସଂସ୍କୃତି ବେଶ ସୁଦୃଢ଼ ରହିଛି। ଶ୍ରୀନିବାସନ ଓ କାଶି ବିଶ୍ୱନାଥ ଅସୁବିଧା ସମୟରେ ମଧ୍ୟ ଦଳ ଓ ଖେଳାଳିଙ୍କ ପଛରେ ଛିଡ଼ା ହୋଇ ରହିଛନ୍ତି। ଯାହା ଫଳରେ ଆଇପିଏଲ୍‌ରେ ସିଏସ୍‌କେ ଏକ ଶ୍ରେଷ୍ଠ ଦଳରେ ପରିଣତ ହୋଇପାରିଛି।

ମାଥ୍ୟୁ ହେଡେନଙ୍କ ମତରେ ଧୋନିଙ୍କର ଏକ ଲିଗାସି ରହିଛି। କିନ୍ତୁ ପଡ଼ିଆକୁ ଆସିବା ପୂର୍ବରୁ ଦଳରେ ଅନେକ କିଛି ଯୋଜନା ହୋଇଥାଏ। ତାମିଲନାଡୁରେ ଶ୍ରୀନିବାସନଙ୍କ କ୍ରିକେଟ ପ୍ରଶାସନରେ ଯେଉଁ ଅଭିଜ୍ଞତା ରହିଛି ତାହାକୁ କାମରେ ଲଗାଇଥାନ୍ତି ଟିମ୍‌ର ଅନ୍ୟ କର୍ମକର୍ତ୍ତାମାନେ। ଯାହା ଫଳରେ ଦଳକୁ ଅଧିକ ସଫଳତା ମିଳିଥାଏ। ରାୟୁଡୁଙ୍କ ମତରେ ସିଏସ୍‌କେରେ କ୍ରିକେଟ ସଂସ୍କୃତି ଏତେ ସୁନ୍ଦର, ତାହା ଏହି ଟିମ୍ ସହ ଜଡିତ ସମସ୍ତେ ଜାଣିଛନ୍ତି। ଜଣେ ଖେଳାଳିଙ୍କ କି ଆବଶ୍ୟକତା ରହିଛି ତାହାକୁ ଏହି ଟିମ୍‌ର କର୍ମକର୍ତ୍ତାମାନେ ଭଲ ଭାବେ ଜାଣିଛନ୍ତି ଓ ତାହାକୁ ପୂରଣ କରିବା ଲାଗି ଚେଷ୍ଟା କରିଥାନ୍ତି। ଅନ୍ୟ ଦଳରେ ମଧ୍ୟ ଏପରି କିଛି ରହିଛି। କିନ୍ତୁ ଏହି ଟିମ୍ ଖେଳାଳିଙ୍କ ଉପରେ ଯେପରି ବିଶ୍ୱାସ ରଖନ୍ତି କିମ୍ବା ସ୍ୱାଧୀନତା ଦେଇଥାନ୍ତି, ତାହା ଅନ୍ୟ ଦଳରେ କ୍ୱଚିତ୍ ଦେଖିବାକୁ ମିଳିଥାଏ। ଏଠାରେ ଖେଳାଳି ସୁରକ୍ଷିତ ଭାବୁଥିବାରୁ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ଉତ୍ସାହିତ ହୋଇଥାନ୍ତି। ଏହି ସଂସ୍କୃତି ସିଏସ୍‌କେକୁ ସର୍ବଦା ଏକ ସୁପର ଟିମ୍‌ରେ ପରିଣତ କରିପାରିଛି।

ଏହି ଦଳର ମାଲିକଙ୍କ ଆଉ ଏକ ବଡ଼ ଗୁଣ ହେଲା, ସେମାନେ ଖେଳାଳିଙ୍କ କାର୍ଯ୍ୟଧାରାରେ ଆଦୌ ହସ୍ତକ୍ଷେପ କରନ୍ତି ନାହିଁ। ଅବଶ୍ୟ ଷ୍ଟିଫେନ୍ ଓ ଧୋନି ଏହାକୁ ପ୍ରତ୍ୟକ୍ଷ ଭାବେ ତତ୍ତ୍ୱାବଧାନ କରୁଥିବାରୁ ମାଲିକଙ୍କ କାମ କିଛିଟା ସହଜ ହୋଇଯାଇଛି। କ୍ରିକେଟ ଖେଳ ପଡ଼ିଆରେ ଯେତିକି ଲଢ଼େଇ ହୋଇଥାଏ, ପଡ଼ିଆ ବାହାରେ ମଧ୍ୟ ସେତିକି। ମ୍ୟାନେଜମେଣ୍ଟର ଯୋଜନାବଦ୍ଧ ଉଦ୍ୟମ ଯୋଗୁ ସିଏସ୍‌କେ ଏକ ବେଷ୍ଟ ୟୁନିଟ୍‌ରେ ପରିଣତ ହୋଇପାରିଛି।

## ଆଇପିଏଲ୍‌ରୁ ଆକାଶଦୀପ ଆଉଟ

**କୋଲକାତା,୨୧।୩(ଏଜେନ୍ସି):** ବେଙ୍ଗଲ ଫାଷ୍ଟ ବୋଲର ଆକାଶଦୀପ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ସେ ପାଇଥିବା ଆଘାତ ଠିକ୍ ନ ହେବାରୁ ତାଙ୍କୁ ଆଇପିଏଲ୍ ଖେଳିବାକୁ ଅଯୋଗ୍ୟ ଘୋଷଣା କରାଯାଇଛି। କେବଳ ସେ ଆଇପିଏଲ୍ ନୁହେଁ, ୩ ମାସ ଲାଗି ମଧ୍ୟ ସେ ଖେଳିପାରିବେ ନାହିଁ ବୋଲି ବିସିସିଆଇ ସେଣ୍ଟର ଫର ଏକ୍ସିଲେନ୍ସିରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି। ଏହା ଫଳରେ ଚଳିତ ସିଜନ୍‌ରେ ଆଇପିଏଲ୍‌କୁ ଶକ୍ତ ଧକ୍କା ଲାଗିଛି। ଚଳିତ ସିଜନ ଆରମ୍ଭରୁ ହର୍ଷିତ ରାଣା ବାଦ୍ ପଡ଼ିଥିଲେ। ଯଦିଓ ଦଳ ପଡ଼ିଆ ବାହାରର କାରଣରୁ ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ବାଦ୍ ଦେଇଥିଲା, ତାଙ୍କ ସ୍ଥାନରେ ଜିମ୍ବାୱେର ବ୍ଲେସିଂ ମୁଜାରବାନିଙ୍କୁ ଦଳରେ ସାମିଲ କରିଛି। ଦଳର ଅନ୍ୟତମ ଫାଷ୍ଟ ବୋଲର ଶ୍ରୀଲଙ୍କାର ମାଥିଶା ପତିରାଣା ଫିଟ୍‌ହେବେ ବୋଲି ଆଶା କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ସେ ଖେଳିପାରିବେ କି ନାହିଁ ତାହା ଜଣାପଡ଼ିନାହିଁ। ଦଳ ନିକଟରେ ଏବେ କାମଚଳା କାମେରନ ଗ୍ରୀନ୍, ଭାରତୀୟ ଫାଷ୍ଟ ବୋଲର ବୈଭବ ଅରୋରା, ଉମ୍ରାନ ମଲିକ ଓ କାର୍ତ୍ତିକ ତ୍ୟାଗୀଙ୍କୁ ନେଇ କେକେଆର୍ ପଡ଼ିଆକୁ ଓହ୍ଲାଇବ। ଦଳ ନିଶ୍ଚିତଭାବେ ଆଉ ଜଣେ କିମ୍ବା ଦୁଇ ଜଣ ଫାଷ୍ଟ ବୋଲରଙ୍କୁ ଦଳରେ ସାମିଲ କରିବ।

## ଫିଟ୍ ନ ହେଲେ ଏନ୍‌ଓସି ମନା

**କଲମ୍ବୋ,୨୧।୩(ଏଜେନ୍ସି):** ଆଇପିଏଲ୍ କିମ୍ବା ବିଦେଶରେ ଯେ କୌଣସି ଫ୍ରାଞ୍ଚାଇଜ୍ ଲିଗ୍ ଲାଗି ଏନ୍‌ଓସି ବା ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ନେବାକୁ ହେଲେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହେବାକୁ ପଡ଼ିବ। ନଚେତ୍ ଖେଳାଳିଙ୍କୁ ଏନ୍‌ଓସି ଦିଆଯିବ ନାହିଁ ବୋଲି ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏବେ ଆଇପିଏଲ୍ ବିଭିନ୍ନ ଟିମ୍‌ରୁ ଖେଳିବାକୁ ଥିବା ୱାନିନ୍ଦୁ ହାସରଙ୍ଗା, ନୁୱାନ ଥୁସାରା, ମାଥୀଶା ପତିରାଣା, ଏହସାନ ମାଲିଙ୍ଗା ଫିଟ୍‌ନେସ ପରୀକ୍ଷାରେ ପାସ୍ କରିନାହାନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଚୁକ୍ତିବଦ୍ଧ ହୋଇଥିବା ଦୁଷ୍ମନ୍ତ ଚାମୀରା ଓ ପାଥୁମ ନିଶାଙ୍କା, ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର କାମିନ୍ଦୁ ମେଣ୍ଡିସ୍ ଫିଟ୍‌ନେସ୍ ଟେଷ୍ଟରେ ପାସ୍ କରିଛନ୍ତି। ସେମାନଙ୍କୁ ଏନ୍‌ଓସି ଦିଆଯାଇଛି। ମାର୍ଚ୍ଚ ୨୮ରୁ ଆଇପିଏଲ୍ ଆରମ୍ଭ ହେବ। ଏହା ପୂର୍ବରୁ ଖେଳାଳିମାନେ ଫିଟ୍‌ନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ସେମାନଙ୍କୁ ଏନ୍‌ଓସି ମିଳିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି।

## ପନ୍ତଙ୍କ ସହ ରାମମନ୍ଦିର ଦର୍ଶନ କଲେ ଗୋଏଙ୍କା

ଆଇପିଏଲ୍‌ର ୧୯ତମ ସିଜନ ଆରମ୍ଭ ହେବାକୁ ଗୋଟିଏ ସପ୍ତାହ ବାକି ରହିଛି। ଏଥିପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଫ୍ରାଞ୍ଚାଇଜର ମାଲିକ ସଞ୍ଜୀବ ଗୋଏଙ୍କା ଦଳର ଅଧିକାଂଶ ଖେଳାଳିଙ୍କ ସହ ଶନିବାର ଅଯୋଧ୍ୟାରେ ରାମମନ୍ଦିର ଦର୍ଶନ କରିଛନ୍ତି। ଅଧିନାୟକ ଋଷଭ ପନ୍ତଙ୍କୁ ସାଙ୍ଗରେ ନେଇ ଗୋଏଙ୍କା ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ଲକ୍ଷ୍ନୌର ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ପରେ ସମସ୍ତ ଖେଳାଳି ମନ୍ଦିର ଚତୁଃପାଶ୍ୱର୍ରେ ବୁଲି ନବନିର୍ମିତ କାରୁକାର୍ଯ୍ୟ ଦେଖିଥିଲେ। 'ଆଇପିଏଲ୍ ସିଜନ ଆରମ୍ଭ ହେବାକୁଯାଉଛି। ଏହା ପୂର୍ବରୁ ଆଶୀର୍ବାଦ ନେବା ଲାଗି ଶ୍ରୀରାମଙ୍କ ଶରଣକୁ ଆସିଛୁ' ବୋଲି ଗୋଏଙ୍କା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଲକ୍ଷ୍ନୌ ଫ୍ରାଞ୍ଚାଇଜ ୨୦୨୨ ସଂସ୍କରଣରୁ ଆଇପିଏଲ୍‌ରେ ଯୋଡ଼ି ହୋଇଛି। ଗତ ୪ଟି ସିଜନ ଖେଳିଥିଲେ ମଧ୍ୟ ଲକ୍ଷ୍ନୌ କେବେ ମଧ୍ୟ ଫାଇନାଲରେ ପହଞ୍ଚି ପାରିନାହିଁ। ୨୦୨୫ରେ ନୂଆ ଅଧିନାୟକ ପନ୍ତଙ୍କ ନେତୃତ୍ୱରେ ଦଳ ପଡ଼ିଆକୁ ଓହ୍ଲାଇଥିଲେ ମଧ୍ୟ ପ୍ଲେ-ଅଫ୍'ରେ ପ୍ରବେଶ କରିବାରେ ସଫଳ ହୋଇପାରି ନ ଥିଲା।

## ରଘୁବଂଶୀଙ୍କ ଶତକ; ରାହାଣେ ଫେଲ୍

ଆଇପିଏଲ୍ ଆରମ୍ଭ ପୂର୍ବରୁ ୩ଥରର ବିଜେତା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଦଳ ଜୋରଦାର୍ ଅଭ୍ୟାସ ଜାରି ରଖିଛି। ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଗତକାଲି କେକେଆର୍ ନିଜ ଦଳର ଖେଳାଳିଙ୍କ ମଧ୍ୟରେ ଏକ ଇଣ୍ଟ୍ରା-ସ୍କ୍ୱାଡ ମ୍ୟାଚ୍ ଆୟୋଜନ କରିଥିଲା। ଏଥିରେ ଯୁବ ବ୍ୟାଟର୍ ଅଙ୍ଗକ୍ରିସ ରଘୁବଂଶୀ ୫୫ ବଲ୍‌ରେ ଦ୍ରୁତ ଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୦ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ରଘୁବଂଶୀ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଏହି ଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ଦଳର ଟିମ୍ ସେଇଫର୍ଟ ଓ ରିଙ୍କୁ ସିଂ ଯଥାକ୍ରମେ ୪୬ ଓ ୪୦ ରନର ଉପଯୋଗୀ ପାଳି ଖେଳିଥିଲେ। ତେବେ କେକେଆର୍ ଅଧିନାୟକ ଅଜିଙ୍କ୍ୟା ରାହାଣେ ଓ ଦ୍ରୁତ ବୋଲର ଉମ୍ରାନ ମଲିକ ଏହି ଅଭ୍ୟାସ ମ୍ୟାଚରେ ନିରାଶ କରିଥିଲେ। ରାହାଣେ ମାତ୍ର ୨ ରନରେ ଆଉଟ ହୋଇଥିଲେ। ସେହିଭଳି ଜମ୍ମୁ-କଶ୍ମୀର ଉମ୍ରାନ ୩.୨ ଓଭର ବୋଲିଂ କରି ୪୭ ରନ ଦେଇ ବେଶ୍ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ୱିକେଟ୍ ଖାତା ମଧ୍ୟ ଖୋଲିପାରି ନ ଥିଲେ। ଏପରିକି ଉମ୍ରାନଙ୍କ ଗୋଟିଏ ଓଭରରୁ ରଘୁବଂଶୀ ୨୩ ରନ ଉଠାଇଥିଲେ।

■ ଓସିଏ କ୍ଲବ ଲିଗ୍

## ସହିଦ ସ୍ପୋର୍ଟିଂକୁ ୧ ୱିକେଟରେ ହରାଇଲା ଏଲଆଇସି

**ଭୁବନେଶ୍ୱର, ୨୧।୩ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ କ୍ରିକେଟର ୫ମ ଦିବସରେ ଶନିବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚରେ ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବ ରୋମାଞ୍ଚକ ଭାବରେ ୧ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଛି। ଓମ୍ ଟି ମୁଣ୍ଡେ (୫୮ ରନ)ଙ୍କ





ଅର୍ଦ୍ଧଶତକ ବଳରେ ସହିଦ ସ୍ପୋର୍ଟିଂ ୫୦ ଓଭରରେ ୮ ୱିକେଟ୍ ହରାଇ ୨୫୧ ରନ କରିଥିଲା। ଏଲଆଇସିର ସମ୍ବିତ ବେଜଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଏଲ୍‌ଆଇସି ୪୯ ଓଭରରେ ୯ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସମ୍ବିତ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ୪ ୱିକେଟରେ ସନ୍‌ରାଇଜ କ୍ଲବକୁ ପରାସ୍ତ କରିଛି। ବାଦଲ ବିଶ୍ୱାଳ (୩ ୱିକେଟ)ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ବାରବାଟୀ ଗ୍ରାଉଣ୍ଡରେ ଏସବିଆଇ କ୍ଲବ ୬ ୱିକେଟରେ ବିଶ୍ୱଭାରତୀ କ୍ଲବକୁ ହରାଇଦେଇଛି। ବିଶ୍ୱଭାରତୀ ୪୪.୫ ଓଭରରେ ୧୭୦ ରନରେ ସୀମିତ ରହିଥିଲା। ପ୍ରବୀଣ ଲୁହା (୬୨ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏସ୍‌ବିଆଇ ୩୦.୩ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜ କ୍ଲବ ୨୬ ରନରେ ଆମେଚର କ୍ଲବକୁ ମାତ୍ ଦେଇଛି। ୫ ୱିକେଟ୍ ସଫଳତା ପାଇ ସନ୍‌ରାଇଜର ଆକାଶ ତ୍ରିପାଠୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସମସ୍ତଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା।

## କେଉଁଠି ଅଛନ୍ତି ଆର୍‌ସିବିର ଯଶ୍ ଦୟାଲ

**ଲକ୍ଷ୍ନୌ,୨୧।୩(ଏଜେନ୍ସି):** କେଉଁଠି ଅଛନ୍ତି ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫାଷ୍ଟ ବୋଲର ଯଶ ଦୟାଲ? ଆଇପିଏଲ୍‌ର ନୂଆ ସିଜନ ଲାଗି ବେଙ୍ଗାଲୁରୁରେ ଆର୍‌ସିବିର କ୍ୟାମ୍ପ ଆରମ୍ଭ ହୋଇଯାଇଛି। ବିଦେଶୀ ଖେଳାଳିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଭାରତୀୟ ଖେଳାଳି ଏହି କ୍ୟାମ୍ପରେ ଯୋଗଦେଇଛନ୍ତି। କ୍ୟାମ୍ପ ଦୁଇଦିନ ହେଲା ଆରମ୍ଭ ହେଲାଣି, କିନ୍ତୁ ଯଶ ଦୟାଲଙ୍କର ଦେଖାନାହିଁ। ସେ ଏବେ କେଉଁଠି ଅଛନ୍ତି, କ'ଣ କରୁଛନ୍ତି, ଏଥର ଆର୍‌ସିବି ପକ୍ଷରୁ ଆଇପିଏଲ୍ ଖେଳିବେ କି ନାହିଁ, ଏହି ପ୍ରଶ୍ନଗୁଡିକର ଉତ୍ତର କେହି ଦେଉ ନାହାନ୍ତି। ଦୟାଲଙ୍କ ଉପସ୍ଥିତି ସମ୍ପର୍କରେ ଆର୍‌ସିବିର କର୍ମକର୍ତ୍ତା କିମ୍ବା ଉତ୍ତରପ୍ରଦେଶ କ୍ରିକେଟ ସଂଘର କର୍ମକର୍ତ୍ତା କିଛି ସୂଚନା ଦେଇପାରୁ ନାହାନ୍ତି। ଏବେ ତାଙ୍କ ସମ୍ପର୍କରେ କେବେ ଜଣାପଡ଼ିବ ତାହା କହିବା ମୁସ୍କିଲ।



ଦୟାଲ ଶେଷଥର ଲାଗି ଗତଥରର ଆଇପିଏଲ୍‌ରେ ଆର୍‌ସିବି ପକ୍ଷରୁ ଖେଳିଥିଲେ। ଏହା ପରେ ଏଯାଏ ସେ ଆଉ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି, କିମ୍ବା ସର୍ବସାଧାରଣରେ ଦେଖାଯାଉ ନାହାନ୍ତି। କିନ୍ତୁ ଏହା ମଧ୍ୟରେ ତାଙ୍କ ବାହାଘର ଶ୍ୱେତା ପୁନ୍ଦିରଙ୍କ ସହ ହୋଇଯାଇଛି। ଶ୍ୱେତା ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିବା ଏକ ଭିଡିଓରୁ ଜଣାଯାଇଛି, ଦୟାଲ ଜଣେ ସାଇଡ୍‌ଆର୍ମ ସ୍ପେଶାଲିଷ୍ଟଙ୍କଠାରୁ ଥ୍ରୋଡାଉନ୍ ଗ୍ରହଣ କରୁଛନ୍ତି। ଏତିକି କାର୍ଯ୍ୟଛଡ଼ା ତାଙ୍କ କ୍ରିକେଟ ସମ୍ପର୍କରେ ଆଉ କିଛି ସୂଚନା ନାହିଁ। ବେଙ୍ଗାଲୁରୁରେ ଆର୍‌ସିବି ଚାମ୍ପିଅନ ହେବାର କିଛି ଦିନ ପରେ ତାଙ୍କ ନାମରେ ଏକ ଧର୍ଷଣ ଅଭିଯୋଗ ହୋଇଥିଲା। ଏହି କେଶ ଏବେ ମଧ୍ୟ ଚାଲିଛି। ଯାହା ଫଳରେ ତାଙ୍କ ନିଜ ରାଜ୍ୟ ଉତ୍ତରପ୍ରଦେଶ କ୍ରିକେଟ ସଂଘ ତାଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ରାଜ୍ୟ ଦଳରେ ସାମିଲ କରିନାହିଁ। ଯାହା ଫଳରେ ଭାରତର କୌଣସି ପ୍ରକାର କ୍ରିକେଟ ଟିମ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଇ ନାହିଁ। ଆର୍‌ସିବି ତାଙ୍କୁ ୫ କୋଟି ଟଙ୍କା ବିନିମୟରେ କିଣିଥିଲା। ଏବେ ଦଳର ପ୍ରମୁଖ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍ ଆଘାତ ଜନିତ କାରଣରୁ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଖେଳାଯିବାକୁ ଥିବା ମ୍ୟାଚ୍ ଖେଳିପାରିବେ ନାହିଁ।

ଏହି ସମୟରେ ଦୟାଲଙ୍କର ଆବଶ୍ୟକତା ରହିଛି। କିନ୍ତୁ ଧର୍ଷଣ ଅଭିଯୋଗ ପରେ ସେ ଫେରାର ହୋଇଯାଇଛନ୍ତି। ନ୍ୟାସନାଲ କ୍ରିକେଟ ଏକାଡେମୀ କିମ୍ବା ତାଙ୍କ ପ୍ରଥମ କ୍ରିକେଟ କୋଚ୍‌ଙ୍କ ପାଖରେ ଦୟାଲଙ୍କ ଠିକଣା ନାହିଁ। ଏବେ ସେ ଆଇପିଏଲ୍ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ୍।

■ ଏଏଫ୍‌ସି ମହିଳା ଏସିଆନ କପ୍

## ଜାପାନ ଚାମ୍ପିଅନ

**ସିଡ୍‌ନୀ,୨୧।୩(ଏଜେନ୍ସି):** ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ପରାସ୍ତ କରି ଜାପାନ ଏଏଫ୍‌ସି ମହିଳା ଏସିଆନ୍ କପ୍ ଫୁଟବଲରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହାକୁ ମିଶାଇ ଜାପାନ ତୃତୀୟ ଥର ଏସିଆ ମହିଳା ଫୁଟବଲର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛି। ଆଜିର ଫାଇନାଲ ମୁକାବିଲାରେ ବିଜୟୀ ଜାପାନ ଦଳ ପକ୍ଷରୁ ମାଇକା ହାମାନୋ ଲଙ୍ଗ ରେଞ୍ଜରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ଫେବରାଇଟ୍ ବିବେଚନା କରାଯାଉଥିଲା ବେଳେ ଏହି ପରାଜୟ ଖେଳାଳି ଓ ଷ୍ଟାଡିୟମ୍‌ରେ ୭୪,୩୫୭ଜଣ ସମର୍ଥକଙ୍କ ମନୋବଳ ଭାଙ୍ଗିଦେଇଛି। ଜାପାନର ରକ୍ଷଣଭାଗ ଫାଇନାଲରେ ପାହାଡ ପରି ଅଷ୍ଟ୍ରେଲୀୟ ଆକ୍ରମଣକୁ ପ୍ରତିହତ କରିଥିଲା।

କଳିଙ୍ଗରେ ଜାତୀୟ ପାରା ଆଥ୍‌ଲେଟିକ୍ସ ଉଦଯାପିତ

## ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୬ ପଦକ

**ଭୁବନେଶ୍ୱର, ୨୧।୩ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗତ ୪ ଦିନ ଧରି ଚାଲିଥିବା ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଓଡ଼ିଶା ଅନ୍ତିମ ଦିବସରେ ୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୬ଟି ରୌପ୍ୟ ପଦକ ରହିଛି। ସେହିଭଳି ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ଉପରେ ୧୬ଟି ପଦକ ବିଜୟୀ ହେବାରେ ସଫଳ ହୋଇଛି। ଏଥିରେ ୪ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି।



ଅନ୍ତିମ ଦିବସରେ ଓଡ଼ିଶା ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ସୁଚିତ୍ରା ପରିଡ଼ା ବିଜୟୀ ହୋଇଥିଲେ। ମହିଳା ଜାଭେଲିନ୍ ଥ୍ରୋ ଏଫ୍-୫୬ ବର୍ଗରେ ସୁଚିତ୍ରା ୧୭.୮୦ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଜାନକୀ ଓରାମ ପ୍ରଭାବୀ ପ୍ରଦର୍ଶନ କରି ୨ଟି ରୌପ୍ୟ ପଦକ ଜିତିଥିଲେ। ଜାନକୀ ମହିଳା ଲଙ୍ଗଜମ୍ପ ଟି୧୧ ଓ ଟି୧୨ ବର୍ଗରେ ଏବଂ ୨୦୦ ମିଟର ରେସରେ ଏହି ଦୁଇଟି ପଦକ ସଫଳତା ପାଇଥିଲେ। ଅପରପକ୍ଷରେ ମହିଳା ୨୦୦ ମିଟର (ଟି୪୭)ରେ ଜୟନ୍ତୀ ବେହେରା, ପୁରୁଷ ୫୦୦ ମିଟରରେ (ଟି୧୧) ଯଦୁନାଥ ମାଝି, ପୁରୁଷ ୨୦୦ ମିଟରରେ (ଟି୩୭) ସ୍ୱସ୍ତିକ ସାହୁ ଏବଂ ପୁରୁଷ ଲଙ୍ଗଜମ୍ପରେ (ଟି୪୭) ସ୍ୱାଧୀନ ମହର ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ।

## ଦକ୍ଷିଣ ଆଫ୍ରିକାରେ ଭାରତ ଖେଳିବ ଗୋଟିଏ ଟେଷ୍ଟ ୩ଟି ଦିନିକିଆ

**ଜୋହାନ୍ସବର୍ଗ,୨୧।୩(ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତସୂଚୀ ଘୋଷଣା କରିଛି କ୍ରିକେଟ ବୋର୍ଡ। ଡିସେମ୍ବର ୯ରୁ ୨୩ ତାରିଖଯାଏ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଏହି ଟୁର୍‌ରେ ୩ଟି ଦିନିକିଆ ଓ ଗୋଟିଏ ଟେଷ୍ଟ ମ୍ୟାଚ୍ ଆୟୋଜିତ ହେବ। ଦିନିକିଆ ମ୍ୟାଚ୍ ଗୁଡିକ ଡିସେମ୍ବର ୯ରେ ପୋଚେଫଷ୍ଟ୍ରୁମ୍, ୧୨ରେ ବ୍ଲୋଏମଫୋଣ୍ଟେନ, ୧୫ରେ କେପ୍‌ଟାଉନ୍‌ରେ ଆୟୋଜିତ ହେବ। ଏକମାତ୍ର ଟେଷ୍ଟ ମ୍ୟାଚ୍‌ଟି ଡିସେମ୍ବର ୨୦ରୁ ୨୩ ତାରିଖଯାଏ ଜେବେରହା (ପୋର୍ଟ ଏଲିଜାବେଥ)ରେ ଖେଳାଯିବ ବୋଲି ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀରୁ ଜଣାଯାଇଛି।

## ଫାନୀ ଟି-୨୦ରେ ସର୍ବକନିଷ୍ଠ ଶତକ ହାସଲକାରୀ

**ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି):** ପୂର୍ବ-ଆଫ୍ରିକୀୟ ରାଷ୍ଟ୍ର ରାୱାଣ୍ଡାର ମହିଳା କ୍ରିକେଟର୍ ଫାନୀ ଉତାଗୁଶିମାନିନଡେ ଅନ୍ତର୍ଜାତୀୟ ଟି-୨୦ରେ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ନାଇଜେରିଆରେ ଅନୁଷ୍ଠିତ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଫାନୀ ପଦାର୍ପଣରେ ଘାନା ବିପକ୍ଷରେ ୬୫ ବଲରେ ୧୧୧ ରନ କରିଥିଲେ। ସେ ଉଭୟ ପୁରୁଷ ଓ ମହିଳା ଟି-୨୦ କ୍ରିକେଟ୍‌ରେ ସର୍ବକନିଷ୍ଠ (୧୫ ବର୍ଷ ୨୨୩ ଦିନ) ଶତକ ହାସଲକାରୀ ହୋଇଛନ୍ତି।

## ଏଲ୍‌ଏଲ୍‌ସିସି କପ୍ କ୍ୱାର୍ଟରରେ ସୋଲାର

**ଭୁବନେଶ୍ୱର, ୨୧।୩ (ସମିସ):** ଆଇଆର୍‌ସି ଭିଲେଜ ଗ୍ରାଉଣ୍ଡରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋଲାର କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚରେ ସୋଲାର ୮ ୱିକେଟରେ ବିଶ୍ୱଭାରତୀ କ୍ଲବକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱଭାରତୀ ୩୦ ଓଭରରେ ୭ ୱିକେଟ ହରାଇ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଗୁରୁପ୍ରସାଦ ସାହୁ ୬୦ ଓ ଅଂଶୁମାନ ନାହାକ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ସୋଲାର ବୀରଭଦ୍ର ସାହୁ ୩ଟି, ପ୍ରିୟାଂଶୁ ବିଶ୍ୱାଳ ୨ଟି ୱିକେଟ୍ ନେଇଥିଲେ। ଜବାବରେ ସୋଲାର ଦଳ ୨୩.୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଶାଶ୍ୱତ ଗିରି ୬୬ ବଲରେ ୧୦୪ ରନର ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ। ସେ ୨୬ଟି ଚୌକା ମାରି କେବଳ ବାଉଣ୍ଡାରୀ ଜରିଆରେ ଏହି ରନ ସଂଗ୍ରହ କରିଥିଲେ। ଆକାଶ ଟୁଡୁ ୪୮ ରନ କରି ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଶାଶ୍ୱତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ମୋନାଲିସା ରାଉତ ଓ କ୍ରିକେଟର୍ ଶାନ୍ତନୁ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ।




## ସନ୍ଦୀପ, ସମୀକ୍ଷା, ତପନଙ୍କୁ ଓସ୍‌ଜା ଦାୟିତ୍ୱ

**ଭୁବନେଶ୍ୱର, ୨୧।୩ (ସମିସ):** ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ୨୦୨୫-୨୬ ଆର୍ଥିକବର୍ଷର ଆୟବ୍ୟୟ ଉପସ୍ଥାପନ ସହିତ ଆସନ୍ତାବର୍ଷ ଲାଗି କାର୍ଯ୍ୟଖସଡ଼ା ନିର୍ଦ୍ଧାରଣ କରାଯାଇଥିଲା। ଏହି ଅବସରରେ ୨୦୨୬-୨୮ ଲାଗି ଓସ୍‌ଜାର କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏଥିରେ ସନ୍ଦୀପ ମିଶ୍ର ସଭାପତି ପଦ ବଜାୟ ରଖିଥିଲାବେଳେ ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ତପନ ସ୍ୱାଇଁ ସମ୍ପାଦକ, ସୁରେଶ ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟପଦାଧିକାରୀଙ୍କ ମଧ୍ୟରେ ଉପସଭାପତି ଭାବେ ହିମାଂଶୁ ପତିମିଶ୍ର, ସଞ୍ଜୀବ ବିଶ୍ୱାଳ, ଦେବୀପ୍ରସନ୍ନ ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ଶୁଭଲକ୍ଷ୍ମୀ ବଳ, ଦେବାଶିଷ ସୁନ୍ଦରାୟ, ବିମଳ କୁମାର ରାଉଳଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ବରିଷ୍ଠ ସାମ୍ବାଦିକ କେ. ରବି, ସମ୍ବିତ ମହାପାତ୍ର, ଜ୍ଞାନରଞ୍ଜନ ମିଶ୍ର, ଡି, ନିରଞ୍ଜନ ରେଡ୍ଡୀ, ଶକ୍ତିପ୍ରସାଦ ନନ୍ଦ, ବେଣୁଧର ଦାସ, ତୁଷାର କୁମାର ସେନାପତି ସ୍ଥାନ ପାଇଛନ୍ତି। ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲାବେଳେ ସମୀକ୍ଷା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS